# ସଂଚାର
THE SANCHAR

Website: sanchar.live    mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

Vol. 33 | ISSUE 208 | ଭାଗ ୩୩ | ସଂଖ୍ୟା ୨୦୮ | Wednesday 22 October 2025 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୨୨ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଆରପାରିରେ ଆସ୍ରାନି
ପୃଷ୍ଠା ୬



## ରାସ୍ତାରେ ଅଟକି ଦୁଃଖ ଶୁଣିଲେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର,୨୧।୧୦(ସଂଚାର ବ୍ୟୁରୋ):** ନିଜ ଜନ୍ମମାଟି କେନ୍ଦୁଝରର ରାଇକଳା ଯିବା ବେଳେ ରାସ୍ତାରେ ଅଟକି ଅଭିଯୋଗ ଶୁଣିଲେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପରିଚିତ ମୋହନ ଚରଣ ମାଝୀ। ପୂର୍ବାହ୍ନ ୧୦ଟା ସମୟରେ ସର୍କିଟ ହାଉସରୁ ରାଇକଳା ଯିବା ରାସ୍ତାରେ ଅଭିଯୋଗ ନେଇ ଠିଆ ହୋଇଥିବା ଲୋକଙ୍କ ପାଖେ ଅଟକି ସେମାନଙ୍କ ଦୁଃଖ ଶୁଣିଥିଲେ ମୋହନ। ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସେସବୁର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ରାଇକଳାରେ ଗୋବର୍ଦ୍ଧନ ପୂଜାରେ ସେ ଯୋଗ ଦେଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ବେଶ୍ କିଛି ସମୟ ରହିବା ସହ ନିଜ ଲୋକଙ୍କ ସହ ମିଶିଥିଲେ। ପୂଜା ପରେ ମୁଖ୍ୟମନ୍ତ୍ରୀ ରାଇକଳାରୁ ସନ୍ଧ୍ୟା ୬ଟାରେ ଫେରି କେନ୍ଦୁଝରର ବିଭିନ୍ନ କାଳୀପୂଜା ମଣ୍ଡପ ବୁଲିଥିଲେ। ଜନ୍ମମାଟି ରାଇକଳାରେ ମୁଖ୍ୟମନ୍ତ୍ରୀ ଦୀପାବଳି ପାଳନ କରିବା ସହ କୁଡୁମୀ ସମ୍ପ୍ରଦାୟର ଗୋଠପୂଜାରେ ବି ସାମିଲ ହୋଇଥିଲେ। ପରେ ସେ ନିଜେ ମାଦଳ ବଜାଇ ଲୋକଙ୍କ ଗହଣରେ ଦୀପାବଳିର ଆନନ୍ଦ ଉଠାଇଥିଲେ।

## ସୁଧୁରୁନି ଇସ୍କନ୍ (ତିଥି ବଦଳରୁ ନିବୃତ୍ତ ରୁହ

### ପୁଣି ଚିଠି ଲେଖିଲେ ଗଜପତି

### ଦ୍ୱିତୀୟା ତିଥିରୁ ୯ ଦିନ ଭିତରେ ରଥଯାତ୍ରା ପାଇଁ ପରାମର୍ଶ

**ପୁରୀ,୨୧।୧୦(ସଂଚାର ବ୍ୟୁରୋ):** ଇସ୍କନର ଅଦିନିଆ ରଥଯାତ୍ରାକୁ ନେଇ ପୁଣି କ୍ଷୁବ୍ଧ ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ଦିବ୍ୟସିଂହ ଦେବ। ଦେଶ ଓ ବିଦେଶରେ ଇସ୍କନ ପକ୍ଷରୁ ସ୍ନାନ ଯାତ୍ରା ଓ ରଥଯାତ୍ରା ନିର୍ଦ୍ଧାରିତ ତଥିରେ କରିଥିବା ଅପିଲ ଉତ୍ତର ଦେଇଛନ୍ତି ମାୟାପୁରସ୍ଥିତ ଇସ୍କନ ପରିଚାଳନା କମିଟିର ଅଧ୍ୟକ୍ଷ ଗୋବର୍ଦ୍ଧନ ଦାସ। ଗତ ୧୯ ତାରିଖରେ ପୁରୀ ଗଜପତିଙ୍କୁ ଏକ ଚିଠିରେ ଇସ୍କନ ପରିଚାଳନା କମିଟି ଅଧ୍ୟକ୍ଷ ସ୍ନାନଯାତ୍ରାକୁ ନିର୍ଦ୍ଧାରିତ ତିଥି ଅର୍ଥାତ ଜ୍ୟେଷ୍ଠ ପୂର୍ଣ୍ଣିମାରେ କରିବାକୁ ସହମତି ହୋଇଛି। କିନ୍ତୁ ବିଦେଶରେ ରଥଯାତ୍ରାକୁ ନିର୍ଦ୍ଧାରିତ ତିଥ ଅର୍ଥାତ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥି କିମ୍ବା ଶ୍ରୀଜଗନ୍ନାଥଙ୍କ ନବଦିନାତ୍ମକ ଯାତ୍ରାର ନିର୍ଦ୍ଧାରିତ ନଅ ଦିନ ମଧ୍ୟରେ ରଥଯାତ୍ରା କରିବାକୁ ଗଜପତି କରିଥିବା ଅପିଲକୁ ଇସ୍କନ୍ କର୍ତ୍ତୃପକ୍ଷ ପାଳନ କରିବାକୁ ନିଜର ଅକ୍ଷମତା ପ୍ରକାଶ କରିଛନ୍ତି। ଇସ୍କନ କର୍ତ୍ତୃପକ୍ଷଙ୍କ ଏହି ଚିଠିର ପ୍ରତ୍ୟୁତ୍ତର ଦେଇଛନ୍ତି ଗଜପତି। ବିଦେଶରେ କେବଳ ସପ୍ତାହର ଶେଷ ଦିନରେ ରଥଯାତ୍ରା କରାଯାଇପାରିବ ବୋଲି ଇସ୍କନ ପକ୍ଷରୁ କୁହାଯାଇଛି।

କିନ୍ତୁ ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରୁ ଆରମ୍ଭ ହେଉଥିବା ନଅ ଦିନ ମଧ୍ୟରେ ପଡୁଥିବା ସପ୍ତାହାନ୍ତରେ ବିଦେଶରେ ରଥଯାତ୍ରା କରିବାକୁ ଗଜପତି ମହାରାଜ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ନିର୍ଦ୍ଧାରିତ ନଅ ଦିନ ବାହାରେ ରଥଯାତ୍ରା କରାଯିବା ଶ୍ରୀଜଗନ୍ନାଥ ସଂସ୍କୃତି ବିରୋଧୀ ବୋଲି ଗଜପତି କହିଛନ୍ତି। ବିଦେଶରେ ଲୋକଙ୍କ



ଉପସ୍ଥିତି, ପ୍ରଶାସନିକ ଅନୁମତି, ସେଠାକାର ପରମ୍ପରାକୁ ଦୃଷ୍ଟିରେ ରଖି ସପ୍ତାହନ୍ତରେ ରଥଯାତ୍ରା କରାଯାଉ। କିନ୍ତୁ କୌଣସି ପରିସ୍ଥିତିରେ ନିର୍ଦ୍ଧାରିତ ନଅ ଦିନର ତିଥିକୁ ପରିବର୍ତ୍ତନ କରାଯିବା ଉଚିତ ନୁହେଁ। କୃଷ୍ଣ ଚେତନା କିମ୍ବା ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଇସ୍କନର ଏକମାତ୍ର କାର୍ଯ୍ୟକ୍ରମ ନୁହେଁ। ହରିନାମ ସଂକୀର୍ତ୍ତନ, ପ୍ରବଚନ, ବିଭିନ୍ନ ଧାର୍ମିକ ପୁସ୍ତକ ବଣ୍ଟନ ଭଳି କାର୍ଯ୍ୟକ୍ରମ ବର୍ଷତମାମ ଜାରି ରହିଛି। କିନ୍ତୁ ଏହି କାର୍ଯ୍ୟକ୍ରମ ମଧ୍ୟରେ ରଥଯାତ୍ରାର ପରମ୍ପରା ଓ ପବିତ୍ରତାକୁ ନଷ୍ଟ କରାଯାଇପାରିବ ନାହିଁ ବୋଲି ଗଜପତି କହିଛନ୍ତି। ସେହିଭଳି ବିଭିନ୍ନ ଇସ୍କନ ମନ୍ଦିରରେ ପ୍ରତିଷ୍ଠା ପାଇଥିବା ଉତ୍ସବ ବିଗ୍ରହକୁ ନେଇ ଯାତ୍ରା କରି ତାହାକୁ ରଥଯାତ୍ରାର ନାମ ଦେଇ ଭକ୍ତ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ନକରିବାକୁ ଗଜପତି ଅପିଲ କରିଛନ୍ତି। ପରିଚାଳନା କମିଟିର ନିଷ୍ପତ୍ତି ଅନୁଯାୟୀ ଗତ ସେପ୍ଟେମ୍ବର ୬ ତାରିଖରେ ଇସ୍କନକୁ ଲେଖାଯାଇଥିବା ଚିଠିରେ ସବୁ କିଛି ସ୍ପଷ୍ଟ କରାଯାଇଥିଲା। ଏପରିକି ଶ୍ରୀମନ୍ଦିରରେ ପୂଜା ପାଉଥିବା ଚତୁର୍ଦ୍ଧା ଦାରୁ ବିଗ୍ରହ ହେଉଛନ୍ତି ମୂଳ ବିଗ୍ରହ। ମୂଳ ବିଗ୍ରହକୁ ଶ୍ରୀମନ୍ଦିର ଗର୍ଭଗୃହରୁ କେବେ ସ୍ଥାନାନ୍ତର କରାଯାଏ ନାହିଁ। କେବଳ ମହାପ୍ରଭୁଙ୍କ ନିର୍ଦ୍ଦେଶରେ ବର୍ଷକୁ ଦୁଇଟି ପବିତ୍ର ତିଥିରେ ହିଁ ମୂଳ ବିଗ୍ରହଙ୍କୁ ଗର୍ଭଗୃହରୁ ବାହାରକୁ ଅଣାଯାଇଥାଏ। ତେଣୁ ନିର୍ଦ୍ଧାରିତ ତିଥିକୁ ବାଦ ଦେଇ ଅନ୍ୟ ଦିନରେ ମୂଳ ବିଗ୍ରହକୁ ସେମାନଙ୍କ ଆଶନରୁ ସ୍ଥାନାନ୍ତର କରାଯିବା ଉଚିତ ନୁହେଁ।

ସେହିଭଳି ମହାଶିବରାତ୍ରୀ, ଜନ୍ମାଷ୍ଟମୀ, ରାମ ନବମୀ, ଗଣେଶ ଚତୁର୍ଥୀ, ହୋଲି, ଦୀପାବଳି, ଦୁର୍ଗାପୂଜା, ଦଶହରା, ବସନ୍ତ ପଞ୍ଚମୀ ଭଳି ପବିତ୍ର ଦିନଗୁଡ଼ିକ ସାରା ବିଶ୍ୱରେ କ୍ୟାଲେଣ୍ଡର ନିର୍ଦ୍ଧାରିତ ଦିନ ବା ତିଥିରେ ଅନୁଷ୍ଠିତ ହୋଇଥାଏ। ଖ୍ରୀଷ୍ଟମାସ ହେଉ କି ବୈଶାଖୀ, ନିର୍ଦ୍ଧାରିତ ଦିନରେ ହିଁ ➭ପୃଷ୍ଠା-୬

## ପ୍ରାର୍ଥିପତ୍ର ଦାଖଲ ପରେ ବଢ଼ିଲା କଳି

### ରାଜଧାନୀରୁ ନୂଆପଡା କମ୍ପୁଛି

### ସିଇଓ ଦପ୍ତରରୁ ଥାନା ଯାଏ ଧାଁଦଉଡ଼

**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ନୂଆପଡା ଉପନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ପରେ ଏବେ ରାଜନୀତି କଳି ଆରମ୍ଭ ହୋଇଛି। ଶାସକ ବିଜେପି ଓ ବିରୋଧୀ ବିଜେଡି ପରସ୍ପର ବିରୁଦ୍ଧରେ ବିଷ ଓଗାଳିବା ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଠାରୁ ଆରମ୍ଭ କରି ଥାନା ଫାଣ୍ଡିରେ ଅଭିଯୋଗ ଦେବା ଆରମ୍ଭ କରିଛନ୍ତି। ଏହି କଳି ଆଗକୁ ଆହୁରି ଜୋରଦାର ହେବା ନେଇ ଆଶଙ୍କା ଦେଖାଦେଇଛି।

ଉପନିର୍ବାଚନରେ ଲଢ଼ିବା ପାଇଁ ମୋଟ ୧୯ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୧ ସ୍ୱାଧୀନ ଓ ୮ ଦଳୀୟ ପ୍ରାର୍ଥୀ ରହିଛନ୍ତି। ତେବେ ଲଢେଇ ମୁଖ୍ୟତଃ ବିଜେପି, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ହେବ। ତେଣୁ ଏହି ତିନି ଦଳର ପ୍ରାର୍ଥୀ ଓ ସମର୍ଥକମାନେ ମଇଦାନ କମ୍ପାଇବା ଆରମ୍ଭ କରିଛନ୍ତି। ତେବେ ପ୍ରାର୍ଥୀ ପ୍ରତ୍ୟାହାର ପାଇଁ ସମୟ ଥିବା ବେଳେ ଏବେ ରାଜନୈତିକ କଳି ଆରମ୍ଭ ହୋଇଯାଇଛି। ବିଜେପି ଓ ବିଜେପି କଳିରେ ମାତିଛନ୍ତି।

ବିଜେଡି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ବିରୁଦ୍ଧରେ ଫେରାଦ ହୋଇଛି। ଶ୍ରୀ ଗଣ୍ଡ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବା ଅଭିଯୋଗ କରିଛି ବିଜେଡି। ସେହିଭଳି ବିଜେଡି ସୋସିଆଲ ମିଡିଆର ଜଣେ ମହିଳା କର୍ମୀଙ୍କୁ ବିଜେପି କର୍ମିମାନେ ମରଣାନ୍ତକ ଆକ୍ରମଣ କରିବା ନେଇ ମଧ୍ୟ ଦଳ ପୁଲିସ୍ ମହାନିର୍ଦ୍ଦେଶକଙ୍କ ନିକଟରେ ଫେରାଦ ହୋଇଛି।

ବିଜେପି ବି ଏହି ଦୌଡ଼ରେ ପଛରେ ନାହିଁ। କଂଗ୍ରେସ ପ୍ରାର୍ଥୀ ଘାଷିରାମଙ୍କ ପ୍ରାର୍ଥୀପତ୍ର ନାକଚ ଦାବି କରିଛି ଶାସକ ଦଳ। ଏଥିସହ ଏନେଇ ଥାନାରେ ମାମଲା ବି ରୁଜୁ କରିଛି। କଂଗ୍ରେସ ବର୍ତ୍ତମାନ ସୁଦ୍ଧା ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ସେହିଭଳି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସଙ୍କ ବିରୁଦ୍ଧରେ ବିଷ ଓଗାଳିଛି ବିଜେପି। ସାମ୍ବାଦିକ ସମ୍ମିଳନୀ କରି ଗୌତମଙ୍କ ବକ୍ତବ୍ୟକୁ ନିନ୍ଦା କରିଛି ଦଳ। ପ୍ରାର୍ଥିପତ୍ର ଦାଖଲ ପରଦିନ ଦୁଇ ଦଳ ଏଭଳି କଳିରେ ମାତିଥିବା ବେଳେ ଆଗାମୀ ଦିନରେ କଂଗ୍ରେସ କଳି ମଇଦାନକୁ ଆସିବା ନେଇ ସୂଚନା ମିଳିଲାଣି। ପୂର୍ବରୁ ବିଜେଡି ମଧ୍ୟ ନୂଆପଡାରେ ଗୋରୁ ମରିବାକୁ ନେଇ ବିଜେପି ଆଡକୁ ତେରେଛା ବାଣ ମାରିଥିଲା। ତେବେ ବିଧିବଦ୍ଧ ଭାବେ ଏ ନେଇ କୌଣସିଠାରେ ଅଭିଯୋଗ କରିନଥିଲା। ➭ପୃଷ୍ଠା-୬

### ଚୌଦ୍ୱାର ଜେଲରୁ କଏଦୀ ଫେରାର (ଏପିସୋଡ୍-୧)

## ଜେଲରେ ଦୁର୍ଗାପୂଜା ପାଇଁ କିଏ ଦେଇଥିଲା ଅନୁମତି?

**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ଚୌଦ୍ୱାର ଜେଲରୁ ଦୁଇ ଜଣ ବିହାରୀ କଏଦୀ ଫେରାର ହେବା ଘଟଣାକୁ ନେଇ ଜେଲ ସୁରକ୍ଷା ବ୍ୟବସ୍ଥା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଯାଏ ଦୁଇ କଏଦୀଙ୍କ ଟେର ପାଉନି ପୁଲିସ। ଏଭଳି ଏକ ସ୍ପର୍ଶକାତର ଘଟଣାରେ 'ସଂଚାର' ହାତରେ ଲାଗିଛି କିଛି ରୋଚକ ତଥ୍ୟ। ଚୌଦ୍ୱାର ଜେଲ ଭଳି ହାଇ ସିକ୍ୟୁରିଟି ଜେଲରୁ କଏଦୀ ଫେରାର ହେବା କିଛି ଛୋଟ କଥା ନୁହେଁ। ଏବେ ଖୋଲତାଡ଼ରୁ ଅନେକ କଥା ସାମ୍ନାକୁ ଆସୁଛି। ସେ ଭିତରୁ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦୁର୍ଗାପୂଜା ଚାଲିଥିବା ସମୟରେ ଉକ୍ତ ଦୁଇ କଏଦୀ ଚମ୍ପଟ ମାରିଛନ୍ତି। ଏବେ ପ୍ରଶ୍ନ ଉଠୁଛି, ଜେଲରେ ଦଶହରା ପୂଜା ପାଇଁ କିଏ ଦେଇଥିଲା ଅନୁମତି।

ମିଳିଥିବା ସୂଚନାନୁଯାୟୀ, ଯେଉଁ ସମୟରେ କଏଦୀଦ୍ୱୟ ଫେରାର ହେଲେ, ସେତେବେଳେ ଚୌଦ୍ୱାର ଜେଲରେ ଦୁର୍ଗାପୂଜା ଚାଲିଥିଲା। ଜେଲ ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ଦୁର୍ଗାପୂଜା





ଆୟୋଜନ କରାଯିବା ସୁରକ୍ଷିତ ଥିଲା କି? ଏ ନିଷ୍ପତ୍ତି ଓ ପୂଜା ଆୟୋଜନର ଦାୟିତ୍ୱ କିଏ କାହାକୁ ଦେଇଥିଲା, ତା'ର ମଧ୍ୟ ତଦନ୍ତ ହେବା ଆବଶ୍ୟକ। ପୂଜା ପାଇଁ ଜେଲ ଭିତରକୁ ଟେଣ୍ଟ ସାମଗ୍ରୀ ଓ ଟେଣ୍ଟହାଉସ ଲୋକ, ପୂଜା ସାମଗ୍ରୀ ସହ ପୂଜକ ଓ ➭ପୃଷ୍ଠା-୬






## ବିଭିନ୍ନ ସ୍ଥାନରେ ମା' କାଳୀ ପୂଜା ଓ ଦୀପାବଳି ପାଳିତ

**ସାଲେପୁର,୨୧।୧୦(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ଦିପାବଳୀ ଓ ମା'କାଳୀଙ୍କର ପୂଜାଅର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ପକ୍ଷରୁ ବିଭିନ୍ନ ପୂଜା ମଣ୍ଡପକୁ ବିଭିନ୍ନ ପ୍ରକାର ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଏହି ଅବସରରେ ରୋଧପୁର କାଳୀପୂଜା କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମା'ଙ୍କର ପୂଜା ଯଥାବିଧିରେ ଅନୁଷ୍ଠିତ ହୋଇଥିଲା। ସେହିପରି ଲୁଣାହାର ଗ୍ରାମର ସୁନ୍ଦରଖାଁ ଶ୍ମଶାନରେ ମା' ଶ୍ମଶାନ କାଳୀଙ୍କର ପୂଜା ଅନୁଷ୍ଠିତ ହୋଇଥିବା ବେଳେ, ଅଲ୍ଲୀପୁର ଠାରେ ମା'ଯୋଗମାୟାଙ୍କର ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି ମହନାପୁରସ୍ଥିତ ମା'କାଳୀଙ୍କ ମନ୍ଦିର, ପାଗା ହାଟସ୍ଥିତ ମା'କାଳୀଙ୍କ ମନ୍ଦିର ସମେତ ସାଲେପୁର ବ୍ଲକର ବିଭିନ୍ନ ସ୍ଥାନରେ ଦିପାବଳୀ ଉତ୍ସବ ଓ ମା'କାଳୀଙ୍କ ପୂଜା ଶାନ୍ତି ଶୃଙ୍ଖଳାର ସହ ହୋଇଯାଇଛି।

## ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଚୋରି

**କେନ୍ଦ୍ରାପଡ଼ା,୨୧।୧୦(ସଂଚାର ବ୍ୟୁରୋ):** ନିକିରାଇ ଥାନା ଅନ୍ତର୍ଗତ କୋରୋ ଗ୍ରାମର ଦିବାକର ଜେନାଙ୍କ ପୁଅ ଗୋଲେଖି ଚନ୍ଦ୍ର ଜେନାଙ୍କ ଘରେ କେହି ନଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ କବାଟ ତାଡି ଘରେ ପଶି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଛି । ଚୋରି ହୋଇଥିବା ଜିନିଷ ମଧରେ ଗୋଟିଏ ସୁନାହାର, ୨ଟି ସୁନା ଚେନ, ୧୨ଟା ସୁନା ମୁଦି ସମେତ ନଗଦ ୫ହଜାର ଟଙ୍କା ରହିଛି । ପଟ୍ଟାମୁଣ୍ଡାଇର ରଘୁନାଥ ପରିଡା ନିକିରାଇ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ଭିଣୋଇ ଗୋଲେଖି ସପରିବାର ବାଙ୍ଗାଲୋରରେ ରୁହନ୍ତି । ତାଙ୍କ କୋର ଗ୍ରାମରେ ଥିବା ପୈତୃକ ଘରେ କେହି ନଥିବାର ସୁଯୋଗନେଇ କୌଣସି ଦୁର୍ବୃତ୍ତ ଘରର କବାଟ ତାଲା ଭାଙ୍ଗି ଘରେ ପଶି ଘର ଭିତରେ ଥିବା ୨ଟି ଗୋଦରେଜ ଆଲମୀରା ଓ ୨ଟି ଟିଣ ବାକ୍ସ ଭାଙ୍ଗି ସେଥିମଧରେ ଥିବା ଉପରୋକ୍ତ ସୁନା ଅଳଙ୍କାର ଓ ନଗଦ ଅର୍ଥ ସହ ଅନ୍ୟାନ୍ୟ ସମସ୍ତ ଜିନିଷ ଚୋରି କରିନେଇଛି ।

### ନିମ୍ନମାନର ପିଚୁ ରାସ୍ତା ନେଇ ଅଭିଯୋଗ

# ବନ୍ଧୁକ ଦେଖାଇ ଭୟଭୀତ କଲା ଠିକାଦାରର ସହଯୋଗୀ

**କେନ୍ଦ୍ରାପଡା,୨୧।୧୦(ସଂଚାର ବ୍ୟୁରୋ):** କଳପଡ଼ାରୁ ଛଘରିଆ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜଳସମ୍ପଦ ବିଭାଗ ଦ୍ୱାରା ହେଉଥିବା ପିଚୁ ରାସ୍ତା ଅତି ନିମ୍ନମାନର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଠିକାଦାରର ମନମାନି ଏବଂ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହିବା ସ୍ଥାନୀୟ ଲୋକଙ୍କୁ ଚକିତ କରିଛି। ଦୁଇ କିଲୋମିଟର ପର୍ଯ୍ୟନ୍ତ ହେଉଥିବା ଏହି

### ରାସ୍ତା ଅବରୋଧ କଲେ ସ୍ଥାନୀୟ ଲୋକେ



ରାସ୍ତା ୧୬ ନମ୍ବର କେନାଲ କଡ଼ ଦେଇ ଯାଇଛି । ପୂର୍ବରୁ ଅଣଓସାରିଆ ଥିବା ରାସ୍ତା ଏବେ ସମ୍ପ୍ରସାରଣ କରାଯାଉଛି । ଜଗତସିଂହପୁରରୁ କେନ୍ଦ୍ରାପଡା ଜିଲ୍ଲାକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାକୁ ଠିକାଦାର ମନମୁଖୀ ଭାବେ ନିମ୍ନମାନର ପିଚୁ ରାସ୍ତା କରୁଥିବା କଳପଡ଼ା ଲୋକେ ଅଭିଯୋଗ କରିଛନ୍ତି।

ମଙ୍ଗଳବାର ପୂର୍ବାହ୍ନ ସମୟରେ ଏହି ରାସ୍ତା କାର୍ଯ୍ୟ ଆରମ୍ଭରୁ ଅତି ନିମ୍ନମାନର ହେଉଥିବା ବେଳେ କଳପଡା ଲୋକେ କାର୍ଯ୍ୟକୁ ବିରୋଧ କରିଥିଲେ । ସେହି ସମୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ଦେଖିବାକୁ ପାଇନଥିଲେ । ଯାହା ଫଳରେ ସ୍ଥାନୀୟ ଲୋକେ ଉପସ୍ଥିତ ଥିବା ଠିକାଦାରର ସହଯୋଗୀଙ୍କୁ ସଠିକ୍ ଭାବେ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। କିନ୍ତୁ ସେହି ସମୟରେ ଉପସ୍ଥିତ ଠିକାଦାରର ସହଯୋଗୀ ଉପସ୍ଥିତ ସ୍ଥାନୀୟ ଲୋକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ଯାହାଫଳରେ ଠିକାଦାରର ଦବଙ୍ଗଗିରି ଦେଖି କଳପଡ଼ା ଲୋକେ ଉତ୍ୟକ୍ତ ହେବା ସମୟରେ ବନ୍ଧୁକ ଦେଖାଇ ଭୟଭୀତ କରାଇଥିବା ଯୁବକ ଜଣକ ଘଟଣାସ୍ଥଳରୁ ଚଂପଟ ମାରିଥିଲେ।

ଏନେଇ ଲୋକେ ସ୍ଥାନୀୟ ସଦର ଥାନାକୁ ଖବର ଦେଇଥିଲେ । ଘଟଣାକୁ ଦୀର୍ଘ ସମୟ ବିତିଯାଇଥିଲେ ସୁଦ୍ଧା ଘଟଣାସ୍ଥଳକୁ ପୁଲିସ ଆସିନଥିଲା ଯାହା ଫଳରେ ବନ୍ଧୁକ ଧାରି ଚମ୍ପଟ ମାରିଥିଲା। ଦୀର୍ଘ ସମୟ ଅପେକ୍ଷା ପରେ କୌଣସି ପଦକ୍ଷେପ ଗ୍ରହଣ ନହେବାରୁ ଉତ୍ୟକ୍ତ ଲୋକେ ଆସିଥିବା ଦୁଇଟି ପିଚୁ ବୋଝେଇ ହାଇୱାକୁ ଅଟକ ରଖିବା ସହ ଉକ୍ତ କାର୍ଯ୍ୟକୁ ବନ୍ଦ ସହ ରାସ୍ତା ଅବରୋଧ ମଧ କରିଥିଲେ ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା ଯୋଗାଇଦେବେ ଚିତ୍ତରଞ୍ଜନ



**ମହାକାଳପଡ଼ା,୨୧।୧୦(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ସୁନିତି ପଞ୍ଚାୟତ ସୁବଳ ଗ୍ରାମର ନିରଞ୍ଜନ ମଣ୍ଡଳ, ବାବୁଲା ମଣ୍ଡଳ ଏବଂ ତପନ ମଣ୍ଡଳଙ୍କ ଘରେ ବୁଧବାର ଗ୍ୟାସ ଟାଙ୍କି ଫାଟି ନିଆଁ ଲାଗି ଘର ସମ୍ପୂର୍ଣ୍ଣ ଜଳି ପୋଡ଼ି ପାଉଁଶ ହୋଇ ଯାଇଛି। ଏଥିସହିତ ତାଙ୍କର ଧାନ, ଚାଉଳ, ଟଙ୍କା, ଦରକାରୀ କାଗଜପତ୍ର ସମେତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ଆଜି ଯୁବନେତା ତଥା ଆଇନଜୀବୀ ଚିତ୍ତରଞ୍ଜନ ଦାସ ଅଗ୍ନି ବିପନ୍ନ ପରିବାର ବର୍ଗଙ୍କୁ ଭେଟି ଆଶ୍ୱାସନା ଦେବା ସହିତ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଚନ୍ଦ୍ର ପ୍ରକାଶ ମୁଦୁଲି, ମମତା ପ୍ରତିହାରୀ, ଚିତ୍ତରଞ୍ଜନ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ● ଶ୍ରୀ ଜଗନ୍ନାଥ ଚାରିଟେବୁଲର ନିଆରା ପ୍ରୟାସ

## ଛଅ ବର୍ଷ ପରେ ଅସହାୟ ମାଆ ପାଳିଲା ଦୀପାବଳି

**କେନ୍ଦ୍ରାପଡ଼ା,୨୧।୧୦(ସଂଚାର ବ୍ୟୁରୋ):** ଦୀର୍ଘ ଛଅ ବର୍ଷ ପରେ ଜଣେ ଅସହାୟ ମାଆ ଦୀପାବଳି ପାଳି କିଛି ସମୟ ପାଇଁ ହେଉ ମଧ ମୁହଁରେ ଟିକିଏ ଖୁସି ଫେରିଛି। ଯାହା ସମ୍ଭବ ହୋଇ ପାରିଛି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନଙ୍କ ପାଇଁ।



ସୂଚନା ମୁତାବକ କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋପାଟଣା ଗ୍ରାମପଞ୍ଚାୟତ ଅଧୀନ କରିଲୋପାଟଣା ମଲ୍ଲଗଡାର ସୁଷମା ମଲ୍ଲ(୭୦) ଛଅ ବର୍ଷ ହେବ ସ୍ୱାମୀଙ୍କୁ ହରାଇ ଅସହାୟ ଭାବରେ ଜୀବନ କାଟୁଛନ୍ତି। ସନ୍ତାନ ସନ୍ତତି ନଥିବା ଏହି ଦୁଃଖିନୀ ମା'ଟି ସ୍ୱାମୀ ଚାଲିଯିବା ପରେ ପର୍ବପର୍ବାଣୀ ପାଳନ କଥା ଏକପ୍ରକାର ଭୁଲି ଯାଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅଭାବ ଅନଟନ ଭିତରେ ସ୍ୱାମୀ ଓ ସନ୍ତାନ ନଥିବା ମାଆଟି ପାଇଁ ଜୀବନ ଯେ କେତେ ଜଟିଳ ହୋଇପାରେ ତାହା ଏହି ସୁଷମା ମାଉସୀ ହିଁ ବୁଝି ସାରିଛନ୍ତି। ସମସ୍ତେ ଦୀପାବଳି ପାଳନ ପାଇଁ ପ୍ରସ୍ତୁତିରେ ବ୍ୟସ୍ତ ଥିବା ବେଳେ ସୁଷମା ଘରର ଚାରିକାନ୍ଥ ଭିତରେ ଭାଗ୍ୟର ଯନ୍ତ୍ରଣାକୁ ମନେ ପକାଇ ସମୟ କାଟୁଛନ୍ତି।

ଏମିତି ପରିସ୍ଥିତିରେ ତାଙ୍କ ନିକଟରେ ଆଶାର ଦୀପାଳି ନେଇ ପହଞ୍ଚିଥିଲେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା। ମା' ସୁଷୁମାଙ୍କ ପାଇଁ ନୂତନ ବସ୍ତ୍ର, ଦୁଇ ମାସର ରାସନ, ପନିପରିବା, ମିଷ୍ଟାନ୍ନ ଧରି ଦୀପାବଳିର ସମସ୍ତ ସରଞ୍ଜାମ ସହ ତାଙ୍କ ଭଙ୍ଗା କୁଡ଼ିଆରେ ପହଞ୍ଚିଥିଲେ। ଯିଏ ଦୀର୍ଘ ୬ ବର୍ଷ ହେବ ଦୀପର ଆଲୋକ କଣ ଭୁଲି ଯାଇଥିଲେ, ତାଙ୍କୁ ଟ୍ରଷ୍ଟର କର୍ମକର୍ତ୍ତାମାନେ ପୁଣି ତାଙ୍କ ମୁହଁରେ ହସ ଫୁଟାଇବାକୁ ଛୋଟ ପ୍ରୟାସ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳ ବାସୀ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟକୁ ଧନ୍ୟବାଦ ଜଣାଇଛନ୍ତି ।

## ଭିନ୍ନକ୍ଷମଙ୍କ ଗହଣରେ ଦୀପାବଳି ପାଳିଲେ ଜିଲ୍ଲାପାଳ



**କେନ୍ଦ୍ରାପଡ଼ା,୨୧।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରସଂସ୍ଥା ଦୃଷ୍ଟିବାଧିତ ବିଦ୍ୟାଳୟର ଅନ୍ତେବାସୀ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ଗହଣରେ ଜିଲ୍ଲାପାଳ ରଘୁରାମ ଆର. ଆୟାର ଆଲୋକର ପର୍ବ ଦୀପାବଳୀ ପାଳନ କରିଛନ୍ତି । ଜିଲ୍ଲାପାଳ ଶ୍ରୀ ଆୟାର ଦୀପ ପ୍ରଜ୍ୱଳନ ପୂର୍ବକ ଦୀପାବଳୀ ପାଳନର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାପାଳ କହିଲେ ଦୀପାବଳୀର ଆଲୋକ ଅଜ୍ଞାନ ରୂପକ ଅମା ଅନ୍ଧକାରକୁ ଦୂରକରି ଜ୍ଞାନ ରୂପକ ଆଲୋକ ପ୍ରଦାନ କରିଥାଏ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଆୟାର ୬୦ଜଣ ଦୃଷ୍ଟିବାଧିତ, ମାନସିକ ଅନଗ୍ରସର ଓ ଶ୍ରବଣବାଧିତ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ, ବାଣ ଓ ଶିକ୍ଷାପୋକରଣ ପ୍ରଦାନ କରିଥଲେ । ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ଯୋଗ ଦେଇ ଅଲୋକର ପର୍ବ ଦୀପାବଳୀ ସମସ୍ତଙ୍କ ଭବିଷ୍ୟତ ଉଜ୍ଜଳମୟ କରୁ ବୋଲି କାମନା କରିଥିଲେ। ଏଥିରେ କଜଳା ସ୍ଥିତ ନିମାଇଁ ଚରଣ ମାନସିକ ନ୍ୟୁନତା ସଂସ୍ଥାନ, ଦାଧିବାମନଜୀଉ ବଧିର ବିଦ୍ୟାଳୟ ଓ ପୌରସଂସ୍ଥା ଦୃଷ୍ଟିବାଧିତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜଙ୍ଗଲି ବାର୍ହାକୁ ନେଇ ଚାଷୀ ଭୟଭୀତ

**କେନ୍ଦ୍ରାପଡା,୨୧।୧୦(ସଂଚାର ବ୍ୟୁରୋ):** ଚାଷୀଙ୍କୁ କିଛିଦିନ ହେବ ଜଙ୍ଗଲି ବାରହା ଭୟ ବଢ଼ାଇଛି । ଚାଷ କ୍ଷେତରେ ବାରହା ବୁଲୁଥିବା ଦେଖି ଚାଷୀ ମାନେ ଆକ୍ରମଣ ଭୟରେ ଆଉ ନିଜ ଜମିକୁ ଯିବାକୁ ଡରୁଛନ୍ତି । କେଉଁ ସମୟରେ ବି ବୁଲୁଥିବା ବାରହା ଆକ୍ରମଣ କରିବେ ତାହା ମଧ କହିହେବ ନାହିଁ । ଏହି ବାରହା କୌଣସି ଘଞ୍ଚ ଜଙ୍ଗଲରୁ ଆସିଥିବା ସନ୍ଦେହ କରାଯାଉଛି । ଦୁଇରୁ ତିନୋଟି ବାରହା ଗରଦପୁର ବ୍ଲକ ଏବଂ ମାର୍ଶାଘାଇ ବ୍ଲକ ଅଂଚଳକୁ ଲାଗିକି ଥିବା ମଙ୍ଗରାଜପୁର, ପଦ୍ମପୁର, ବଟିରା, ଅନ୍ତେଇ ଏବଂ ବେଡ଼ାରୀ ପଂଚାୟତ ଅଧୀନରେ ଥିବା ଚାଷ ଜମିରେ ଚାଷୀ ମାନେ ବାରହା ବୁଲୁଥିବା ଦେଖିବାକୁ ପାଇଛନ୍ତି । ବର୍ତ୍ତମାନ କ୍ଷେତରେ ଧାନ ଫସଲ ଥିବା ବେଳେ ଏକାକୀ ଯିବାକୁ ଚାଷୀ ଭୟ କରୁଛନ୍ତି । କିଛି କିଛି ସ୍ଥାନରେ ବୁଲୁଥିବା ବାରହା ଧାନ ଫସଲ ନଷ୍ଟ ମଧ କରୁଥିବା ଚାଷୀ କହିଛନ୍ତି । ବନ ବିଭାଗ ତୁରନ୍ତ ବୁଲୁଥିବା ବାରହା କୁ କାବୁ କରି ନେବାକୁ ସ୍ଥାନୀୟ ଅଂଚଳର ଚାଷୀ ଦାବି କରିଛନ୍ତି।

## ଦ୍ୱୀପାଞ୍ଚଳରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ସାଲେପୁର,୨୧।୧୦ (ସଂଚାର ବ୍ୟୁରୋ):** ଦ୍ୱୀପାଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶାସ୍ତ୍ରୀଜୀ କଲ୍‌ଚରାଲ୍ ଆସୋସିଏସନ୍ ବୋଇଲୋ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଦୁଇଦିନ ଧରି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ୍ ୪୮ଟି ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଉଦ୍ ଘାଟନ କରିଥିବା ବେଳେ ଏଥିରେ ସମ୍ମାନୀତ ଅତିଥି ଭାବେ ସରପଞ୍ଚ ଅଶୋକ ଭୂୟାଁ, ମନମୋହନ ସ୍ୱାଇଁ ଯୋଗଦେଇଥିବା ବେଳେ କମଳାକାନ୍ତ ନାୟକ ଏହାକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ଅଶୋକ ପତି, ଅଶୋକ ସ୍ୱାଇଁ, ହେମନ୍ତ ନନ୍ଦ, ନିର୍ଦ୍ଦେଶକ ବିଶ୍ୱଜିତ୍ ଅଞ୍ଚଳ, ଅନୁଷ୍ଠାନର ପ୍ରତିଷ୍ଠାତା ଭାଗବତ ପରିଡ଼ା, ମୁରଲୀଧର ରାୟଗୁରୁ, ସୁକାନ୍ତ କିଶୋର ନାୟକ, ଗୋଲଖ ବିହାରୀ ପରିଡ଼ା, ସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ବିଜୟ



କୁମାର ପରିଡ଼ା, ଧ୍ରୁବ ଚରଣ ମହାପାତ୍ର ଉଭୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଅନୁଷ୍ଠାନର ସଭ୍ୟା ସଭ୍ୟ ଓ ଗ୍ରାମ ବାସୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ସଙ୍ଗୀତ, ନୃତ୍ୟ, ବିଜ୍ଞାନ ମେଳା, ପ୍ରବନ୍ଧ ଲିଖନ, ବକ୍ତୃତା ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଜେତା ମାନଙ୍କୁ ନଭେମ୍ବର ୧୪ତାରିଖରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

## ହନୁମାନ ବିଗ୍ରହ ପ୍ରତିଷ୍ଠା ପାଇଁ ଭୂମି ପୂଜନ

**ପଟ୍ଟାମୁଣ୍ଡାଇ,୨୧।୧୦ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାମୋଦର ପାଟଣା ଠାରେ ହନୁମାନ ବିଗ୍ରହ ପ୍ରତିଷ୍ଠା ପାଇଁ ଭୂମି ପୂଜନ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ପୀଠର ପିଠାଧୀଶ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସେବକ ଦିବ୍ୟରଞ୍ଜନ ନାୟକ, ବିଶ୍ୱରଂଜନ ନାୟକଙ୍କ ତତ୍ତ୍ୱାବଧାନରେ ଓ ପଦ୍ମନାଭ ନାୟକ, ଗୀତାଞ୍ଜଳି ନାୟକ ଙ୍କ ପୌରାହିତ୍ୟରେ ଆଜି ଦୀପାବଳୀ ଉପଲକ୍ଷେ ଆୟୋଜିତ ପୂଜାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଓ ଜନସାଧାରଣ ଯୋଗଦେଇ ପୂଜା ପାଠ କରିଥିଲେ। ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପର୍ଣ୍ଣ ହୋଇଥିଲା ।



### ଜିଲ୍ଲା ବୋଇତବନ୍ଦାଣ ସମିତିର ଜିଲ୍ଲାସ୍ତରୀୟ ପ୍ରତିଯୋଗୀ ସମାବେଶ

## ଭାଗନେଲେ ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ

**କେନ୍ଦ୍ରାପଡ଼ା,୨୧।୧୦ (ସଂଚାର ବ୍ୟୁରୋ):** ରାଜ୍ୟର ପୁରାତନ ସାଂସ୍କୃତିକ ଅନୁଷ୍ଠାନ ଜିଲ୍ଲା ବୋଇତ ବନ୍ଦାଣ ସମିତି କେନ୍ଦ୍ରାପଡାର ୫୬ତମ ବୋଇତ ବନ୍ଦାଣ ଉତ୍ସବର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ବିଭିନ୍ନ ବିଭାଗରେ ୫ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ ପ୍ରତିଯୋଗୀ ସମାବେଶ ଅନୁଷ୍ଠିତ ହୋଇଯାଇଛି।



ଏହି ପ୍ରତିଯୋଗିତାରେ ପ୍ରାଥମିକ ସ୍ତରରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ, ବକ୍ତୃତା, ସଂଗୀତ, ନୃତ୍ୟ(ଭଜନ), ଝୋଟି (ମୁରୁଜ) ଓ ମେହେନ୍ଦୀ ପ୍ରଭୃତି ବିଭାଗରେ ଅଂଶଗ୍ରହଣ କରିଥିଲେ। ଏଥିରେ ବିଚାରକ ଭାବରେ ଡ. ହିମାଂଶୁ ପରିଡା, ପ୍ରାଧାପକ ଡ. ଚୈତନ୍ୟ ଚରଣ ପରିଡା, ଡ. ଶ୍ରୀନିବାସ ମହାନ୍ତି, ଗବେଷକ ନିରଞ୍ଜନ ମେକାପ, ଶରତ ଚନ୍ଦ୍ର ଧଳ, ଅବନ୍ତୀ ବେହେରା, ଜୟଶ୍ରୀ ଦାସ, ମିନତୀପ୍ରଭା ସ୍ୱାଇଁ, ଅଜୟ ପଣ୍ଡା, ନିରଞ୍ଜନ ସାହୁ ଓ ରଣଧୀର ଜେନା ପ୍ରମୁଖ ଯୋଗଦେଇଥିଲେ। ବିଗତ ବର୍ଷମାନଙ୍କ ଭଳି କଲେଜର ଅଧକ୍ଷ ମଥୁରୀ ଚରଣ ନାୟକଙ୍କ ସମେତ ଅଧାପକ ଓ ଅଧାପିକାମାନେ ଏଥିରେ ସହଯୋଗ କରିଥିବାରୁ ସମିତି ପକ୍ଷରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

ଆସନ୍ତା ନଭେମ୍ବରମାସ ୫ତାରିଖରେ ବୋଇତ ବନ୍ଦାଣ ଉତ୍ସବ ସ୍ଥାନୀୟ ଟାଉନହଲ ପରିସରରେ ସକାଳ ୧୦ଟାରେ ଅନୁଷ୍ଠିତ ହେବା ସହିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ । ଏଥିସହିତ ସକାଳ ୮ଟାରେ ଜଜାଙ୍ଗସ୍ଥିତ ଆଦର୍ଶ ଜେନା ପୋଖରୀରେ ବୋଇତ ବନ୍ଦାଣ ଅନୁଷ୍ଠିତ ହେବ । ଏହି ଉତ୍ସବରେ ବହୁ ସଂଖ୍ୟାରେ ଯୋଗଦେବାକୁ ମୁଖ୍ୟଉପଦେଷ୍ଟା ନିବେଦନ କରିଛନ୍ତି ।

## ୨ଦିନିଆ ଡ୍ରାମା ମହୋତ୍ସବ ଉଦ୍‌ଯାପିତ



**ଡେରାବିଶ,୨୧।୧୦ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳୀ ହାଇସ୍କୁଲ ପଡ଼ିଆରେ ମହାଲକ୍ଷ୍ମୀ ନାଟ୍ୟ ପରିଷଦ ପକ୍ଷରୁ ଦୁଇଦିନିଆ ଡ୍ରାମା ମହୋତ୍ସବ ଗତକାଲି ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ ପ୍ରଥମ ଦିବସରେ ବ୍ଲକ ଉପାଧକ୍ଷ ତଥା ବରିଷ୍ଠ ବିଜେଡ଼ି ନେତା ଦେବାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବଟିକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ୧୪ ନଂ ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଳିକ, ସମାଜସେବୀ ମନିନ୍ଦ୍ର ପ୍ରସାଦ ରଥ ଓ ବିଭୂତି ଭୂଷଣ ଭୟାଁ ପ୍ରମୁଖ ଯୋଗଦଇ ଯାତ୍ରା କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ମନୋରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ମହୋତ୍ସବର ପ୍ରଥମ ରାତ୍ରିରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା 'ସବୁ ଉପରବାଲାର ଖେଳ' ଓ ଦ୍ୱିତୀୟ ରାତ୍ରିରେ 'ହାକୃଷ୍ଣ ବୋଲି ଯାଉ ଜୀବ' ଦୁଇଟି ନାଟକ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଗତକାଲି ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପାଟକୁରାର ବରିଷ୍ଠ କଂଗ୍ରେସ ନେତା ଡ. ରତିକାନ୍ତ କାନୁନ୍‌ଗୋ, ସମ୍ମାନିତ ଅତିଥିଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ଓ ବ୍ଲକ କଂଗ୍ରେସ ସଭାପତି ଉମେଶ ତ୍ରିପାଠୀ ଯୋଗଦେଇ ଗ୍ରାମାଞ୍ଚଳରେ ନାଟ୍ୟପରମ୍ପରା ଗ୍ରାମାଞ୍ଚଳର ଲୋକମାନଙ୍କ ମଧରେ ଥିବା ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚନ କରିଥାଏ ବୋଲି କହିଥିଲେ। ଏହି ଅବସରରେ ବହୁ ପୁରାତନ କଳାକାର ଓ ସ୍ଥାନୀୟ ଅବସରପ୍ରାପ୍ତ ସେନା ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବେଆଇନ ବାଣ କାରବାର, ଥାନାରେ ୫ ମାମଲା

**ରାଜନଗର,୨୧।୧୦ (ସଂଚାର ବ୍ୟୁରୋ):** ରାଜନଗରରେ ବେଧଡକ ଓ ବେଆଇନ ଭାବେ ବାଣ କାରବାର ଚାଲିଥିଲା। କେରେଡାଗଡରେ ବେଆଇନ ଭାବେ ତିଆରି ହେଉଥିବା ବାଣ ରାଜନଗର ସାରା ଛାଇ ହୋଇଯାଇଥିଲା। ଦୀପାବଳି ପୂର୍ବରୁ ରାଜନଗର ପୁଲିସ ବିନା ଲାଇସେନ୍ସରେ ବାଣ ବିକ୍ରି କରୁଥିବା ୫ ଜଣଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ଲକ୍ଷାଧିକ ଟଙ୍କାର ବାଣ ଜବତ କରାଯାଇଥିବା ବେଳେ ୫ ଜଣଙ୍କୁ ଗିରଫ କରି ଥାନାରୁ ୩୫ (୩ ) ବିଏନଏସରେ ବେଲ ଦିଆଯାଇଛି। ରାଜନଗର ଥାନାରେ କେସ ନମ୍ବର ୩୬୦/୨୦୨୫ , ୩୫୯ /୨୦୨୫ , ୩୫୮/୨୦୨୫ , ୩୫୭/୨୦୨୫ ରେ ମାମଲା ରୁଜୁ କରାଯାଇଛି। ଓକିଲପାଳ ବଜାରରୁ ଜଣେ , ଗୁପ୍ତି ବଜାରରୁ ଜଣେ ଓ ରାଜନଗର ବଜାରରୁ ୩ ଜଣ ବ୍ୟବସାୟୀଙ୍କ ଠାରୁ ବେଆଇନ ବାଣ ଜବତ କରାଯାଇଥିବା ଜଣାପଡିଛି।

## ୬୬ତମ ପୁଲିସ ସହିଦ ଦିବସ ପାଳିତ



**କେନ୍ଦ୍ରାପଡ଼ା,୨୧।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଜଝାଙ୍ଗସ୍ଥିତ ଜିଲ୍ଲା ପୁଲିସ ରିଜର୍ଭ ପଡିଆରେ ମଙ୍ଗଳବାର ୬୬ତମ ପୁଲିସ ସହିଦ୍ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ ପ୍ରଥମେ ରାଜ୍ୟପାଳ ଓ ପରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଏହାପରେ ଏସପି ସହିଦ୍‌ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗତ ବର୍ଷକ ମଧରେ କର୍ତ୍ତବ୍ୟ ସମ୍ପାଦନ ସମୟରେ ପ୍ରାଣବଳି ଦେଇଥିବା ଦେଶର ୧୯୧ଜଣ ବୀର ପୋଲିସଙ୍କ ସହିତ ଓଡିଶାର ୨ଜଣ କନେଷ୍ଟବଳ ଲକ୍ଷ୍ମଣ ମାଝୀ ଓ ଓଡିଶା ଅକ୍ସିଲାରୀ ପୋଲିସ ଫୋର୍ସର ଲୋକନାଥ ସବରଙ୍କ ପ୍ରତି ଆରକ୍ଷୀ ଅଧିକ୍ଷକ ଶ୍ରୀ କଟାରିଆ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହିତ କେନ୍ଦ୍ରାପଡା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ, ଡିଏସପି(ଆଇସିଏଡବ୍ଲୁ) ସସ୍ମିତା ସାହୁ,ହେଡକ୍ୱାଟର ଇନସପେକ୍ଟର ପୂର୍ଣ୍ଣଚନ୍ଦ୍ର ପଟାୟତ, ଟାଉନ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁ ପ୍ରମୁଖ ସହିଦ୍‌ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ପ୍ୟାରେଡ୍‌ରେ ୩ପ୍ଲାଟୁନ୍ ଫୋର୍ସ ଅଂଶଗ୍ରହଣ କରିଥିଲେ ।

## ସତ୍ତା ହରାଇଲାଣି ଗୋପବନ୍ଧୁ ଗ୍ରାମୀଣ ପ୍ରମୋଦ ଉଦ୍ୟାନ

**ଡେରାବିଶ,୨୧।୧୦ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳ ଜନସାଧାରଣଙ୍କ କର୍ମମୟ ଜୀବନରେ କ୍ଲାନ୍ତ ଓ ଅବସାଦ ମୁକ୍ତ ପାଇଁ ପ୍ରମୋଦ ଉଦ୍ୟାନର ପରିକଳ୍ପନା କରାଯାଇଥିଲା । ପ୍ରାୟ ୨୦୧୯-୨୦ ଅର୍ଥିକ ବର୍ଷରେ ତତ୍କାଳୀନ ଜିଲ୍ଲା ପ୍ରଶାସନ ତଥା ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଦ୍ୱାରା ଏହାର ପରିକଳ୍ପନା କରାଯାଇ ପ୍ରତ୍ୟେକ ଉଦ୍ୟାନ ନିର୍ମାଣ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମେତ ଅନ୍ୟାନ୍ୟ ଯୋଜନା ଅର୍ଥ ବିନିଯୋଗରେ ଏହା ନିର୍ମାଣ କରାଯାଇଥିଲା। ମାତ୍ର ନିର୍ମାଣ ପରେ ରକ୍ଷଣାବେକ୍ଷଣ ଅଭାବରୁ ଏହି ପ୍ରମୋଦ ଉଦ୍ୟାନ ଗୁଡିକ ପ୍ରାୟତଃ ସତ୍ତା ହରାଇବାକୁ ବସିଲାଣି। ଏହାର ଏକ ନଗ୍ନ ନମୁନା ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତରେ ।



ଏହି ପଞ୍ଚାୟତ ଅନ୍ତର୍ଗତ ବାକିମୁଣ୍ଡାର ବରପଡ଼ିଆରେ ୨୦୨୧ ମସିହାରେ ଏକ ପ୍ରମୋଦ ଉଦ୍ୟାନ ନିର୍ମିତ ହୋଇଥିଲା । ପ୍ରାୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗରେ ନିର୍ମିତ ଏହି ଉଦ୍ୟାନକୁ ଗୋପବନ୍ଧୁ ଗ୍ରାମୀଣ ପ୍ରମୋଦ ଉଦ୍ୟାନ ନାମକରଣ କରାଯାଇ ୨୦୨୨ ମାର୍ଚ୍ଚ ୯ ତାରିଖରେ ଉଦ୍‌ଘାଟନ କରାଯାଇଥିଲା । ଏହି ପ୍ରମୋଦ ଉଦ୍ୟାନରେ ଛୋଟ ପିଲାଙ୍କ ପାଇଁ ଲକ୍ଷାଧିକ ଟଙ୍କାର ଖେଳନା ସାମଗ୍ରୀ ସହିତ ଯୁବକ ଯୁବତୀଙ୍କ ବ୍ୟାୟାମ ପାଇଁ ବିଭିନ୍ନ ସାମଗ୍ରୀ ରଖାଯାଇଥିଲା। ଏଥିରେ ଥିବା ସୁଦୃଶ୍ୟ ବୃକ୍ଷରାଜି ଜନସାଧାରଣଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ମାତ୍ର ଉଦଘାଟନର ଦୁଇମାସ ନ ପୂରୁଣୁ ଏହି ଉଦ୍ୟାନଟି ଏବେ ସତ୍ତା କରାଇବାକୁ ବସିଲାଣି ।

ଏହି ଉଦ୍ୟାନ ଭିତରେ ଥିବା ଲକ୍ଷାଧିକ ଟଙ୍କାର ଖେଳନା ଉଭାନ ହୋଇଯାଇଥିବାବେଳେ ସୁଦୃଶ୍ୟ ବୃକ୍ଷରାଜି ଗୁଡିକ ଆଉ ଦେଖିବାକୁ ମିଳୁନାହିଁ । ଏ ପ୍ରମୋଦ ଉଦ୍ୟାନଟି ଏବେ ଖୋଳ ପଡ଼ିଆ ପରି ଦୃଶ୍ୟମାନ ହେଉଛି। ତେବେ ସବୁଠାରୁ ବଡ଼ କଥା ଏହି ପ୍ରମୋଦ ଉଦ୍ୟାନର ସୁରକ୍ଷା ପ୍ରାଚେରି କେତେକାଂଶ ମଧ ନଷ୍ଟ ହୋଇଗଲାଣି। ଏଣୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସରକାରଙ୍କ ଏହି ଯୋଜନା କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି।

## ଚେସ୍ ଚାମ୍ପିଅନସିପ୍-୨୦୨୫ ଉଦ୍‌ଯାପିତ

**କେନ୍ଦ୍ରାପଡା,୨୧।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଚେସ ଆସୋସିଏସନ୍ ଆନୁକୂଲ୍ୟ ରେ ଚାଲିଥିବା ଚଳିତ ବର୍ଷର କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଚାମ୍ପିଅନସିପ -୨୦୨୫ ତଥା ୫ମ ଡକ୍ଟର ବୈଷ୍ଣବ ପରିଡା ସ୍ମାରକୀ ଚେସ ଚାମ୍ପିଅନସିପ ର ଉଦଯାପନୀ ଉତ୍ସବ ଏବଂ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସର ରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ର ଜିଲ୍ଲାପାଳ ରଘୁରାମ ଆର ଆୟର ଉପସ୍ଥିତ ରହି ଖେଳାଳି ମାନଙ୍କୁ ପୁରସ୍କାର ବିତରଣ କରିବା ସହିତ ଉଦବୋଧନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଜେପିର କେନ୍ଦ୍ରାପଡା ଜିଲ୍ଲାର ବରିଷ୍ଠ ମହିଳା ନେତ୍ରୀ ଗୀତାଞ୍ଜଳି ସେଠୀ, କେନ୍ଦ୍ରାପଡାର ବରିଷ୍ଠ ବ୍ୟବସାୟୀ ତଥା ସମାଜ ସେବୀ ଅଜିତ କୁମାର ସାହୁ, ଯାଜପୁର ୟୁନାଇଟେଡ ଚେସ ଆସୋସିଏସନ୍‌ର ପୂର୍ବତନ ସମ୍ପାଦକ ମନୋଜ ପରିଡା ଯୋଗ ଦେଇଥିବା ବେଳେ ଆସୋସିଏସନ୍‌ର ସଭାପତି କିଶୋର ପଣ୍ଡା, ସମ୍ପାଦକ ତଥା ଅଲ ଓଡ଼ିଶା ଚେସ ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ଭବେଶ୍ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହ ପ୍ରମୁଖ



ଉଦବୋଧନ ଦେଇଥିବା ବେଳେ ଆସୋସିଏସନ୍ ର ଉପସଭାପତି ଲଲାଟ କେଶରୀ ସାମଲ ମଞ୍ଚ ପରିଚାଳନା କରିଥିଲେ।

# ନୂଆପଡ଼ା ଉପନିର୍ବାଚନ ଲାଗି କଡ଼ା ସୁରକ୍ଷା

- ପୁଲିସ୍ ସୁରକ୍ଷା ବ୍ୟବସ୍ଥାର ହେଲା ପ୍ରସ୍ତୁତି ସମୀକ୍ଷା
- ମାଓବାଦୀ, ନିଶା କାରବାର ଓ ଇଭିଏମ୍ ସୁରକ୍ଷାକୁ ଗୁରୁତ୍ୱ



**ଭୁବନେଶ୍ୱର, ୨୧।୧୦(ସଂଚାର ବ୍ୟୁରୋ):** ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ା ବିଧାନସଭା ମଣ୍ଡଳୀରେ ଉପନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବହାଦୁର ଖୁରାନିଆ ଆଜି ପୋଲିସ ମୁଖ୍ୟାଳୟଠାରେ ପୁଲିସ୍ ସୁରକ୍ଷା ବ୍ୟବସ୍ଥାର ପ୍ରସ୍ତୁତିକୁ ସମୀକ୍ଷା କରିଛନ୍ତି।

ଡିଜିପି ଶ୍ରୀ ଖୁରାନିଆ ଏକ ଅବାଧ, ସ୍ୱଚ୍ଛ, ମୁକ୍ତ ଓ ନିରପେକ୍ଷ ଉପ-ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନ ଆଚରଣ ବିଧିର କଡ଼ାକଡ଼ି ଅନୁପାଳନ ଏବଂ ଭିଆଇପି ଓ ଭିଭିଆଇପିଙ୍କ ଗସ୍ତ ସମ୍ପର୍କିତ ସୁରକ୍ଷା ବ୍ୟବସ୍ଥା ପାଇଁ ଭାରତର ନିର୍ବାଚନ ଆୟୋଗର ନିର୍ଦ୍ଦେଶାବଳୀକୁ ଅନୁସରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି ମଧ୍ୟ ଦଫା ୧୧୦/୧୦୭ ଅନୁଯାୟୀ ସନ୍ଦିଗ୍ଧ ବ୍ୟକ୍ତିବିଶେଷଙ୍କୁ ଗିରଫ କରିବା, ବେଆଇନ ଟଙ୍କା କାରବାରକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଓ ବେଆଇନ ମଦ ଜବତ କରିବା ଏବଂ ପଡ଼ି ରହିଥିବା ୱାରେଣ୍ଟ କୁ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ଉପରେ ତାମିଲ କରିବା ସମେତ ସମସ୍ତ ପ୍ରକାର ସତର୍କତା ମୂଳକ ପଦକ୍ଷେପ ଗୁଡ଼ିକୁ ତୀବ୍ର କରିବା ଉପରେ ଗୁରୁତ୍ୱ ଦେଇଥିଲେ।

ଅତିରିକ୍ତ ଡିଜିପି (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ମୋବାଇଲ୍ ପାଟ୍ରୋଲିଂ ଏବଂ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ର କାର୍ଯ୍ୟକୁ ବଢ଼ାଇବା ଏବଂ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରବେଶ ପଥରେ ନାକା ପୋଷ୍ଟ ସ୍ଥାପନ କରି ସନ୍ଦିଗ୍ଧ ବ୍ୟକ୍ତି ବିଶେଷ ଓ ଗଡ଼ିମାନଙ୍କର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଉପରେ ଗୁରୁତ୍ୱ ଦେଇଥିଲେ।

ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ ଶ୍ରୀ କୋଚେ ଉପ-ନିର୍ବାଚନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଗୁଇନ୍ଦା ତଥ୍ୟ ଉପରେ ଆଲୋକପାତ କରିଥିଲେ ଏବଂ ଡିଆଇଜିପି ଓ ଏସପିଙ୍କୁ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ପରାମର୍ଶ ଦେଇଥିଲେ।

ରେଞ୍ଜ ଡିଆଇଜି କେ. ବି. ସିଂହ ପୁଲିସ୍ ପକ୍ଷରୁ ଚୋରା ମଦ ଉପରେ ଚଢ଼ାଉ, ନିଶା ଦ୍ରବ୍ୟ ଚୋରା କାରବାର ରୋକିବାକୁ ସ୍ୱତନ୍ତ୍ର ରଣନୀତି, ପେଣ୍ଡିଂ ୱାରେଣ୍ଟ କାର୍ଯ୍ୟକାରୀ କରିବାକୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି ବୋଲି ଆରକ୍ଷୀ ମହା ନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ। ଏହା ଛଡ଼ା ଇଭିଏମଗୁଡ଼ିକର ସୁରକ୍ଷା ନିଶ୍ଚିତ କରିବା ପାଇଁ ସିସିଟିଭି କଭରେଜ୍ ସହିତ ଷ୍ଟ୍ରଙ୍ଗ୍ ରୁମ୍ ରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହି ବୈଠକରେ ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଗୁଇନ୍ଦା) ଆର.ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅପରେସନ) ସଞ୍ଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, ଆଇଜିପି ଏସ.କେ. ଗଜଭିଏ ସମେତ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

---

- ପୁଣି ଶ୍ରୀମନ୍ଦିର ସୁରକ୍ଷା ଢିଲା

## ମୋବାଇଲ ନେଇଥିବାରୁ ଗୁମାସ୍ତା ଅଟକ

**ପୁରୀ,୨୧।୧୦(ସଂଚାର ବ୍ୟୁରୋ):** ପୁଣିଥରେ ପୁରୀ ଜଗନ୍ନାଥ ମନ୍ଦିର ସୁରକ୍ଷାରେ ଢିଲା ପରିଲକ୍ଷିତ ହୋଇଛି। ମନ୍ଦିର ଭିତରକୁ ମୋବାଇଲ୍ ପ୍ରବେଶ ଉପରେ କଟକଣା ଥିଲେ ହେଁ ଆଜି ପୁଣିଥରେ ଭିତରେ ପଶିଛି ମୋବାଇଲ୍ ଓ ଉଠିଛି ଭିତରର ଅନେକ ସମ୍ବେଦନଶୀଳ ସ୍ଥାନର ଫଟୋ। ତେବେ ଏହି ମୋବାଇଲ୍ ଫୋନ୍ ମନ୍ଦିର ଭିତରକୁ କୌଣସି ସାଧାରଣ ଭକ୍ତ ନେଇନଥିଲେ। ବରଂ ଜଣେ ଗୁମାସ୍ତା ମୋବାଇଲ୍ ଭିତରକୁ ନେବା ସହ ଫଟୋ ଉଠାଉଥିବା ସମୟରେ ଜଣେ ତାଙ୍କୁ ସୁରକ୍ଷାକର୍ମୀମାନେ ଧରିଥିଲେ। ସେତେବେଳେ ସେ ପ୍ରତିହାରୀ ନିଯୋଗ ସମ୍ମୁଖରେ ଫଟୋ ଉଠାଉଥିଲେ। ଗୁମାସ୍ତା ଫୋନ୍‌ରେ କେତେକ ଯାତ୍ରୀଙ୍କ ଫଟୋ ଉଠାଇଥିବା ସୂଚନା ମିଳିଛି। ତାଙ୍କୁ ପୁଲିସ୍ ଅଟକ ରଖିଥିବା ବେଳେ ତାଙ୍କ ପରିଚୟ ନେଇ କୌଣସି ସୂଚନା ଦିଆଯାଇନାହିଁ।

## ପରୋପକାରୀ ଯୁବକଙ୍କ ଅକାଳ ବିୟୋଗ

**କଟକ,୨୧।୧୦(ସଂଚାର ବ୍ୟୁରୋ):** ଯୋବ୍ରା ନୂଆସାହି ଶ୍ରୀ ଜୟ ଜଗନ୍ନାଥ କ୍ଲବ ତଥା ଶ୍ରୀ ଜୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ତନୟ ବେହେରାଙ୍କର ଗତ ରବିବାର ବିଳମ୍ବିତ ରାତିରେ ହୃଦଘାତରେ ଅକାଳ ବିୟୋଗ ଘଟିଛି। ଯୋବ୍ରା ନୂଆସାହିର ବରିଷ୍ଠ ମୁରବୀ ରାଧାନାଥ ବେହେରାଙ୍କ ଏକମାତ୍ର ପୁତ୍ର ତନୟ ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କ୍ଲବ୍‌ର ସଭାପତି ଭାବେ କାର୍ଯ୍ୟ କରିବା ସହ ସ୍ଥାନୀୟ ଅଞ୍ଚଳରେ ଜଣେ ପରୋପକାରୀ ଯୁବକମାନେ ବେଶ୍ ପରିଚିତ ଥିଲେ। କ୍ଲବ ଓ ମନ୍ଦିରର ଉନ୍ନତି ନିମନ୍ତେ କରାଯାଇଥିବା ଅନେକ କାର୍ଯ୍ୟକ୍ରମରେ ତାଙ୍କର ନିଃସ୍ୱାର୍ଥପର ଅବଦାନ ରହିଥିଲା। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଏକମାତ୍ର ପୁତ୍ର ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ଯୋବ୍ରା ନୂଆସାହି, ଶାରଳା ମନ୍ଦିର, ମଝି ସାହି, ଯୋବ୍ରା ଦୁର୍ଗା ଛକ, ଶନିମନ୍ଦିର ଦେଇ ନିଆଯିବା ପରେ ଶେଷରେ ଶିଖରପୁରସ୍ଥିତ କାଳିଆବୋଦା ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ସାଇ ମୁଖାଗ୍ନି ଦେଇଛନ୍ତି।

- ରାଜଧାନୀରେ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣା

## ରେଡ ଫ୍ଲାଗ୍‌ରେ ସାମିଲ୍ ହେଲା ମାମଲା



**ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ):** ଗତ ସପ୍ତାହରେ ରାଜଧାନୀରେ ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ବେଳେ ଏହାକୁ ଗୁରୁତ୍ୱ ଦେଇ ଓଡ଼ିଶା ପୁଲିସ୍ ମାମଲାକୁ ରେଡ ଫ୍ଲାଗ୍‌ରେ ସାମିଲ୍ କରିଛି। ପୀଡ଼ିତା ଜଣଙ୍କ ଝାଡ଼ଖଣ୍ଡର ହୋଇଥିବାରୁ ମାମଲାକୁ ଅଧିକ ଗୁରୁତ୍ୱର ସହ ନେଇଛି କମିଶନରେଟ୍ ପୁଲିସ। ସେହିପରି ଏହି ମାମଲାର ତ୍ୱରିତ ତଦନ୍ତ ପାଇଁ ଜଣେ ବରିଷ୍ଠ ମହିଳା ପୁଲିସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ତଦନ୍ତକୁ ଅଧିକ ବ୍ୟାପକ କରିବା ସକାଶେ ଓଡ଼ିଶା ପୁଲିସ୍ ଏହି ମାମଲାରେ ଝାଡ଼ଖଣ୍ଡ ପୁଲିସକୁ ସହ ମଧ୍ୟ ଯୋଗାଯୋଗ କରିଛି। ଭୁବନେଶ୍ୱରର ଅଶୋକ ନଗର ଅଞ୍ଚଳରେ ଉକ୍ତ ନାବାଳିକାଙ୍କୁ ଏକ ସେକ୍ସ ର୍ୟାକେଟରେ ସାମିଲ କରାଯାଇଥିଲା। ତେବେ ରାଜ୍ୟ ବାହାରୁ ତାଙ୍କୁ ଆଣି କିଏ ଏଭଳି କାରବାରରେ ନିୟୋଜିତ କରିଥିଲା, ତାହାର ରହସ୍ୟ ଉନ୍ମୋଚନ ପାଇଁ ପୁଲିସ୍ ତଦନ୍ତ ଚଳାଇଛି।

## ପୂର୍ବତନ ଜିଲ୍ଲା ଜଜ୍‌ଙ୍କ ପରଲୋକ



**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ପୂର୍ବତନ ଜିଲ୍ଲା ଜଜ୍ ଶିରୀଷ ଚନ୍ଦ୍ର ମିଶ୍ରଙ୍କର ଗତ ୧୭ ତାରିଖ ରାତିରେ ଏଠାରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ଖାଉଟି ଅଦାଲତର ପ୍ରେସିଡେଣ୍ଟ୍ ରହିବା ସହ ସିକ୍କିମ୍ ଲୋକାୟୁକ୍ତରେ ୫ ବର୍ଷ ପାଇଁ ଲୋକପାଳ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପରଲୋକରେ ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକଟ କରିଛନ୍ତି। ଏଥିସହ ଓଡ଼ିଶା ରିଟାୟାର୍ଡ ଜଜ୍ ଆସୋସିଏସନ୍ ମଧ୍ୟ ଶୋକ ପ୍ରକାଶ କରିଛି। ଓଡ଼ିଶା ଜିଲ୍ଲା ସ୍ତରୀୟ ଅଦାଲତ କାର୍ଯ୍ୟ ତାଙ୍କ କାର୍ଯ୍ୟ ପ୍ରଣାଳୀ ସ୍ମରଣୀୟ ହୋଇ ରହିବ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାରବର୍ଗ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

---

କନେଷ୍ଟବଳ ଶୁଭମିତ୍ରା ହତ୍ୟା ମାମଲା

## ଝାରପଡ଼ା ଜେଲରେ ଦୀପକଙ୍କୁ ଜେରା

**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** କନେଷ୍ଟବଳ ଶୁଭମିତ୍ରା ଓ ଅପର୍ଣ୍ଣା ପ୍ରିୟଦର୍ଶିନୀ ହତ୍ୟା ମାମଲାରେ ଝାରପଡା ଜେଲରେ ମୃତ ଅପର୍ଣ୍ଣାଙ୍କ ସ୍ୱାମୀ ଦୀପକ ରାଉତଙ୍କୁ ପଚରାଉଚରା। ଝାରପଡା ଜେଲରେ ପଚରାଉଚରା କଲା ଖୁଣ୍ଟୁଣୀ ପୁଲିସ। ଆଜି ସକାଳୁ ୩ ଘଣ୍ଟା ଧରି ଦୀପକଙ୍କୁ ଝାଳବୁହା ଜେରା କଲା ଖୁଣ୍ଟୁଣୀ ପୁଲିସ । ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ କାହିଁକି ଦେଇଥିଲା ଦୀପକ ସେନେଇ ଦୀପକଙ୍କୁ ଝାଳବୁହା ଜେରା। କୋର୍ଟଙ୍କ ନିର୍ଦ୍ଦେଶରେ ଝାରପଡା ଜେଲରେ ୩ଘଣ୍ଟା ଧରି ଦୀପକଙ୍କୁ ପଚରାଉଚରା କରିଥିଲା ପୁଲିସ । ଜେରା ବେଳେ କିଛି ତଥ୍ୟ ଖୁଣ୍ଟୁଣି ପୁଲିସ ହାତରେ ଲାଗିଛି। ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ଓ ଦୀପକଙ୍କ ଲଭ ରିଲେସନ ମଧ୍ୟରେ ପାଚେରୀ ତିଆରି କରିଥିଲେ ଧରମ ଭଉଣୀ। ସିପି ଅଫିସରେ କାର୍ଯ୍ୟ କରୁଥିବା ଜଣେ ମହିଳା କନଷ୍ଟେବଳ ବାରମ୍ବାର ନିଜକୁ ଦୀପକଙ୍କ ଧରମ ଭଉଣୀ କହିବା ସହ ଧମକାଉଥିଲେ। ଦୀପକଙ୍କ ଠାରୁ ଦୂରେଇ ଯିବାକୁ ପରୋକ୍ଷରେ କହୁଥିଲେ। ଏପରିକି ଅପର୍ଣ୍ଣା ଆରଆଇ ଭାବେ ଚାକିରୀ କରିଥିବାରୁ ତାଙ୍କ ନାଁ ରେ ଏକ ଲୋନ କରି, ମାଛ ଚାଷ କରିଥିଲେ ଏହି ଧରମ ଭଉଣୀ ଜଣଙ୍କ। ୨୦୨୨ ମାର୍ଚ୍ଚ ୧୭ ତାରିଖରେ ଏକ ଖୁଣ୍ଟୁଣୀ ଠାରେ ଏକ ଦୁର୍ଘଟଣାର ଖବର ପାଇଥିଲେ ଅପର୍ଣ୍ଣାଙ୍କ ପରିବାର । କିନ୍ତୁ ଏହା ଦୁର୍ଘଟଣା ନୁହେଁ, ବରଂ ସୁପରିକଳ୍ପିତ ହତ୍ୟା ବୋଲି ପୂର୍ବରୁ ଖୁଣ୍ଟୁଣୀ ଥାନାରେ ଅଭିଯୋଗ ଆଣିଥିଲେ ଅପର୍ଣ୍ଣାଙ୍କ ଭଉଣୀ। ଯେଉଁ ଅଭିଯୋଗକୁ ଆଧାର କରି ଜେଲ ଭିତରେ ଆଜି ସକାଳୁ ଜେରା ଚାଲିଥିବା ସୂଚନା ଦେଇଛନ୍ତି ଜେଲ କର୍ତ୍ତୃପକ୍ଷ।

---

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପାଗଳ କୁକୁର ଆତଙ୍କ

## ଦୁଇ ଦିନରେ ୭ ରକ୍ତାକ୍ତ



**ବୁର୍ଲା,୨୧।୧୦(ସଂଚାର ବ୍ୟୁରୋ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଗୋଟିଏ ବୁଲା ପାଗଳ କୁକୁର ଆତଙ୍କ। ଦୁଇଦିନ ହେଲା ବିଶ୍ୱବିଦ୍ୟାଳୟ ପରିସରରେ ଦେଖାଉଛି ଦୌରାତ୍ମ୍ୟ। କ୍ୟାମ୍ପସ ପରିସରରେ ଯାହାକୁ ଦେଖିଛି ତାକୁ ଗୋଡ଼ାଇ ଗୋଡ଼ାଇ କାମୁଡୁଛି। ଗତ ଦୁଇଦିନରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କୁ କାମୁଡ଼ି ସାରିଥିବା ଜଣାପଡିଛି। ଆଜି ସକାଳୁ ତିନିଜଣଙ୍କୁ କାମୁଡ଼ି ଥିବା ଜଣେ କର୍ମଚାରୀ ସୂଚନା ଦେଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ପାଗଳ କୁକୁର ଧରିବାକୁ ଆନିମଲ ହେଲ୍ପଲାଇନକୁ ଯୋଗାଯୋଗ କରିଥିଲେ। ହେଲେ ସେମାନଙ୍କ ପାଖରେ କୁକୁରକୁ ଧରିବା ପାଇଁ ଆବଶ୍ୟକ କର୍ମଚାରୀ ନ ଥିବା କହିଥିବା ବିଶ୍ୱବିଦ୍ୟାଳୟର ସ୍ପୋର୍ଟ ଅଫିସର ଅଭିନାଶ କର ସୂଚନା ଦେଇଛନ୍ତି। ଏହି କୁକୁର ଯୋଗୁ ବିଶ୍ୱବିଦ୍ୟାଳୟ ପରିସରରେ ସାଧାରଣ ଲୋକଙ୍କ ଚଳପ୍ରଚଳ ବନ୍ଦ ହୋଇଯାଇଛି। ଛାତ୍ରଛାତ୍ରୀ ଭୟରେ ରହିଥିବା ଜଣାପଡିଛି। ତେବେ କୁକୁରଟିକୁ କାବୁ କରିବା ପାଇଁ ବୁର୍ଲା ଅଗ୍ନିଶମ ବହିନୀର ସହାୟତା ଲୋଡ଼ିଛନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ଖୁବ୍‌ଶୀଘ୍ର ଅଗ୍ନିଶମ ବହିନୀ ପହଞ୍ଚି କୁକୁରକୁ କାବୁ କରିବାକୁ ଉଦ୍ୟମ କରିବେ ବୋଲି ବୁର୍ଲା ଅଗ୍ନିଶମ ଅଧିକାରୀ ଭରତଲାଲ ଏକ୍କା ସୂଚନା ଦେଇଛନ୍ତି।

## ଏୟାରପୋର୍ଟରୁ ଧରାପଡ଼ିଲା ୨୫ ଲକ୍ଷର ବିଦେଶୀ ସିଗାରେଟ

- ତିନି ଅଟକ, ଆବୁଧାବିରୁ ମୁମ୍ବାଇ ଚାଲାଣ ହେଉଥିଲା



**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଏୟାରପୋର୍ଟରୁ ଧରାପଡ଼ିଛି ପାଖାପାଖି ୨୫ ଲକ୍ଷ ଟଙ୍କାର ବିଦେଶୀ ସିଗାରେଟ। ଏହି ବେଆଇନ ସିଗାର ଓ ସିଗାରେଟ୍ ଚାଲାଣକୁ ଡିଆରଆଇ ଓ କଷ୍ଟମସ ବିଭାଗ ଧରିବାରେ ସକ୍ଷମ ହୋଇଛି।

ଆବୁଧାବିରୁ ଭୁବନେଶ୍ୱର ଦେଇ ମୁମ୍ବାଇ ଚାଲାଣ ହେଉଥିଲା ଏହି ସିଗାର ଓ ସିଗାରେଟ୍। ଏହି ମାମଲାରେ ତିନି ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି କଷ୍ଟମସ ଟିମ୍। ସେହିପରି ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ୩୮ ହଜାର ୪୦୦ ପ୍ୟାକେଟ ସିଗାରେଟ୍ ରହିଛି। ଏହାଛଡ଼ା ୪୦୦୦ ଖଣ୍ଡ ସିଗାର, ୧୨୨୮ ଟି ଇ-ସିଗାର କ୍ୟାଟ୍ରିଜକୁ ମଧ୍ୟ ଜବତ କରାଯାଇଛି। ଏହିସବୁର ଆନୁମାନିକ ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ। ଏଥିସହ ୧୦ଟି ଲ୍ୟାପଟପ୍ ଓ ୬ଟି ୱାୟେରଲେସ୍ ମାଇକ୍ରୋଫୋନ ମଧ ସେମାନଙ୍କଠାରୁ ଜବତ କରାଯାଇଛି। କଷ୍ଟମସ ଆଇନ୍-୧୯୬୨ ଅନୁସାରେ ସବୁ ସାମଗ୍ରୀକୁ ଜବତ କରାଯାଇଛି।

---

## ପୂର୍ବତଟ ରେଳପଥ ସୁରକ୍ଷା ଅଭିଯାନର ସମୀକ୍ଷା

- ଚାଲୁଛି ୩୬୭ ସ୍ୱତନ୍ତ୍ର ଟ୍ରେନ୍



**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ଆଜି ପୂର୍ବତଟ ରେଳପଥର ମୁଖ୍ୟାଳୟରେ ସ୍ଥାପିତ ୨୪ ଘଣ୍ଟିଆ ଜରୁରିକାଳୀନ ପ୍ରକୋଷ୍ଠ ପରିଦର୍ଶନ କରି ଚଳିତ ପାର୍ବଣ ଋତୁରେ ଯାତ୍ରୀଙ୍କ ସୁବିଧା, ସୁରକ୍ଷା ଏବଂ ସୁଗମ ଯାତ୍ରା ସୁନିଶ୍ଚିତ କରିବା ପାଇଁ କରାଯାଇଥିବା ବିସ୍ତୃତ ବ୍ୟବସ୍ଥାର ସମୀକ୍ଷା ଏବଂ କଡ଼ାକଡ଼ି ତଦାରଖ କରିଛନ୍ତି। ପାର୍ବଣ ଋତୁରେ ଯାତ୍ରୀଙ୍କ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଏହାର ସମସ୍ତ ଡିଭିଜନରେ ଯାତ୍ରୀ ବୃଦ୍ଧିକୁ ପରିଚାଳନା କରିବା ସହ ସୁଗମ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛି। ଭାରତୀୟ ରେଳବାଇ ସାରା ଦେଶରେ ୧୨ ହଜାରରୁ ଅଧିକ ସ୍ୱତନ୍ତ୍ର ଟ୍ରେନ ପରିଚାଳନା କରୁଛି, ଯେଉଁଥିରୁ ପୂର୍ବତଟ ରେଳପଥ ୩୬୭ଟି ସ୍ୱତନ୍ତ୍ର ଟ୍ରେନ ରହିଛି। ଗତ ୧ରୁ ମୋଟ ୭୬ ଟି ସ୍ୱତନ୍ତ୍ର ଟ୍ରେନ ପରିଚାଳିତ ହୋଇସାରିଛି, ଯେଉଁଥିରେ ଅଦ୍ୟାବଧି ୭୦ ହଜାରରୁ ଅଧିକ ଯାତ୍ରୀ ଯାତାୟାତ କରିଛନ୍ତି। ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ନିଶ୍ଚିତ କରିବା ପାଇଁ ସମସ୍ତ ପ୍ରମୁଖ ଷ୍ଟେସନରେ ଆର୍‌ପିଏଫ୍ ଏବଂ ଜିଆର୍‌ପି କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଯାତ୍ରୀ ପ୍ରବାହକୁ ସୁବ୍ୟବସ୍ଥିତ କରିବା ଓ ଭିଡ଼କୁ ଏଡାଇବା ପାଇଁ ପୃଥକ ପ୍ରବେଶ ଏବଂ ପ୍ରସ୍ଥାନ ପଥ ନିର୍ଦ୍ଦେଶିତ ହୋଇଛି। ଆରପିଏଫ୍, ଜିଆର୍‌ପି, ଡଗ୍ ସ୍କ୍ୱାଡ୍ ଓ ସ୍ୱେଚ୍ଛାସେବକମାନଙ୍କୁ ନେଇ ଗଠିତ ସୁରକ୍ଷା ଦଳଗୁଡ଼ିକ ଜ୍ୱଳନଶୀଳ ସାମଗ୍ରୀ, ମଦ ଓ ଅନ୍ୟାନ୍ୟ ନିଷିଦ୍ଧ ଜିନିଷ ପରିବହନ ରୋକିବାକୁ କଡ଼ା ସତର୍କତା ବଜାୟ ରଖିଛନ୍ତି। ସେହିପରି ଖୋର୍ଦ୍ଧା ରୋଡ, ୱାଲ୍ଟିୟର ଓ ସମ୍ବଲପୁର ଡିଭିଜନରେ ୯୦୦ରୁ ଅଧିକ ସିସିଟିଭି କ୍ୟାମେରା ଲଗାଯାଇ ୨୪ ଘଣ୍ଟିଆ ନିରୀକ୍ଷଣ ବ୍ୟବସ୍ଥା କରାଯାଇଛି। ସେହିପରି ପାର୍ବଣ ଋତୁରେ ଯାତ୍ରୀମାନଙ୍କ ପାଇଁ ନିରାପଦ, ସୁଗମ ଏବଂ ଆରାମଦାୟକ ଯାତ୍ରା ପାଇଁ ସମଗ୍ର ଜୋନ୍‌ରେ ୫୦ ହଜାରରୁ ଅଧିକ ରେଳ କର୍ମଚାରୀ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି।

ରେଢ଼ାଖୋଲ ବନଖଣ୍ଡରେ ବାଘ ଆତଙ୍କ

## ବଳଦକୁ ଟାଣିନେଲା କଲରାପତରିଆ



**ରେଢ଼ାଖୋଲ/ବଡ଼ମାଳ,୨୧।୧୦ (ସଂଚାର ବ୍ୟୁରୋ):** ରେଢ଼ାଖୋଲ ବନଖଣ୍ଡ ଅଞ୍ଚଳରେ କଲରାପତରିଆ ଆତଙ୍କ। ସୋମବାର କଲରାପତରିଆ ବାଘ ଏକ ବଳଦକୁ ଟାଣି ନେଇଛି। ରେଢ଼ାଖୋଲ ବନଖଣ୍ଡ ତଥା ସେହି ରେଞ୍ଜର ବନ୍ତଲେଇ ଗାଁରେ ଏହି ଘଟଣା ଘଟିଛି। ଏନେଇ ରେଢ଼ାଖୋଲ ବନଖଣ୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ସୋମବାର ବନ୍ତଲେଇ ଗାଁର ଗୋପୀନାଥ ବେହେରା ଗୋରୁ ଚରାଇବାକୁ ନିକଟ ଗ୍ରାମ୍ୟ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ଏକ କଲରାପତରିଆ ଗୋଟିଏ ବଳଦ ଉପରେ ଆକ୍ରମଣ କରିଥିଲା। ଘଟଣା ସ୍ଥଳରେ ହିଁ ବଳଦର ମୃତ୍ୟୁ ହୋଇଛି। ଏନେଇ ବନ ବିଭାଗକୁ ସୂଚନା ଦିଆଯିବା ପରେ ବନ କର୍ମଚାରୀ ପହଞ୍ଚି ମୃତ ବଳଦର ବ୍ୟବଚ୍ଛେଦ କରାଇଛନ୍ତି। କଲରାପତରିଆ ଆକ୍ରମଣରେ ବଳଦର ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମୃତ ବଳଦ ମାଲିକଙ୍କୁ କ୍ଷତିପୂରଣ ବାବଦକୁ ୩୫ ହଜାର ଟଙ୍କା ଦିଆଯିବ ବୋଲି କୁହାଯାଇଛି। ଏପଟେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୂର୍ବରୁ ମଧ୍ୟ ବାଘ ବୁଲୁଥିବା ଅଭିଯୋଗ ହୋଇଥିଲା। କିନ୍ତୁ କୌଣସି କ୍ଷୟକ୍ଷତି ହୋଇନଥିଲା। ହେଲେ ଏବେ କଲରାପତରିଆ ଆକ୍ରମଣରେ ବଳଦର ମୃତ୍ୟୁ ଖବର ପ୍ରଚାର ହେବା ପରେ ସ୍ଥାନୀୟ ଲୋକ ଭୟରେ ରହୁଛନ୍ତି। ଅନ୍ୟପଟେ ବନବିଭାଗ କର୍ମଚାରୀଙ୍କ ସୂଚନା ଅନୁସାରେ, ସ୍ଥାନୀୟ ଅଞ୍ଚଳରେ କିଛି କଲରାପତରିଆ ଓ ହେଟା ବାଘ ଅଛନ୍ତି। ମହାବଳ ଥିବାର କୌଣସି ସୂଚନା ନାହିଁ। ଏନେଇ ଲୋକଙ୍କୁ ଭୟଭୀତ ହେବାର ନାହିଁ ବୋଲି ବନ ବିଭାଗ କହିଛି।

## ଢାବା ମାଲିକଙ୍କୁ ଆକ୍ରମଣ

**ବାରିପଦା,୨୧।୧୦ (ସଂଚାର ବ୍ୟୁରୋ):** ଗତକାଲି ଦୀପାବଳିରେ ସ୍ଥାନୀୟ ମୁର୍ଗାବାଡ଼ିସ୍ଥିତ କାଠମାଣ୍ଡୁର ଆଶିଷ କୁମାର ପ୍ରଧାନ ନାମକ ଢ଼ାବା ମାଲିକଙ୍କୁ କେତେକ ନିଶାସକ୍ତ ଯୁବକ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏନେଇ ସେ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ରାତି ପ୍ରାୟ ୧୧ଟାରେ ୨ଟି ବାଇକ ଓ ଗୋଟିଏ ସ୍କୁଟିରେ ୭ ଜଣ ଯୁବକ ଢ଼ାବାକୁ ଆସି ଗାଳିଗୁଲଜ କରିଥିଲେ। ଏହାପରେ ସେମାନେ ଶ୍ରୀ ପ୍ରଧାନଙ୍କୁ ମାଡ଼ ମାରିଥିଲେ। ଏଥିସହ ସେମାନେ ଢାବାର ସିସିଟିଭି, ଚେୟାର, ଟେବୁଲ ଆଦି ଭାଙ୍ଗିଦେଇଥିଲେ। ଢାବାର ଅନ୍ୟାନ୍ୟ କର୍ମଚାରୀଙ୍କୁ ବି ସେମାନେ ଆକ୍ରମଣ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିଛି।

## ବଙ୍ଗୋପସାଗରରେ ଲଘୁଚାପ, ୩୬ ଘଣ୍ଟାରେ ଅବପାତ

**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର। ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ସମୁଦ୍ର ଭିତରେ ଅଧିକ ବଳ ଗୋଟାଇ ଆସନ୍ତା ୩୬ ଘଣ୍ଟା ଭିତରେ ଏହା ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। ସେହିପରି ଏକକାଳୀନ ୩ଟି ଲଘୁଚାପ ଘନୀଭୂତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇନାହିଁ। ଏହାର ପ୍ରଭାବରେ ରାଜ୍ୟରେ ପାଖାପାଖି ସପ୍ତାହେ ଧରି ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ନେଇ ରାଜ୍ୟର ୨୦ଟି ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

ଆଉ ସପ୍ତାହେ ପରେ ଓଡ଼ିଶା ଉପକୂଳକୁ ଛାରଖାର କରିଥିବା ମହାବାତ୍ୟାକୁ ପୂରିବ ୨୬ ବର୍ଷ। ସେତେବେଳେ ବି ଥିଲା ଏଥର ଭଳି ଠିକ୍ ସେହି ଅକ୍ଟୋବର ମାସ। ପାଖାପାଖି ସମାନ ସମୟ। ଅପରପକ୍ଷରେ ଆମେରିକାନ ମଡେଲ୍ 'ଗ୍ଲୋବାଲ୍ ଫୋରକାଷ୍ଟ ସିଷ୍ଟମ୍-ଜିଏଫଏସ୍' ଏବଂ ୟୁରୋପିଆନ୍ ମଡେଲ୍ ଇସିଏମ୍‌ଡବ୍ଲ୍ୟୁଏଫ୍ ମଧ୍ୟ ଅକ୍ଟୋବର ଶେଷ ସୁଦ୍ଧା ବଙ୍ଗୋପସାଗରରେ ବାତ୍ୟା ଇଶାରା ଦେଇଛନ୍ତି ନିଜ ନିଜ ପୂର୍ବାନୁମାନରେ। କିନ୍ତୁ ଗତିବିଧି ଆକଳନ କରିନାହାଁନ୍ତି। ସେହିପରି ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ମୌସୁମୀ ଫେରିଯିବା ପରେ ପାଗ ଅନୁକୂଳ ଥିବାରୁ ବାତ୍ୟା ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ପାଣିପାଗର ଗତିବିଧି ସମ୍ପର୍କରେ ସବୁବେଳେ ସଠିକ୍ ଓ ନିର୍ଭୁଲ୍ ଆକଳନ କରୁଥିବା ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର, ବାତ୍ୟା ନେଇ ଏଯାଏଁ କୌଣସି ଆକଳନ କରିନଥିବା ସ୍ପଷ୍ଟ କରିଛନ୍ତି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର।

---

## ତଥ୍ୟ ଲୁଚାଇଛନ୍ତି ଘାସିରାମ ଏସ୍‌ଇସିଙ୍କଠାରେ ଫେରାଦ ହେଲା ବିଜେପି



**ପ୍ରାର୍ଥିପତ୍ର ନାକଚ ପାଇଁ ଦାବି**

**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ନୂଆପଡା କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ନାମରେ ନୂଆପଡା ଥାନାରେ ରୁଜୁ ହୋଇଥିବା ଦୁଇଟି ଅଭିଯୋଗ ନେଇ ଆଗାମୀ ଉପନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ (ଏସ୍‌ଇସି)ଙ୍କ ନିକଟରେ ଦାଖଲ ହୋଇଥିବା ସତ୍ୟପାଠରେ ସୂଚନା ଦିଆଯାଇନାହିଁ। ଉଦ୍ଦେଶ୍ୟମୂଳକ ଭାବେ ଶ୍ରୀ ମାଝୀ ଏହାକୁ ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି, ତେଣୁ ତାଙ୍କ ପ୍ରାର୍ଥିପତ୍ର ନାକଚ ହେବାକୁ ଦାବି କରିଛି ବିଜେପି। ଏନେଇ ଦଳ ପକ୍ଷରୁ ଆଜି ଏସ୍‌ଇସିଙ୍କ ନିକଟରେ ଅଭିଯୋଗ ମଧ୍ୟ କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି କହିଛନ୍ତି ଯେ କଂଗ୍ରେସରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ନଥିବାରୁ ଏହାର ନେତାଏ ସମ୍ବିଧାନର ମୂଲ୍ୟ ବୁଝିବେ କେମିତି? ଦଳ ଆଜି ନିଜ ମୂଳ ବିଚାରଧାରାରୁ ସମ୍ପୂର୍ଣ୍ଣ ଓହରିଯାଇଛି। ଦଳୀୟ ନେତାଏ ନିଜର ଅସାମାଜିକ କାର୍ଯ୍ୟକୁ ଲୁଚାଇବାକୁ ପଛାଉନାହାନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଚଳିତ ନୂଆପଡା ଉପନିର୍ବାଚନରେ ଦେଖିବାକୁ ମିଳିଛି। ଦଳୀୟ ପ୍ରାର୍ଥୀ ଶ୍ରୀ ମାଝୀ ଏସ୍‌ଇସିଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରେ ନିଜ ଅପରାଧିକ କାର୍ଯ୍ୟକଳାପକୁ ଲୁଚାଇଛନ୍ତି, ଯାହା ଏକ ଜଘନ୍ୟ ଅପରାଧ ଓ ଅକ୍ଷମଣୀୟ ବୋଲି ଡ. ମହାନ୍ତି କହିଛନ୍ତି। ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ, ରାଜ୍ୟ ଲିଗାଲ ସେଲ ସଂଯୋଜକ ଜୟନ୍ତ ଜେନା ଓ ତୃପ୍ତିମୟୀ ମକଦ୍ଦମ ଉପସ୍ଥିତ ଥିଲେ ।

ନୂଆପଡ଼ା ଉପନିର୍ବାଚନ

## ବିଜେପି ବିରୋଧରେ ବିଜେଡିର ଅଭିଯୋଗ




**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ୩ଟିଯାକ ପ୍ରମୁଖ ଦଳ ସେମାନଙ୍କ ପ୍ରସ୍ତୁତି ଜାରି ରଖିଥିବା ବେଳେ ଆଜି ଶାସକ ବିଜେପି ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆଣିଛି ମୁଖ୍ୟ ବିରୋଧୀ ଦଳ ବିଜେଡି। ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ଏକ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ବିରୋଧରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ବିଜେଡି ପକ୍ଷରୁ ଲିଖିତ ଭାବେ ଅଭିଯୋଗ କରାଯାଇଛି।

ଏ ସଂକ୍ରାନ୍ତରେ ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି ଯେ ମନ୍ତ୍ରୀ ଶ୍ରୀ ଗଣ୍ଡ ଗତ ୨୦ ତାରିଖରେ ନୂଆପଡ଼ାର ଏକ ଶିକ୍ଷାନୁଷ୍ଠାନରେ 'ଗଣ୍ଡ ସମାଜ' ବ୍ୟାନରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜନୈତିକ ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ସେ ନୂଆପଡ଼ାରେ ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଜୟଙ୍କ ପାଇଁ ପ୍ରଚାର କରିଥିଲେ ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ଏହି ସଭାର ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଥିଲା ଏବଂ ଏହା ଭୋଟରଙ୍କୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ କରାଯାଇଥିଲା। ନିର୍ବାଚନ ନିୟମରେ ଆଚରଣ ବିଧି ଲାଗୁ ହେବା ପରେ କୌଣସି ଶିକ୍ଷାନୁଷ୍ଠାନକୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଥିଲେ ହେଁ ଶାସକ ଦଳ ଏହାକୁ ସମ୍ମାନ ଦେଇନାହିଁ। ତେଣୁ ବିଜେପି ପ୍ରତିନିଧି ଦଳ ମନ୍ତ୍ରୀ, ବିଜେପି ପ୍ରାର୍ଥୀ ଓ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ବିରୋଧରେ ତୁରନ୍ତ ତଦନ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଡ. ମହାନ୍ତି ଦାବି କରିଛନ୍ତି। ବିଜେଡି ପ୍ରତିନିଧି ସିଇଓଙ୍କୁ ଭେଟିବା ପରେ ସେ ଏହି ମାମଲାରେ ପ୍ରତିଶ୍ରୁତି ଦେଇଥିବା ଦଳ ପକ୍ଷରୁ କୁହାଯାଇଛି।

ଦୀପାବଳି ଧୂଆଁ ବଢ଼ାଇଲା ପ୍ରଦୂଷଣ

## ରାଜଧାନୀରେ ଏକ୍ୟୁଆଇ ୧୮୦କୁ ଖସିଲା

**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ଟ୍ୱିନ୍ ସିଟିରେ ଦୀପାବଳି ବଢ଼ାଇଲା ପ୍ରଦୂଷଣ। ପ୍ରବଳ ବାଣ ଫୁଟାଇବା ଯୋଗୁଁ ଖସିଛି ଭୁବନେଶ୍ୱର-କଟକ ଏୟାର କ୍ୱାଲିଟି ଇନଡେକ୍ସ (ଏକ୍ୟୁଆଇ)। ରାଜଧାନୀରେ ଏକ୍ୟୁଆଇ ୧୮୦ ପାର ହୋଇଛି। ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଦୂଷିତ ହୋଇଛି ବାୟୁ। ଲକ୍ଷ୍ମୀସାଗର ଅଞ୍ଚଳରେ ଏକ୍ୟୁଆଇ ୧୮୫ ରେକର୍ଡ ହୋଇଥିବା ବେଳେ ବାପୁଜୀନଗରରେ ଏହା ଏକ୍ୟୁଆଇ ୧୭୪ ରହିଛି। ସାଧାରଣତଃ ୧୦୦ ଉପରେ ଏକ୍ୟୁଆଇ ରହିଲେ ଏହାକୁ ବିପଜ୍ଜନକ ବୋଲି ବିଚାର କରାଯାଇଥାଏ। ବାୟୁମଣ୍ଡଳରେ ଧୂଳିକଣା ବଢ଼ିଲେ ଶ୍ୱାସକ୍ରିୟାଜନିତ ସମସ୍ୟା ସୃଷ୍ଟି ସହ ଚର୍ମରୋଗ ହେବାର ଆଶଙ୍କା ମଧ୍ୟ ରହିଥାଏ।



## ବିଦ୍ୟୁତ ଆଘାତରେ ଗଲା ୩ ଜୀବନ

- ଲିଚୁ ଲଗାଇବା ବେଳେ ବୃଦ୍ଧ ମୃତ
- ମନ୍ଦିରରେ ଅଘଟଣ, ୨ ଜୀବନ ହାନି

**ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ):** ବିଦ୍ୟୁତ୍ ଆଘାତରେ ଯାଇଛି ୩ ଜୀବନ। ପବିତ୍ର ଦୀପାବଳି ପାଇଁ ଘରେ ଲିଚୁ ଲଗାଉଥିବା ସମୟରେ ଜନୈକ ବୃଦ୍ଧଙ୍କର ମୃତ୍ୟୁ ଘଟିଥିବା ବେଳେ ମା' ଦକ୍ଷିଣ କାଳୀ ମନ୍ଦିରରେ ଅସାବଧାନତାବଶତଃ ଜଣେ ମହିଳା ଓ ପୁରୁଷ ମଧ୍ୟ ପ୍ରାଣ ହରାଇଛନ୍ତି। ମିଳିଥିବା ସୂଚନାନୁସାରେ, ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଗଡ଼ଭିତର ସାହିର ବୁଦ୍ଧିରାମ ଦାସ ଲିଚୁ ଲାଇଟ୍ ଲଗାଉଥିବା ସମୟରେ ଅଚାନକ ବିଦ୍ୟୁତ୍ ତା'ର ସଂସ୍ପର୍ଶରେ ଆସିଯାଇଥିଲେ। ଫଳତଃ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବୋଲଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ସେହିପରି ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବୀରଗୋବିନ୍ଦପୁରସ୍ଥିତ ପ୍ରସିଦ୍ଧ ବାମାବର୍ତ୍ତୀ ବାଙ୍ଗୀୟ ତନ୍ତ୍ରପୀଠ ମା' ଦକ୍ଷିଣକାଳୀଙ୍କ ପୂଜା ସମୟରେ ରାତି ପ୍ରାୟ ୧୨ଟା ସମୟରେ ମଞ୍ଚ ପାର୍ଶ୍ୱରେ ଜଣେ ପୁରୁଷ ଓ ଜଣେ ମହିଳାଙ୍କ ଅସାବଧାନତାବଶତଃ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଭାବେ ଆହତ ହୋଇଥିଲେ। ସେଠାରେ ଉପସ୍ଥିତ ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ରର ଆଗ୍ନିକ ଓ ଭକ୍ତ ସେମାନଙ୍କୁ ଚିକିତ୍ସା ନିମନ୍ତେ ବୀର ଗୋବିନ୍ଦପୁର ଗ୍ରାମରେ କାଳୀପୂଜା ନିମନ୍ତେ ଖୋଲିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରଥିଲେ। ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦୀପସ୍ମିତା ରାୟ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଅଧିକ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସତ୍ୟବାଦୀ ପୁଲିସ ଉଭୟ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲା। ଫରେନସିକ ଟିମ୍ ଉଭୟ ମୃତକଙ୍କ ଫଟୋ, ଅଙ୍ଗୁଳି ଛାପ ଓ ଡିଏନଏ ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ କରିଛି। ସତ୍ୟବାଦୀ ଥାନାରେ ଏନେଇ ୨୬/୨୫ରେ ଏକ ମାମଲା ରୁଜୁ ହୋଇଛି।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୨୨ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Wednesday 22 October 2025, Bhubaneswar

# ଆଲୋକର ଯାତ୍ରା ନା ପ୍ରଦୂଷଣ ସୃଷ୍ଟି

ଦୀପାବଳି, ଆଲୋକର ପର୍ବ, ଯାହା ଆନନ୍ଦ, ଉତ୍ସବ ଏବଂ ପରିବାରର ମିଳନର ପ୍ରତୀକ। କିନ୍ତୁ ବର୍ତ୍ତମାନ ଏହା ପ୍ରଦୂଷଣର ଏକ ବିରାଟ ଉତ୍ସରେ ପରିଣତ ହୋଇଛି। ଭାରତରେ ପ୍ରତିବର୍ଷ ଦୀପାବଳି ସମୟରେ ଫଟାକା ଫୁଟାଇବା ନିୟମର ଉଲ୍ଲଂଘନ ହେଉଛି, ଯାହା ବାୟୁ ପ୍ରଦୂଷଣକୁ ଚରମ ସ୍ତରକୁ ନେଇଯାଉଛି। ଏହି ଉଲ୍ଲଂଘନ କେବଳ ପରିବେଶକୁ କ୍ଷତିଗ୍ରସ୍ତ କରୁନାହିଁ, ବରଂ ଲକ୍ଷାଧିକ ଲୋକଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାଉଛି। ଏହି ସମସ୍ୟାର ଗଭୀରତାକୁ ବୁଝିବା ଏବଂ ଏହାର ନିରାକରଣ ପାଇଁ ଆମକୁ ସଚେତନ ହେବା ଆବଶ୍ୟକ।



ଭାରତର ଅନେକ ରାଜ୍ୟରେ, ବିଶେଷକରି ଦିଲ୍ଲୀ, ମୁମ୍ବାଇ, କୋଲକାତା ଏବଂ ବେଙ୍ଗାଲୁରୁ ଭଳି ମହାନଗରଗୁଡ଼ିକରେ ଦୀପାବଳି ସମୟରେ ଫଟାକା ଫୁଟାଇବା ଉପରେ କଡ଼ା ନିର୍ବନ୍ଧନ ଲଗାଯାଇଛି। ସୁପ୍ରିମ୍ କୋର୍ଟର ନିର୍ଦ୍ଦେଶ ଅନୁଯାୟୀ, ସବୁଜ ଫଟାକା ବ୍ୟତୀତ ଅନ୍ୟ କୌଣସି ଫଟାକାର ବ୍ୟବହାର ନିଷିଦ୍ଧ। କିନ୍ତୁ ଏହି ନିୟମଗୁଡ଼ିକର ଉଲ୍ଲଂଘନ ପ୍ରତିବର୍ଷ ହେଉଛି। ୨୦୨୪ ଦୀପାବଳିରେ ଦିଲ୍ଲୀର ଏକ୍ୟୁଆଇ (ଏୟାର୍ କ୍ୱାଲିଟି ଇଣ୍ଡେକ୍ସ୍) ୫୦୦ରୁ ଅଧିକ ହୋଇଯାଇଥିଲା, ଯାହା ବିପଦଜନକ ସ୍ତର। ଏହି ବର୍ଷ, ୨୦୨୫ରେ ମଧ ସମାନ ଚିତ୍ର ଦେଖାଯାଉଛି। ଲୋକମାନେ ନିୟମକୁ ଅଣଦେଖା କରି ଅବାଧରେ ଫଟାକା ଫୁଟାଉଛନ୍ତି, ଯାହା ଦ୍ୱାରା ବାୟୁରେ ପିଏମ୍ ୨.୫ ଏବଂ ପିଏମ୍ ୧୦ ଭଳି କ୍ଷତିକାରକ କଣିକାଗୁଡ଼ିକର ପରିମାଣ ବଢ଼ିଯାଉଛି। ଏହା କେବଳ ବାୟୁ ପ୍ରଦୂଷଣ ନୁହେଁ, ଶବ୍ଦ ପ୍ରଦୂଷଣ ମଧ ସୃଷ୍ଟି କରୁଛି, ଯାହା ପଶୁପକ୍ଷୀଙ୍କୁ ଭୟଭୀତ କରୁଛି ଏବଂ ବୃଦ୍ଧ ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ଏହି ଉଲ୍ଲଂଘନର ମୂଳ କାରଣ ହେଉଛି ପାରମ୍ପରିକ ମାନସିକତା ଏବଂ ସଚେତନତାର ଅଭାବ। ଅନେକ ଲୋକ ବିଶ୍ୱାସ କରନ୍ତି ଯେ ଫଟାକା ବିନା ଦୀପାବଳି ଅସମ୍ପୂର୍ଣ୍ଣ। କିନ୍ତୁ ଏହା ଏକ ଭ୍ରମ। ଦୀପାବଳିର ମୂଳ ଉଦ୍ଦେଶ୍ୟ ହେଉଛି ଅନ୍ଧକାରରୁ ଆଲୋକକୁ ଯାତ୍ରା, ନା ପ୍ରଦୂଷଣ ସୃଷ୍ଟି। ସରକାରୀ ସ୍ତରରେ ନିୟମ ପ୍ରଣୟନ ହେଉଛି, କିନ୍ତୁ କାର୍ଯ୍ୟାନ୍ୱୟନରେ ଦୁର୍ବଳତା ରହିଛି। ପୋଲିସ୍ ଏବଂ ପ୍ରଶାସନ ଅନେକ ସମୟରେ ଉଲ୍ଲଂଘନକାରୀଙ୍କୁ ଧରିପାରୁନାହାଁନ୍ତି, କାରଣ ଏହା ଏକ ବ୍ୟାପକ ସାମାଜିକ ସମସ୍ୟା। ଏହା ବ୍ୟତୀତ, ଅବୈଧ ବାଣ ବ୍ୟବସାୟ ମଧ ଏହି ସମସ୍ୟାକୁ ବଢ଼ାଉଛି। ଉତ୍ପାଦକ ଏବଂ ବିକ୍ରେତାମାନେ ନିୟମକୁ ଅଣଦେଖା କରି ଲାଭ କମାଉଛନ୍ତି, ଯାହା ପରିବେଶକୁ କ୍ଷତି ପହଞ୍ଚାଉଛି।

ପ୍ରଦୂଷଣର ପ୍ରଭାବ ବ୍ୟାପକ। ଦୀପାବଳି ପରେ ହସ୍ପିଟାଲ୍‌ରେ ଶ୍ୱାସକ୍ରିୟା ସମ୍ବନ୍ଧୀୟ ରୋଗୀଙ୍କ ସଂଖ୍ୟା ବଢ଼ିଯାଏ। ଅସ୍ଥମା, ବ୍ରଙ୍କାଇଟିସ୍ ଏବଂ ହୃଦ୍‌ରୋଗ ଭଳି ସମସ୍ୟା ବଢ଼ିଯାଏ। ବିଶେଷକରି ଶିଶୁ ଏବଂ ବୃଦ୍ଧମାନେ ଅଧିକ ପ୍ରଭାବିତ ହୁଅନ୍ତି। ଏହା ବ୍ୟତୀତ, ପରିବେଶଗତ କ୍ଷତି ମଧ ଗମ୍ଭୀର। ଫଟାକାରୁ ନିର୍ଗତ ବିଷାକ୍ତ ରସାୟନିକ ପଦାର୍ଥ ଯେପରିକି ସଲଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ହେଭି ମେଟାଲ୍ ଭୂମି ଏବଂ ଜଳକୁ ପ୍ରଦୂଷିତ କରୁଛି। ଏହା ଜଳବାୟୁ ପରିବର୍ତ୍ତନକୁ ମଧ ବଢ଼ାଉଛି। ଶବ୍ଦ ପ୍ରଦୂଷଣ ଯୋଗୁଁ ପକ୍ଷୀମାନେ ଦିଗଭ୍ରମିତ ହୋଇ ମରିଯାଉଛନ୍ତି ଏବଂ ପଶୁମାନେ ଭୟରେ ପଳାଇଯାଉଛନ୍ତି। ଏହି ସବୁ ମିଶି ଭାରତର ପରିବେଶଗତ ସନ୍ତୁଳନକୁ ବିନାଶ କରୁଛି।

ଏହି ସମସ୍ୟାର ନିରାକରଣ ପାଇଁ ବ୍ୟାପକ ପଦକ୍ଷେପ ଆବଶ୍ୟକ। ପ୍ରଥମେ, ସରକାର ନିୟମର କଡ଼ା କାର୍ଯ୍ୟାନ୍ୱୟନ କରିବା ଉଚିତ୍। ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରାଯାଉ ଏବଂ ଅବୈଧ ବ୍ୟବସାୟକୁ ରୋକାଯାଉ। ଦ୍ୱିତୀୟତଃ, ସଚେତନତା ଅଭିଯାନ ଚଳାଇବା ଦରକାର। ବିଦ୍ୟାଳୟ, ସମାଜ ଏବଂ ମିଡ଼ିଆ ମାଧ୍ୟମରେ ଲୋକଙ୍କୁ ପ୍ରଦୂଷଣର କ୍ଷତି ବିଷୟରେ ଶିକ୍ଷିତ କରାଯାଉ। ତୃତୀୟତଃ, ପର୍ଯ୍ୟାୟ ବିକଳ୍ପ ପ୍ରୋତ୍ସାହିତ କରାଯାଉ। ଲେଜର୍ ଶୋ, ଦୀପ ସଜ୍ଜା ଏବଂ ଇକୋ-ଫ୍ରେଣ୍ଡଲି ବାଣ ଭଳି ବିକଳ୍ପଗୁଡ଼ିକୁ ପ୍ରଚାର କରାଯାଉ। ସମାଜର ପ୍ରତ୍ୟେକ ବ୍ୟକ୍ତି ନିଜର ଦାୟିତ୍ୱ ବୁଝିବା ଉଚିତ୍। କେବଳ ସରକାର ଉପରେ ନିର୍ଭର କରିବା ପରିବର୍ତ୍ତେ, ଆମେ ସମସ୍ତେ ମିଶି ଏକ ପରିବର୍ତ୍ତନ ଆଣିବା ଦରକାର।

ଶେଷରେ, ଦୀପାବଳିକୁ ପୁନର୍ବାର ଆଲୋକର ପର୍ବରେ ପରିଣତ କରିବା ଆମର ଦାୟିତ୍ୱ। ପ୍ରଦୂଷଣମୁକ୍ତ ଉତ୍ସବ ମାଧମରେ ଆମେ ଭବିଷ୍ୟତ ପିଢ଼ିକୁ ଏକ ସ୍ୱଚ୍ଛ ପରିବେଶ ଦେଇପାରିବା। ଆସନ୍ତୁ, ନିୟମ ପାଳନ କରି ଏକ ସବୁଜ ଦୀପାବଳି ପାଳନ କରିବା। ଏହା କେବଳ ପରିବେଶକୁ ରକ୍ଷା କରିବ ନାହିଁ, ବରଂ ଆମର ସଂସ୍କୃତିକୁ ମଧ ସମୃଦ୍ଧ କରିବ।

# ହାତୀ ବଂଶ ଲୋପମୁହାଁ

**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**



ଦେଶରେ ସ୍ଥଳଭାଗର ବୃହତକାୟ ପ୍ରାଣୀ ହାତୀଙ୍କ ସଂଖ୍ୟା ହ୍ରାସ ନେଇ ଅଲ ଇଣ୍ଡିଆ ସିଙ୍କ୍ରୋନାସ ଏଲିଫ୍ୟାଂଟ ଏଷ୍ଟିମେସନ ୨୦୨୫ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ଯାହା ଯେତିକି ଚିନ୍ତାଜନକ, ସେତିକି ଉଦ୍‌ବେଗଜନକ। ରିପୋର୍ଟରେ କୁହାଯାଇଛି ଯେ, ୨୦୧୭ ମସିହା ତୁଳନାରେ ଦେଶରେ ଏବେ ହାତୀଙ୍କ ସଂଖ୍ୟା ୧୮ପ୍ରତିଶତ ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଏବେ ହାତୀଙ୍କ ସଂଖ୍ୟା ୧୮ପ୍ରତିଶତ ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ୨୦୧୭ ମସିହାରେ ମୋଟ ୨୭, ୩୧୨ଟି ହାତୀ ଥିବାବେଳେ ୨୦୨୫ରେ ସେମାନଙ୍କ ସଂଖ୍ୟା ୨୨, ୪୪୬କୁ ହ୍ରାସ ପାଇଛି। ଅର୍ଥାତ ଗଲା ଆଠ ବର୍ଷ ମଧ୍ୟରେ ଦେଶରେ ହାତୀ ସଂଖ୍ୟା ୪, ୮୬୬ ହ୍ରାସ ପାଇଛି। ଯାହାକି ସ୍ଥଳଭାଗର ଏହି ବିଶାଳକାୟ ଜୀବର ସତା ଲୋପ ପାଇଯିବାର ଆଶଙ୍କା ସୃଷ୍ଟି କରିଛି ବୋଲି କୁହାଯାଇପାରିବ। ହାତୀଙ୍କ ସଂଖ୍ୟା ହ୍ରାସ ନେଇ ରିପୋର୍ଟରେ କୌଣସି କାରଣ ଦର୍ଶାଯାଇନଥିଲେ ମଧ ହାତୀ-ମଣିଷ ଲଢ଼େଇ, ହାତୀଙ୍କ ପାଇଁ ବାସ୍ଥାନର ଅଭାବ, ଖାଦ୍ୟାଭାବ, ବିଦ୍ୟୁତ କରେଂଟ, ଟ୍ରେନ ଧକ୍କା ଆଦି ମୁଖ୍ୟ କାରଣ ବୋଲି କୁହାଯାଇପାରେ। ଜଙ୍ଗଲ କ୍ଷୟ ଏବଂ ଖାଦ୍ୟାଭାବ ଯୋଗୁଁ ଜଙ୍ଗଲୀ ହାତୀ ଏବେ ଜନବସତି ମୁହାଁ ହୋଇଛନ୍ତି। ଯାହାର ପରିଣତି ହେଉଛି ହାତୀ-ମଣିଷ ଲଢ଼େଇ। ହାତୀ ଆକ୍ରମଣରେ ମଣିଷର ମୃତ୍ୟୁ ଏବେ ଗଣମାଧମର ଶିରୋନାମ ପାଲଟିଥିବାବେଳେ ଶିକାର ଯୋଗୁଁ ବର୍ଷକୁ ଦେଶରେ ହାରାହାରି ଶତାଧିକ ହାତୀଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ ହାତୀ ଦାନ୍ତ ପାଇଁ ଶିକାର, ବିଦ୍ୟୁତ କରେଂଟ ଏବଂ ଟ୍ରେନ ଧକ୍କାରେ ବାର୍ଷିକ ହାରାହାରି ପ୍ରାୟ ୬୦୦ ଜଙ୍ଗଲୀ ହାତୀଙ୍କ ମୃତ୍ୟୁ ଘଟୁଥିବା ଏକ ଗବେଷଣାତ୍ମକ ରିପୋର୍ଟରେ କୁହାଯାଇଛି। ଆମ ରାଜ୍ୟରେ ଗତ ୧୦ବର୍ଷ ମଧ୍ୟରେ ୭୦୦ ହାତୀଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ଘଟିଥିବା ସରକାରୀ ତଥ୍ୟ କହେ। ଉଲ୍ଲେଖଯୋଗ୍ୟ ଯେ, ହାତୀ ଆମ ଦେଶର ସଂସ୍କୃତି, ଧାର୍ମିକ ରୀତି ସହ କାହିଁ କେଉଁ ପୁରାକାଳରୁ ଜଡିତ। ହାତୀକୁ ଅନ୍ନଦାତ୍ରୀ ମା' ଲକ୍ଷ୍ମୀ, ଜ୍ଞାନଦାତା ଗଣେଶ ଏବଂ ବୁଦ୍ଧଙ୍କ ପ୍ରତୀକ ଭାବେ ଭକ୍ତି କରାଯାଏ। ହାତୀ ଶିକାର ମୌର୍ଯ୍ୟ ଶାସନ କାଳରୁ ଦଣ୍ଡନୀୟ ଅପରାଧ ଭାବେ ରହିଛି। ହାତୀ ସମେତ ବହୁ ଜୀବଜନ୍ତୁଙ୍କର ସାଂସ୍କୃତିକ ସହାବସ୍ଥାନ, ଜୀବ ପ୍ରତି ଦୟା ଏବଂ ଧାର୍ମିକ ପୂଜାର୍ଚ୍ଚନା ସହ ଆମର ସଂସ୍କୃତି ସମୃଦ୍ଧଶାଳୀ। ଆମେରିକାରେ ଯେପରି ଇଗଲ, ଚୀନରେ ଡ୍ରାଗନ ସହ ସାଙ୍କେତିକ ଭାବେ ସମ୍ପର୍କ ରହିଛି, ଆମ ଦେଶରେ ହାତୀ ସହ ମଧ ଅନୁରୂପ ଧାର୍ମିକ, ସାଂସ୍କୃତିକ ଭାବାବେଗ ରହିଆସିଛି। ଦେଶର ବହୁ ମନ୍ଦିରରେ ହସ୍ତିଦାନ ଏବେ ବି ଧାର୍ମିକ ରୀତି ଭାବେ ରହିଛି। ଏହା ସତ୍ତ୍ୱେ ହାତୀ ବଂଶକ୍ଷୟ ଅତ୍ୟନ୍ତ ଉଦ୍‌ବେଗଜନକ ଏଥିରେ ସନ୍ଦେହ ନାହିଁ। ଏହା ସତ୍ୟ ଯେ, ଦେଶରେ ହାତୀ ଗଣନା ନୂଆ ନୁହେଁ। ଦେଶରେ ପ୍ରଥମ ଥର ପାଇଁ ଚଳିତ ବର୍ଷ ହାତୀଙ୍କ ଡିଏନଏ ଆଧାରିତ ଗଣନା ପରେ ଏହି ତଥ୍ୟ ପ୍ରକାଶ ପାଇଛି। ଏହି ପ୍ରକ୍ରିୟାରେ ସାରା ଦେଶରେ ରହୁଥିବା ହାତୀ ମଳର ନମୂନା ଏକତ୍ର କରାଯାଇଥିଲା ଏବଂ ଡିଏନଏ ଫିଙ୍ଗର ପ୍ରିଂଟ ମାଧମରେ ପ୍ରତୀ ହାତୀର ଚିହ୍ନଟ କରାଯାଇଥିଲା। ମାନବ ଡିଏନଏ ଭଳି ହାତୀର ଜିନକୋଡ, ଆଧାରରେ ଏହି ଗଣନା କରାଯାଇଥିଲା। ଏହି ଡିଏନଏ ରିପୋର୍ଟ ଅନୁଯାୟୀ କର୍ଣ୍ଣାଟକରେ ସର୍ବାଧିକ ୬୦୧୩ ହାତୀ ଥିବାବେଳେ ଆସାମରେ ୪୧୫୯ଟି, ତାମିଲନାଡୁରେ ୩୧୩୭ଟି, କେରଳରେ ୨୭୮୫, ଉତରାଖଣ୍ଡରେ ୧୭୯୨ଟି, ଓଡ଼ିଶାରେ ୯୧୨ଟି, ଅରୁଣାଚଳରେ ୬୧୭, ମେଘାଳୟରେ ୬୭୭, ନାଗାଲାଣ୍ଡରେ ୨୫୨, ତ୍ରିପୁରାରେ ୧୫୩, ମଧ୍ୟପ୍ରଦେଶରେ ୯୭, ମହାରାଷ୍ଟ୍ରରେ ୯୭ଟି ହାତୀ ଥିବା ଜଣାଯାଏ। ଆହୁରି ମଧ ଆମ ଦେଶରେ ହାତୀ ସଂରକ୍ଷଣ ପାଇଁ ଶତାଧିକ ହସ୍ତି ଅଭୟାରଣ୍ୟ ରହିଛି। ଏକ ଆନ୍ତର୍ଜାତିକ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ଗତ ଶତାବ୍ଦୀରେ ମାନବ ସଂଖ୍ୟା ଚାରିଗୁଣ ବୃଦ୍ଧି ପାଇଥିବାବେଳେ ହାତୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଆଫ୍ରିକୀୟ ମହାଦେଶରେ ହାତୀ ସଂଖ୍ୟା ୯୦ପ୍ରତିଶତ ହ୍ରାସ ପାଇଥିବାବେଳେ ଏସିଆ ମହାଦେଶରେ ୭୦ପ୍ରତିଶତ ହ୍ରାସ ପାଇଛି। ଭାରତରେ ଗତ ୮ବର୍ଷ ମଧ୍ୟରେ ୧୮ପ୍ରତିଶତ ହାତୀ ସଂଖ୍ୟା ହ୍ରାସ ପାଇବା ଏହା ବଂଶ ଆଗାମୀ ଦିନରେ ଲୋପ ପାଇବା ସଂକେତ ପ୍ରଦାନ କରୁଛି। ଯାହାକି ଏକ ସତର୍କ ଘଣ୍ଟି ସଦୃଶ ହୋଇଛି।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**



# ଅତିରିକ୍ତ ଶବ୍ଦ ତରଙ୍ଗ ଓ ବିଲୁପ୍ତ ବାଇ ଚଢ଼େଇ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ବାଇ ଚଢ଼େଇ ଗୋଟିଏ ଛୋଟିଆ ପକ୍ଷୀ। ଯାହାର କାର୍ଯକଳାପ ଆମେ ପିଲାଦିନେ ଆମେ ସାହିତ୍ୟ ବହିରେ ପଢ଼ିଛେ। ପକ୍ଷୀଟି ଦେଖିବା ପାଇଁ ଯେତିକି ସୁନ୍ଦର ତାର ବସା ତିଆରି କରିବା ଶୈଳୀ ବି ସେତିକି ସୁନ୍ଦର। ସେ ତିଆରି କରିଥିବା ତଳମୁଁହା ବାୟା ବସା ଆଜିର ସମାଜକୁ ଅନେକ କିଛି ଶିଖାଏ। ଭଗବାନଙ୍କ ସୃଷ୍ଟି ବଡ ବିଚିତ୍ର। ଭଗବାନ ତାଙ୍କ ସୃଷ୍ଟିରେ କେତେ ପ୍ରକାର ଜୀବ ଜଗତ ସୃଷ୍ଟି କରିଛନ୍ତି। ତାହା କହିବା ଅସମ୍ଭବ। ତେବେ ବାଇ ଚଢ଼େଇର କଥା ମନକୁ ଆସିଲେ ଆଜି ତାହା ବିରଳ ହେବାକୁ ବସିଲାଣି। କୋଉଠି ବା ଅଳ୍ପ ଅଳ୍ପ ଦେଖିବାକୁ ମିଳୁଛି କିନ୍ତୁ ତାଙ୍କ ସଂଖ୍ୟା ଘଟିବାର ଲାଗିଛି। ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି ବାଇ ଚଢ଼େଇ।

ଆଜିର ଏ ଚାକଚକ୍ୟ କଙ୍କ୍ରିଟ ଦୁନିଆରେ ଲୋପ ପାଇବାକୁ ବସିଛନ୍ତି ମଣିଷ ସମାଜକୁ ପ୍ରେରଣା ଦେଉଥିବା ବାଇ ଚଢ଼େଇ ଅନେକ ଉତ୍ସ। କ୍ଷୁଦ୍ର ଏହି ପକ୍ଷୀ ବାଇ ଚଢ଼େଇ ହେଲେ କଣ ହେବ ଏହାର ଜ୍ଞାନ କୌଶଳ ଏବଂ ବସା ନିର୍ମାଣ କାରିଗରୀ ମଣିଷକୁ ବଞ୍ଚିବାର କୌଶଳ ସିଖାଇଦିଏ। କବିଟିଏ ହେଉ ଅବା ଗୀତିକାର ରାସ୍ତାରେ ଯାଉଥିବା ସମୟରେ ଏଇ ବାଇ ଚଢ଼େଇ ବସାଟିକୁ ଦେଖିଲେ ସୁନ୍ଦର ସୁନ୍ଦର କବିତା ଓ ଗୀତ ଆରମ୍ଭ କରିଦିଅନ୍ତି। ଟିକି ବାଇ ଚଢ଼େଇ ସମାଜକୁ ଦିଏ ବଡ ସଂଦେଶ। ହେଲେ ଆଜି ବିପଦରେ ଏହି ପକ୍ଷୀ, ମଣିଷ ଜଙ୍ଗଲ କାଟି ଗଢୁଛି କଂକ୍ରିଟ ସହର, ଲୋପ ପାଉଛନ୍ତି ସମାଜକୁ ପ୍ରେରଣା ଯୋଗାଉଥିବା ଏହିପକ୍ଷୀ। ବାଇ ଚଢ଼େଇ ଗୋଟିଏ ଛୋଟିଆ ପକ୍ଷୀ। ଯାହାର କାର୍ଯ୍ୟକଳାପକୁ ନେଇ ଆମ ପିଲାଦିନେ ସାହିତ୍ୟ ବହିରେ ପଢ଼ିଛେ। ପକ୍ଷୀଟି ଦେଖିବାକୁ ଯେତିକି ସୁନ୍ଦର ତାର ବସା ତିଆରି କରିବା କୌଶଳ ବି ସେତିକି ସୁନ୍ଦର। ସେ ତିଆରି କରିଥିବା ତଳମୁହାଁ 'ବାୟା ବସା' ଆଜିର ସମାଜକୁ ଅନେକ କିଛି ଶିଖାଏ। ତା ଜୀବନ ଶୈଳୀ ଲୋକଙ୍କୁ ବଂଚିବାର ବାଟ ଦେଖାଏ। ହେଲେ ଆଜିର ଏହି ଆଧୁନିକ ଚାକଚକ୍ୟ କଂକ୍ରିଟ ଦୁନିଆରେ ଲୋପ ପାଇବାକୁ ବସିଛନ୍ତି ମଣିଷ ସମାଜକୁ ପ୍ରେରଣା ବାଇ ଚଢ଼େଇ ଭଳି ଅନେକ ଉତ୍ସ। ନାନାବାୟା ଗୀତ ଗାଇ ପିଲାକୁ ସୁଆଇ ଦିଏ ମାଆ। ବାଇ ଚଢ଼େଇର ଉଦାହରଣ ଦେଇ ପିଲାଟି ଦିନରୁ ଜଣେ ଛୁଆକୁ ଜୀବନର ମୂଲ୍ୟ ବୁଝାଏ ମାଆ। କେବଳ ଏତିକି ନୁହେଁ ମଣିଷ ଜୀବନର ପ୍ରତିଟି ପାହାଚରେ ବାଇ ଚଢ଼େଇର ଉଦାହରଣ ପରିଲକ୍ଷିତ ହୁଏ। ସେ ଘର ତୋଳିବା ହେଉ ବା ଭବିଷ୍ୟତ ପାଇଁ ପୁଂଜି ସଂଚୟ କରିବା, ସବୁ କ୍ଷେତ୍ରରେ ମଣିଷଠୁ ପାଦେ ଆଗରେ ଏହି ଛୋଟିଆ ପକ୍ଷୀ। କ୍ଷୁଦ୍ର ଏକ ପକ୍ଷୀ, ବାଇ ଚଢ଼େଇ। ହେଲେ ଏହାର ଜ୍ଞାନ କୌଶଳ ଏବଂ ବସା ନିର୍ମାଣ କାରିଗରୀ, ମଣିଷ ଶିଖାଇ ଦିଏ ଜୀବନ ଜିଇଁବାର କୌଶଳ। ନିଜ ଛୁଆକୁ ସୁରକ୍ଷିତ ରଖିବା ସହ ନିଜେ ସୁରକ୍ଷିତ ରହିବା ପାଇଁ ଜନବସତି ଠାରୁ ଢ଼େର ଦୂରରେ, ଉଚ୍ଚ ଗଛରେ ନିଡଟିଏ ତିଆରି କରେ ମାଆ ବାଇ ଚଢ଼େଇ। କୁନି ଥଂଟରେ କାଠି କୁଟା ସଂଗ୍ରହ କରି ଗଛ ଡାଳରେ ଏକ ସୁନ୍ଦର ବସାଟିଏ ଝୁଲେଇ ଦିଏ। ବସାର ମୁହଁକୁ ତଳମୁହାଁ କରେ। ଫଳରେ ବାୟା ବସା ପବନରେ ଦୋହଲେ ସିନା ହେଲେ ବର୍ଷା-ଖରାରୁ ତା ବାଇ ଚଢ଼େଇକୁ ସୁରକ୍ଷା ଦିଏ।

ପଲ୍ଲୀ କବି ନନ୍ଦକିଶୋର ବଳଙ୍କ ଧୋରେ ବାୟା ଧୋ, ସେହପରି ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ଗାଳ୍ପିକ କୈଳାସ ପଟ୍ଟନାୟକ ତାଙ୍କର ସ୍ଥାବର ଜଙ୍ଗମ ଉପନ୍ୟାସରେ ବାଇ ଚଢ଼େଇକୁ ସ୍ଥାନ ଦେଇଛନ୍ତି। କୃଷକ ଟିଏ ହେଉ କି ବାଟରେ ଯାଉଥିବା ବାଟୋଇ ଟିଏ ହେଉ ଏଇ ମୂର୍ଚ୍ଛନା କୁଦେଖିଲେ ସବୁ ଦୁଃଖ କଷ୍ଟ ଭୁଲି ଯାଏ। ଟିକି ଚଢ଼େଇଟି ହେଲେ ମଧ ତାର ଛୋଟିଆ ଥଣ୍ଟରେ କାଠିକୁଟା ସଂଗ୍ରହ କରି ତାର ବସା ତିଆରି କରିଥାଏ। ଆଜିକାଲି ଆଉ ସେଇ ବାଇ ଚଢ଼େଇର ବାୟା ବସା ଆଉ ଦେଖିବାକୁ ମିଳୁନାହିଁ ବାଇ ଚଢ଼େଇରେ ବାଇ ଚଢ଼େଇ ବା କଲେ ବସା ଦୋହଲୁ ଥାଇ। ବାଇ ଚଢ଼େଇରେ ବାଇ ଚଢ଼େଇ ତୋ ମା ଯାଇଛି ଗାଈ ଚରେଇ, ଗଭୀର ବିଲରୁ ଆଣିବ ବେଲ କୋଳରେ ବସେଇ ତତେ କରିବ ଗେଲ ଭଳି ପିଲା ଦିନେ ଏଭଳି ଅନେକ ଗୀତ ମାଆଙ୍କ ଠାରୁ ଶୁଣିଥିଲେ। ଗାଆଁ ହେଉ ଅବା ସହର ବାୟା ଚଢ଼େଇଙ୍କୁ ଲକ୍ଷ୍ୟ କରି ଅନେକ ଶିଶୁଗୀତ ରଚିତ ହୋଇଅଛି ଓ ଶୁଣିବାକୁ ମିଳେ। ଯଥା - ଧୋଓରେ ବାୟା ଧୋ ! ଯେଉଁ କିଆରିରେ ଗହଳ ମାଣ୍ଡିଆ ସେହି କିଆରିରେ ଶୋ। ବାୟାର କି ଯାଏ, ବାଆ କଲେ ବସା ଦୋହେଲୁ ଥାଏ। ବାୟା ମାଆ



ଯେ ସରୁ କାଟେଣୀ, ଝିଅକୁ ପିନ୍ଧାଏ ପାଟ ପଟନୀ, ପୁଅକୁ ପିନ୍ଧାଏ ନେତ, ଆପେ ପିନ୍ଧିଥାଏ କଳା ବୋଇତ ଲୋ, ଉଡ଼େଇ ନଉଛି ଭୂତା ଗୋଟିଏ ପଟେ ଗାଁ ଅନ୍ୟପଟେ ବାଇ ଚଢ଼େଇର ବସାକୁ କବିଟିଏ କେତେ ଭାବେ ସୁନ୍ଦର କବିତା ଲେଖିବା ପାଇଁ ପରିବେଶପ୍ରେମୀଙ୍କୁ ବେଶ ଆନନ୍ଦ ଦେଇଥାଏ ବାଇ ଚଢ଼େଇର ଏଇ କିଚିରିମିଚିରି ଶବ୍ଦ। ବର୍ତ୍ତମାନ ଦ୍ରୁତ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଜଙ୍ଗଲ ନଷ୍ଟ ଫଳରେ ଜୀବଜଗତ ଉପରେ ଏହାର କୁପ୍ରଭାବ ପଡିଛି। ଏହାରି ଭିତରେ ଲୋପ ପାଇବାକୁ ବସିଲାଣି ବାଇ ଚଢ଼େଇ। ତେବ ପ୍ରକୃତିପ୍ରେମୀ ଓ ସାଧାରଣ ଲୋକେ ବାଇ ଚଢ଼େଇର ସୁରକ୍ଷା ପାଇଁ ପାଇଁ ଆଗେଇ ଆସିଲେ ଆଗପାରି ପୁଣି ଶୁଭିପାରନ୍ତ ବାଇ ଚଢ଼େଇର ସେଇ ଗୀତ। ବାୟା ଚଢ଼େଇରେ ବାୟା ଚଢ଼େଇ, ତୁ ଯାଆ ଯାଆ ବଣକୁ, କୁହୁଡ଼ି କାକର ମାଡ଼ି ଆସୁଛି ତୋ ଟାଙ୍ଗରା ମୁଣ୍ଡକୁ। କୁନି ଚଢ଼େଇଟି ନିଜର ପରିବାର ସହ ରହିବା ପାଇଁ ବଡ଼ ବଡ଼ ଗଛରେ ବସା ବାନ୍ଧି ଥାଏ। ସେମାନେ ଏଭଳି ବସା ତିଆରି କରିଥାନ୍ତି ଯାହା ବର୍ଷା ହେଉ କି ଝଡ କୌଣସି କ୍ଷତି ପହଞ୍ଚି ନଥାଏ। ତଥାପି ଝଡ ବତାସକୁ ଖାତିର ନ କରି ବିଭିନ୍ନ ଗଛରେ ସୁଲୁସୁଲିଆ ପବନରେ ନିଜର ସ୍ୱର ବାହାର କରି ସଂଗୀତର ଅପୂର୍ବ ମୂର୍ଚ୍ଛନା ଗାନ କରିଥାଏ।

ଏହି ଛୋଟ ସୁନ୍ଦର ବାଇ ଚଢ଼େଇ ତାଳ, ନଡ଼ିଆ ଓ ଅନ୍ୟ ବଡ଼ ବଡ଼ ଗଛର ଅଗ ଡାଳରେ ପତ୍ରମାନଙ୍କ ସରୁ ତନ୍ତୁଦ୍ୱାରା ବୋତଲ ପରି ସରୁମୁହାଁ ବସା ବୁଣି ଝୁଲାଇ ଥାଆନ୍ତି ଓ ବସାର ତଳ ପାଖେ ବାଟ ରଖି ଥାଆନ୍ତି ଏମାନେ ଦଳ ଦଳ ଆସି ପାଚିଲା ଧାନ କ୍ଷେତରୁ ବହୁତ ଧାନ ଖାଇ ଯାଆନ୍ତି ଯାହା ଦେଖିବାକୁ ଭାରି ଭଲ ଲାଗେ। ସବୁଠାରୁ ବଡ କଥା ହେଉଛି ଆଜିର ଦୁନିଆରେ ମଣିଷ ଯୌଥ ପରିବାରରୁ ଦୂରେଇ ଯାଉଥିବା ବେଳେ ଏମାନେ ଗୋଷ୍ଠୀଗତ ଭାବେ ରହୁନ୍ତି। ଆଉ ଏ ମଣିଷ ସମାଜକୁ ବୁଝାଇ ଦିଅନ୍ତି, ଗୋଟିଏ ପରିବାରରେ ଏକାଠି ରହିବାର ମହତ୍ୱ କେତେ। ବାଇ ଚଢ଼େଇର ଜୀବନ ଶୈଳୀ ଆଗକୁ ଆସୁଥିବା ଝଡଝଂଜାକୁ ସାମ୍ନା କରିବା ପାଇଁ ସାହସ ଯୋଗାଏ। ସବୁ ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପ୍ରେରଣା ଦିଏ। କେବଳ ବାଇ ଚଢ଼େଇ ନୁହେଁ, ପ୍ରାକୃତିକ ପରିବେଶ ଓ ଜୀବଜଗତ ଲୋକଙ୍କୁ ଅନେକ କିଛି ଶିଖାଏ, ହେଲେ ଆଜିର ଏହି ଆଧୁନିକ ସମାଜରେ ମଣିଷ କଂକ୍ରିଟ୍ ସହର ତୋଳୁଥିବା ବେଳେ ବାଇ ଚଢ଼େଇ ଭଳି ଅନେକ ପ୍ରେରଣାର ଉତ୍ସ ଲୋପ ପାଇବାରେ ଲାଗିଛି।

ବାଇ ଚଢ଼େଇ ର ବିଭିନ୍ନ ରୂପ ଅଛି। ବାୟା ଚଢ଼େଇଙ୍କୁ କେହି କେହି 'ତାଳବାୟା' କୁହଯାଏ। ଏମାନେ ତାଳ ଗଛ ଅଗରେ ବାୟା ଚଢ଼େଇଙ୍କ ପରି ବସା ବାନ୍ଧନ୍ତି। ଏମାନଙ୍କ ଥଣ୍ଟ ବାପାଙ୍କଠାରୁ ଟିକେ ଛୋଟ ଓ ଥଣ୍ଟର ଅଗ ବଙ୍କା ଓ ଚଉଡ଼ା ଏମାନେ ଉଡ଼ି ଉଡ଼ି ପୋକ ଧରି ଖାଆନ୍ତି। ଜଙ୍ଗଲ କାଟି ଲୋକେ ଏବେ ଘର ତିଆରି କରୁଛନ୍ତି। ଯାହା ଫଳରେ ବାଈ ଚଢ଼େଇଟିଏ ରହିବାକୁ ଆଉ ଜାଗା ପାଉନି। ତେଣୁ ଜୀବ ଜଗତର ଏଇ ବିଚିତ୍ର ପକ୍ଷୀ ଏବେ ବିଲୁପ୍ତପ୍ରାୟ। ସାଧାରଣତଃ ମେ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ବାଈ ଚଢ଼େଇ ତା'ର ବସା ବାନ୍ଧିଥାଏ। ଆଉ ଏ ବସା ଦେଖିବାକୁ ଖୁବ ସୁନ୍ଦର। ଯଦି ଝଡ଼ ଆସେ ଆଉ ବସାକୁ ଛିଡାଇ ଦିଏ ତଥାପି ବାଈ ଚଢ଼େଇ ହାର ମାନି ନଥାଏ। ଗାଁ, ଗଛ ଓ ବାଈ ଚଢ଼େଇ ଏମାନେ ଯେମିତି ପରସ୍ପର ଭିତରେ ଜଡ଼ିତ। ମଣିଷର ଆଧୁନିକ ଜୀବନଶୈଳୀ ପ୍ରକୃତିକୁ ଅନେକ ମାତ୍ରାରେ ପ୍ରଭାବିତ କରିଛି। ଝାଟିମାଟି ଚାଳଘର ଏବେ ପକ୍କାଘରରେ ପରିଣତ ହୋଇଛି। ଗାଁର କାଦୁଅ ମାଟି ରାସ୍ତା ସହରୀ ପକ୍କାରାସ୍ତା ଭଳି ଚିକ୍ ଚିକ୍ କରୁଛି। ଏଭଳି ଚାକଚକ୍ୟ ଜୀବନଶୈଳୀ ଭିତରେ ମଣିଷ ଅନେକ କିଛି ହରେଇସାରିଛି, ଯାହାସବୁ ଆଜିର ପିଲାଙ୍କ ପାଇଁ କାହାଣୀ ପାଲଟିଯାଇଛି। ଚାଳଘର ଲୋପପାଇବା କାରଣରୁ ଘର ଚଟିଆକୁ ଆଉ ଦେଖିବାକୁ ମିଳୁନାହିଁ। ରାସ୍ତାକଡ଼ରେ ଥିବା ବଡ ବଡ ତାଳଗଛ ଧ୍ୱଂସ ପାଇବା ଫଳରେ ଘର ଚଟିଆ ପରି ବାଇ ଚଢ଼େଇ ବସା କି ବାଇ ଚଢ଼େଇକୁ ଦେଖିବାକୁ ମିଳୁନାହିଁ। ଯାହାକି ବର୍ତ୍ତମାନ ପିଲାଙ୍କ ପାଇଁ ବାଇ ଚଢ଼େଇ ଏବଂ ତାର ବସା ଏକ କାହାଣୀ ପାଲଟିଯାଇଛି। ବାଇ ଚଢ଼େଇ ଭଳି କ୍ଷୁଦ୍ର ପକ୍ଷୀର ବାୟା ବସା ମଣିଷ ପାଇଁ ଅନେକ ପ୍ରେରଣା ଯୋଗାଇଥାଏ। ବଡ ବଡ ତାଳଗଛରେ ଲମ୍ବା ଲମ୍ବା ସରୁ ଲହ ସାହାଯ୍ୟରେ ତାର କୁନି ଥଣ୍ଟରେ ତିଆରି କରିଥାଏ ତା'ର ବାୟା ବସା। ଏହା ଦେଖିବାକୁ ଯେମିତି ସୁନ୍ଦର ଲାଗେ। ସେପରି ଏତେଛୋଟ କ୍ଷୁଦ୍ରପକ୍ଷୀ ଏତେ ଉଚ୍ଚାରେ କୁନି ଥଣ୍ଟରେ ତିଆରିଥିବା ବାୟାବସା କଥା ମଣିଷ ମନରେ ଅନେକ ପ୍ରଶ୍ନ ଛିଡା କରିଥାଏ। ବାଇ ଚଢ଼େଇ ବସା ବର୍ଷା, ଝଡ ପବନରେ ଝୁଲୁଥିବା ଦେଖିଲେ ବହୁତ ଆନନ୍ଦ ଲାଗେ। ତା'ର କିଚରି ମିଚରି ଶବ୍ଦ ପରିବେଶକୁ ଗୁଞ୍ଜରିତ କରିଥାଏ। ଏମାନଙ୍କ ସଂରକ୍ଷଣ ଓ ବଂଶ ବୃଦ୍ଧି ପାଇଁ ଆମେ ସଜାଗ ହେବା ସହିତ ସରକାର ସ୍ତରରେ ମଧ ପ୍ରଚେଷ୍ଟା ରହିବା ମଧ ନିତ୍ୟାନ୍ତ ଆବଶ୍ୟକ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**

# ଆଲୋକର ପର୍ବ ଦୀପାବଳି

**ସନ୍ତୋଷ କୁମାର ଦାଶ**



ଆଲୋକର ପର୍ବ ଦିପାବଳୀ ହିନ୍ଦୁମାନଙ୍କର ଏକ ମୁଖ୍ୟ ପର୍ବ। ଦୀପାବଳୀରେ ମା କାଳୀଙ୍କ ପୂଜା କରାଯାଏ। କାର୍ତ୍ତିକ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ମଧରାତ୍ରୀରୁ ତାନ୍ତ୍ରିକ ଓ ଶାକ୍ତ ମତରେ ଦେବୀକାଳୀଙ୍କର ପୂଜା କରାଯାଇଥାଏ। ଆଲୋକର ପର୍ବ ଦୀପାବଳିକୁ ପାଳିବାକୁ ସମସ୍ତେ ବର୍ଷସାରା ଉତ୍କଣ୍ଠାର ସହିତ ଅପେକ୍ଷା କରିଥାଆନ୍ତି। ଏହି ଦିନକୁ ସମସ୍ତେ ନିଜ ନିଜର ପରିବାର ସହିତ ବେଶ ହସଖୁସିର ସହିତ ପାଳନ କରି ଥାଆନ୍ତି। ସେହିଭଳି ଓଡ଼ିଆ ପରମ୍ପରାରେ ଏହି ଦିନ ପିତୃପୁରୁଷଙ୍କୁ ମନେପକାଇବାର ପ୍ରଥା ମଧ ପାଳନ ହୋଇଥାଏ। ପରିବାରର ସମସ୍ତେ ମିଶି କାଉଁରିଆ କାଠି ଧରି ତହିଁରେ ଅଗ୍ନି ସଂଯୋଗ କରି ବଡ଼ବଡିଆ ଡାକିଥାନ୍ତି। ବଡ଼ ବଡୁଆ ହୋ..ଅନ୍ଧାରେ ଆସି ଆଲୁଅରେ ଯାଅ.. ବାଇଶି ପାହାଚେ ଗଡ଼ଗଡ଼ାଉ ଥାଅ। ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଦୀପାବଳୀ ଲକ୍ଷ୍ମୀ ପୂଜାର ସମୟ। ବିଶେଷ କରି, ଉତ୍ତର ଭାରତରେ ମହାଲକ୍ଷ୍ମୀଙ୍କ ରୂପରେ ଦେବୀଙ୍କ ଆରାଧନା କରାଯାଏ। ଏହି ସବୁ ଅଞ୍ଚଳରେ ଏହା ଏକ ମୁଖ୍ୟ ପର୍ବ ରୂପେ ପାଳିତ ହୁଏ। ମିଥିଳା ଓ ନେପାଳ ରେ ଏହି ପର୍ବରେ ମହାନିଶାଙ୍କ ପୂଜା କରା ଯାଏ। ଘରେ ଘରେ ସେଦିନ ଦୀପ ଜଳେ, ବାଣ ଫୁଟାଯାଏ। ଶ୍ରାଦ୍ଧ କରାଯାଏ। ପିଠାପଣା ହୁଏ। ଦୀପାବଳୀ ଉତ୍ସବ ପାଳନ ବିଷୟ ରେ ନାନା ପ୍ରକାର ଲୋକକଥା ଶୁଣାଯାଏ। ଏହି ଦୀପାବଳୀ ଅମାବାସ୍ୟାକୁ ପୟା ଅମାବାସ୍ୟା ମଧ କୁହା ଯାଇଥାଏ। କିମ୍ବଦନ୍ତୀ ଅନୁସାରେ ସତ୍ୟଯୁଗରେ ପ୍ରଭୁ ରାମଚନ୍ଦ୍ର ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କରି ଅଯୋଧା ଫେରିଲେ। ଅଯୋଧାର ସମସ୍ତ ନରନାରୀ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ଆନନ୍ଦରେ ବିଭିନ୍ନ ପ୍ରକାର ଆଲୋକ ଜଳେଇଥିଲେ। ସେହିଦିନ ଠାରୁ ଏହି ଉତ୍ସବ ପାଳନ କରାଯାଉଛି। ଓଡିଆ ମାନେ ନିଜ ଘର, ଦେବ ଦେବୀ ମନ୍ଦିର କୁ ରଙ୍ଗୀନ ଆଲୋକ ମାଳା ରେ ସଜ୍ଜିତ କରି ଏହି ଉତ୍ସବ କୁ ଧୁମ୍ ଧାମରେ ପାଳନ



କରିଥାନ୍ତି। ଉତ୍ତର ଭାରତରେ ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ର ଙ୍କର ଭକ୍ତମାନେ ଏହି ଦିନଟିକୁ ବହୁ ଯାକଜମକରେ ପାଳନ କରିଥାନ୍ତି। ସେହିଭଳି ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ଦୈତ୍ୟରାଜ ବଳି ମହା ଦାନୀ ଥିଲେ। ସେ ଏପରି ଦାନ କଲେ ଯେ, ସ୍ୱର୍ଗର ଦେବତାମାନଙ୍କ ମଧରେ ଭାଳେଣି ପଡ଼ିଗଲା। କାରଣ ତାଙ୍କର ପୂଣ୍ୟ ଫଳରେ ସେ ସ୍ୱର୍ଗପୁର ର ଅଧିକାରୀ ହୋଇପାରନ୍ତି। ଏଣୁ ଦେବତା ମାନେ ଚିନ୍ତା ରେ ପଡ଼ି ଶ୍ରୀ ନାରାୟଣଙ୍କ ଶରଣ ପଶିଥିଲେ।ବିଷ୍ଣୁ ନାରାୟଣ ବାମନ ଅବତାର ଗ୍ରହଣ କରି ବଳିରାଜଙ୍କ ପାଖରେ ପହଞ୍ଚି ତାଙ୍କୁ ତିନିପାଦ ଭୂମି ମାଗିଥିଲେ। ଗୋଟିଏ ପାଦରେ ପୃଥିବୀ, ଦ୍ୱିତୀୟ ପାଦରେ ସ୍ୱର୍ଗ ଏବଂ ତୃତୀୟ ପାଦରେ ବଳିଙ୍କୁ ପାତାଳକୁ ଚାପିଦେଲେ। ତେଣୁ ସେ ପାତାଳ ପୁରକୁ ଚାଲିଗଲେ। ତା ପରେ ବଳିଙ୍କ ପ୍ରାର୍ଥନା ଶୁଣି ପାତାଳରେ ବଳିକୁ ଭଗବାନ ଶ୍ରୀ ବିଷ୍ଣୁ ରାଜା କରିଦେଲେ। ବର୍ଷକରେ ଥରେ ମର୍ତ୍ତ୍ୟପୁରକୁ ଆସି ପ୍ରଜାମାନଙ୍କୁ ଦେଖିବାକୁ ବଳୀ ରାଜା ବର ମାଗନ୍ତେ

**ବଳିଙ୍କ ପ୍ରାର୍ଥନା ଶୁଣି ପାତାଳରେ ବଳିକୁ ଭଗବାନ ଶ୍ରୀ ବିଷ୍ଣୁ ରାଜା କରିଦେଲେ। ବର୍ଷକରେ ଥରେ ମର୍ତ୍ତ୍ୟପୁରକୁ ଆସି ପ୍ରଜାମାନଙ୍କୁ ଦେଖିବାକୁ ବଳୀ ରାଜା ବର ମାଗନ୍ତେ ବିଷ୍ଣୁ ଏଥିରେ ସମ୍ମତି ଜଣାଇ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ପ୍ରତିପଦା ଦିନ ବଳୀ ମର୍ତ୍ତ୍ୟକୁ ଆସିବାକୁ ତଥାସ୍ତୁ କହିଲେ। ତେଣୁ ସେଦିନକୁ ମର୍ତ୍ତ୍ୟବାସୀ ଆନନ୍ଦର ଦୀପ ଜାଳି ଆଲୋକିତ କରନ୍ତି।**

ବିଷ୍ଣୁ ଏଥିରେ ସମ୍ମତି ଜଣାଇ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ପ୍ରତିପଦା ଦିନ ବଳୀ ମର୍ତ୍ତ୍ୟକୁ ଆସିବାକୁ ତଥାସ୍ତୁ କହିଲେ। ତେଣୁ ସେଦିନକୁ ମର୍ତ୍ତ୍ୟବାସୀ ଆନନ୍ଦର ଦୀପ ଜାଳି ଆଲୋକିତ କରନ୍ତି। ଯାହା ଦୀପାବଳି ଭାବେ ପାଳିତ ହୋଇଥାଏ। ଆଲୋକ ର ପର୍ବ ଦିପାବଳୀ କୁ ନେଇ ଏହିପରି ଭିନ୍ନ ଭିନ୍ନ ବର୍ଣ୍ଣନା ରହିଛି। ଓଡ଼ିଶାରେ ଖୁବ ଧୂମଧାମରେ ଦୀପାବଳିକୁ ପାଳନ କରାଯାଏ। ଏହି ଦିନ କାଉଁରିଆ କାଠି ଜଳାଇ ବଡ଼ ବଡିଆ ଡକା ଯିବା ସହିତ ପିତୃପୁରୁଷ ଙ୍କୁ ଶ୍ରାଦ୍ଧ ଅର୍ପଣ କରାଯାଇଥାଏ। ଘରେ ଘରେ ପିଠାପଣା ଓ ରଙ୍ଗୋଲି ପକାଯାଏ ।ସମସ୍ତେ ନିଜ ନିଜର ପରିବାର ସହିତ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରି ଥାଆନ୍ତି। ଏହି ସମୟ ରେ ଧାନ ଫସଲ ରେ ଅନେକ କୀଟ ପତଙ୍ଗ ସୃଷ୍ଟି ହୋଇଥାନ୍ତି। ଦୀପାବଳି ପାଳନ ରେ ସବୁଆଡେ ଦୀପ, ମହମବତୀ ଜଳା ଯାଇଥାଏ। ସେହି ଜଳୁଥିବା ଦୀପ ଓ ମହମବତୀ ଆଲୋକ ରେ ଆକର୍ଷିତ ହୋଇ ଆସି କୀଟ ପତଙ୍ଗ ସବୁ ଜଳି ଯାଇ ମୃତ୍ୟୁ ବରଣ କରି ଥାନ୍ତି। ସେ ଯାହା ହେଉନା କାହିଁକି ଆଲୋକ ର ପର୍ବ ଦୀପାବଳି ଏକ ପ୍ରମୁଖ ପର୍ବ ଭାବେ ପାଳନ କରାଯାଇ ଆସୁଛି।

**ତୁଳସୀପୁର, ପୁରୀ, ମୋବାଇଲ୍: ୯୪୩୯୩୬୧୮୮**



# ବିହାରର ୧୨ ଆସନରେ ପରସ୍ପର ଲଢ଼ିବେ ବିରୋଧୀ

ପାଟନା,୨୧।୧୦: ୧୨ ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଗଲା। ବିହାରରେ ଏନଡିଏ ଅପେକ୍ଷା ଏବେ ବିରୋଧୀ ମେଣ୍ଟ ପରସ୍ପର ବିରୋଧରେ ଲଢ଼ିବାକୁ ଆଗେଇ ଆସିଛନ୍ତି। ବିରୋଧୀ ମେଣ୍ଟ ବା ମହାଗଠବନ୍ଧନରେ ସିଟ୍ ଶେୟାରିଂ ଫର୍ମୁଲା ଚୂଡ଼ାନ୍ତ ହୋଇଥିଲେ ହେଁ ବୁଝାମଣା ଅଧାରେ ରହିଯାଇଛି। ଏହି କାରଣରୁ ଆଗାମୀ ବିଧାନସଭା ନିର୍ବାଚନରେ ରାଜ୍ୟରେ ୧୨ଟି ଆସନରେ ମହାଗଠବନ୍ଧନ ବନାମ ମହାଗଠବନ୍ଧନ ଲଢ଼େଇ ଦେଖିବାକୁ ମିଳିବ। କଂଗ୍ରେସ ଓ ଆରଜେଡି ସମେତ କିଛି ଆଞ୍ଚଳିକ ଦଳ ବିହାରରେ ମହାଗଠବନ୍ଧନ ତିଆରି କରିଛନ୍ତି। ହେଲେ ନିର୍ବାଚନ ପୂର୍ବରୁ ମେଣ୍ଟରେ ଥିବା ଦଳଗୁଡ଼ିକ ପରସ୍ପର ବିରୋଧରେ ଲଢ଼େଇ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ସିଟ ଶେୟାରିଂ ଫର୍ମୁଲା ଚୂଡ଼ାନ୍ତ ହୋଇ ନଥିବାରୁ ମହାଗଠବନ୍ଧନର କୌଣସି ଦଳ ବିଧିବଦ୍ଧ ଭାବେ ପ୍ରାର୍ଥୀ ତାଲିକା ଜାରି କରିଥିଲେ। ସୋମବାର ଆରଜେଡି ପକ୍ଷରୁ ୧୪୩ ଆସନ ପାଇଁ ବିଧିବଦ୍ଧ ଭାବେ ପ୍ରାର୍ଥୀ ତାଲିକା ଜାରି କରାଯାଇଥିଲା। ଏଥିରେ ଏମିତି ୬ଟି ଆସନ ରହିଛି, ଯେଉଁଠାରେ କଂଗ୍ରେସ ପ୍ରାର୍ଥୀ ମଧ ନାମାଙ୍କନ ଭରିଛନ୍ତି। ସେହି ଆସନ ଗୁଡ଼ିକ ହେଲା-ବୈଶାଳୀ, ସିକନ୍ଦ୍ରା, କାହାଲଗାଓଁ, ସୁଲତାନଗଞ୍ଜ, ନରକତିଗଞ୍ଜ ଓ ୱାରସଲିଗଞ୍ଜ। ସେହିପରି ବାଚୱାରା, ରାଜାପାକର, ବିହାର ଶରିଫ ଓ କରଘରରେ କଂଗ୍ରେସ ଓ ବାମପନ୍ଥୀ ପ୍ରାର୍ଥୀ ଦେଇଛନ୍ତି। ସେହିପରି ବାଚୱାରା, ରାଜାପାକର, ବିହାର ଶରିଫ ଓ ରାଜାପାକରରେ ନଭେମ୍ବର ୬ରେ ଭୋଟ ହେବ। ଏଠାରେ ନାମାଙ୍କନ ପ୍ରତ୍ୟାହାର ପାଇଁ ଆଉ ସୁଯୋଗ ମଧ ନାହିଁ। ତେଣୁ ଏହି ଆସନରେ ମହାଗଠବନ୍ଧନ ମଧରେ ସିଧାସଳଖ ଲଢ଼େଇ ହେବା ଏକ ପ୍ରକାରର ନିଶ୍ଚିତ ହୋଇଛି।

# କଥା ନମାନିଲେ ହମାସକୁ ମୂଳପୋଛ କରିଦେବି: ଟ୍ରମ୍ପ

ନୂଆଦିଲ୍ଲୀ,୨୧।୧୦ : କଥା ନମାନିଲେ ହମାସକୁ ମୂଳପୋଛ କରିଦେବି। ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହମାସକୁ ଏଭଳି ଚେତାବନୀ ଦେଇଛନ୍ତି। ଇସ୍ରାଏଲ ଓ ହମାସ ମଧରେ ଶାନ୍ତି ଚୁକ୍ତି ହୋଇଥିବା ବେଳେ ଅସ୍ତ୍ରବିରତି ପାଇଁ ଦୁଇ ଦେଶ ରାଜି ହୋଇଛନ୍ତି। ଏହା ସତ୍ତ୍ୱେ ବି ହମାସ ଯୁଦ୍ଧବିରତି ନିୟମ ଉଲ୍ଲଂଘନ କରୁଥିବା ଅଭିଯୋଗ କରୁଛି ଇସ୍ରାଏଲ। ଏହି ଅଭିଯୋଗ ପରେ ଏବେ ଟ୍ରମ୍ପ ନିଜର ପ୍ରତିକ୍ରିୟା ରଖିଛନ୍ତି।

ଓଭାଲ ଅଫିସରେ ଭାଷଣ ଦେଇ ଟ୍ରମ୍ପ କହିଛନ୍ତି ଯେ, 'ଅନେକ ବର୍ଷ ପରେ ପ୍ରଥମ ଥର ପାଇଁ ଆମେ ମଧପ୍ରାଚ୍ୟରେ ଶାନ୍ତି ଦେଖିଛୁ। ଆମେ ହମାସ ସହିତ ଏକ ଚୁକ୍ତି କରିଛୁ ଯେ, ସେମାନେ ଶାନ୍ତି ବଜାୟ ରଖିବେ ଏବଂ ନିଜର ଆଚରଣ ଠିକ କରିବେ। ଯଦି ସେମାନେ ଏଭଳି ନକରନ୍ତି, ତେବେ ଆମେ ସେମାନଙ୍କୁ ମୂଳପୋଛ କରିଦେବୁ। ସେମାନେ ଏହା ଭଲଭାବେ ଜାଣନ୍ତି।' ସେ ହମାସକୁ ଅତୀତରେ କରିଥିବା ହିଂସା ପାଇଁ ଆକ୍ଷେପ କରି ଦାବି କରିଛନ୍ତି ଯେ, 'ଏହି ଗୋଷ୍ଠୀ ଆଉ ଇରାନ କିମ୍ବା ଅନ୍ୟ ରାଷ୍ଟ୍ରଗୁଡ଼ିକଠାରୁ ସମାନ ସ୍ତରର ସମର୍ଥନ ପାଉନାହିଁ। ସେମାନେ ବହୁତ ହିଂସାତ୍ମକ ଲୋକ ଏବଂ ବହୁତ ଲୋକଙ୍କୁ ହତ୍ୟା କରିଛନ୍ତି। କିନ୍ତୁ ଏବେ ସେମାନଙ୍କୁ ଆଉ ଇରାନର ସମର୍ଥନ ମିଳୁନାହିଁ। ତେଣୁ ସେମାନଙ୍କୁ ଭଲ ଆଚରଣ କରିବାକୁ ପଡିବ। ଯଦି ସେମାନେ ନିୟମ ନମାନନ୍ତି ତେବେ ସେମାନଙ୍କୁ ମୂଳପୋଛ କରିଦିଆଯିବ।'

### ଦୀପାବଳିର ସ୍ୱଦେଶୀ ଲହରରେ ଚାଇନାକୁ ଝଟକା

# ୬. ୦୫ ଲକ୍ଷ କୋଟି ଟଙ୍କାର କାରବାର

ନୂଆଦିଲ୍ଲୀ,୨୧।୧୦: ଚଳିତ ବର୍ଷର ଦୀପାବଳି କେବଳ ଆଲୋକ ଏବଂ ମିଠାର ପର୍ବ ନଥିଲା; ଏହା ଭାରତୀୟ ଅର୍ଥନୀତି ପାଇଁ ଏକ ଐତିହାସିକ ମୋଡ଼ ଦେଇଥିଲା। ଦେଶର ବଜାରଗୁଡ଼ିକ ପୂର୍ବ ସମସ୍ତ ବିକ୍ରୟ ରେକର୍ଡ ଭାଙ୍ଗି ଦେଇଥିଲା। କନଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସର ଏକ ବିସ୍ତୃତ ରିପୋର୍ଟରୁ ଜଣାପଡିଛି ଯେ, ଭାରତ ଚଳିତ ପାର୍ବଣ ଋତୁରେ ରେକର୍ଡ ଭାଙ୍ଗି ୬.୦୫ ଲକ୍ଷ କୋଟି ଟଙ୍କାର ବ୍ୟବସାୟ କରିଛି। ଏହି ସଂଖ୍ୟା ଏତେ ବଡ଼ ଯେ, ଏହା ଦେଶର ବ୍ୟବସାୟ ଇତିହାସରେ ସବୁଠାରୁ ବୃହତ ପାର୍ବଣ ବିକ୍ରୟ ପାଲଟିଛି। ଏହି ଅଭୂତପୂର୍ବ ସଫଳତା କେବଳ ବଜାରକୁ ପୁନର୍ଜୀବିତ କରିନାହିଁ ବରଂ 'ଆତ୍ମନିର୍ଭର ଭାରତ' ଭାବନାର ଏକ ଜବରଦସ୍ତ ବିଜୟ ପାଲଟିଛି। ଏହି ସର୍ଭେରେ ଦେଶର




୬୦ଟି ପ୍ରମୁଖ ସହରକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଯେଉଁଥିରେ ସମସ୍ତ ରାଜ୍ୟ ରାଜଧାନୀ ସହିତ ଦ୍ୱିତୀୟ ଶ୍ରେଣୀ ଏବଂ ତୃତୀୟ ଶ୍ରେଣୀ ସହର ମଧ ଅନ୍ତର୍ଭୁକ୍ତ ରହିଥିଲା। ଏହି ରିପୋର୍ଟରେ ଭାରତର ପାରମ୍ପରିକ ଖୁଚୁରା ବଜାର କେତେ ଦୃଢ଼ ଭାବରେ ଆଗକୁ ବଢୁଛି ତାହାର ଏକ ଚିତ୍ର ଦର୍ଶାଯାଇଛି। ଏହି ରେକର୍ଡ ଭାଙ୍ଗିବା ବିକ୍ରୟ ପଛରେ ସବୁଠାରୁ ବଡ଼ ପ୍ରେରଣାଦାୟକ ଶକ୍ତି ହେଉଛି 'ସ୍ୱଦେଶୀ'ର ଚେତନା। ଦର୍ଶାଯାଇଥିବା ୮୭% ଗ୍ରାହକ ବିଦେଶୀ, ବିଶେଷକରି ଚୀନ୍ ଉତ୍ପାଦ ଅପେକ୍ଷା ଭାରତୀୟ ସାମଗ୍ରୀ କିଣିବାକୁ ପସନ୍ଦ କରିଥିଲେ। ଏହାର ସିଧାସଳଖ ଫଳସ୍ୱରୂପ, ଚୀନ୍ ଉତ୍ପାଦର ଚାହିଦା ଦ୍ରୁତ ଭାବରେ ହ୍ରାସ ପାଇଥିଲା। ବ୍ୟବସାୟୀମାନେ ପୂର୍ବବର୍ଷ ତୁଳନାରେ ଭାରତୀୟ ନିର୍ମିତ ସାମଗ୍ରୀର ବିକ୍ରୟରେ ୨୫% ବୃଦ୍ଧି ଘଟିଥିବା ରିପୋର୍ଟ କରିଛନ୍ତି।

# ହ୍ୱାଇଟ୍ ହାଉସ୍‌ରେ ବୁଲ୍‌ଡୋଜର୍ ଚାଲିଲା

ୟୱାଶିଂଟନ୍,୨୧।୧୦: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜଣେ ରାଜନେତା ଭାବେ ଯେତିକି ପରିଚିତ, ଜଣେ ସଉକିଆ ବ୍ୟକ୍ତିତ୍ୱ ଭାବେ ମଧ ସେତିକି ଜଣାଶୁଣା। ସେ ତାଙ୍କର ଆଡ଼ମ୍ବର ଜୀବନଶୈଳୀ ସହ କେବେ ବି ସାଲିସ୍ କରନ୍ତି ନାହିଁ। ଏପରିକି ସେ ନିଜର ୧୫ ବର୍ଷ ତଳର ଏକ ସ୍ୱପ୍ନକୁ ସାକାର କରିବା ପାଇଁ ଏବେ ହ୍ୱାଇଟ୍ ହାଉସ୍‌ରେ ବୁଲ୍‌ଡୋଜର୍ ଚଳାଇଛନ୍ତି। ଟ୍ରମ୍ପ୍ ଘୋଷଣା କରିଛନ୍ତି ଯେ, ଏକ ବଲ୍‌ରୁମ୍ ତିଆରି କରିବା ପାଇଁ ହ୍ୱାଇଟ୍ ହାଉସର ପୂର୍ବ ୱିଙ୍ଗକୁ ଆନୁଷ୍ଠାନିକ ଭାବରେ ଭଙ୍ଗାଯାଉଛି। ଯାହାକି ଅନେକ ରାଷ୍ଟ୍ରପତିଙ୍କର ଦୀର୍ଘ ବର୍ଷର ସ୍ୱପ୍ନକୁ ପୂରା କରିବ। ତେବେ ସବୁଠାରୁ ବଡ଼କଥା ହେଲା ଟ୍ରମ୍ପ୍ ଏହି ପ୍ରକଳ୍ପରେ ତାଙ୍କର ନିଜସ୍ୱ ଅର୍ଥ ବିନିଯୋଗ କରୁଥିବା ଘୋଷଣା କରିଛନ୍ତି। ଏଥିରେ ଆମେରିକୀୟ କରଦାତାଙ୍କ ଅର୍ଥ ବିନିଯୋଗ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଟ୍ରମ୍ପ୍ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ପୋଷ୍ଟ ସେୟାର୍ କରି କହିଛନ୍ତି, 'ଏହି ପ୍ରକଳ୍ପର ଅଂଶ



ଭାବରେ ପୂର୍ବ ୱିଙ୍ଗକୁ ସମ୍ପୂର୍ଣ୍ଣ ଆଧୁନିକୀକରଣ କରାଯିବ। ଏହି ବଲରୁମ୍ ବଡ଼ ସମାବେଶ ଏବଂ ସରକାରୀ କାର୍ଯ୍ୟକ୍ରମ ପାଇଁ ବ୍ୟବହୃତ ହେବ। ଭବିଷ୍ୟତ ପିଢ଼ିର ରାଷ୍ଟ୍ରପତିଙ୍କ ସେବା କରିବ। ନୂତନ ବଲରୁମଟି ୯୦,୦୦୦ ବର୍ଗଫୁଟର ହେବ ଏବଂ ଏହା ଆମେରିକା ରାଷ୍ଟ୍ରପତିଙ୍କ ୨୦୦ ନିୟୁତ ଡଲାର ନବୀକରଣ ପଦକ୍ଷେପର ଏକ ଅଂଶ।

# 'ପିଲାଙ୍କ ସହ ସାମାନ୍ୟ ଅଶ୍ଳୀଳ ଆଚରଣ ବି ଦୁଷ୍କର୍ମ ଶ୍ରେଣୀଭୁକ୍ତ'

ନାଗପୁର,୨୧।୧୦: ବମ୍ବେ ହାଇକୋର୍ଟଙ୍କ ନାଗପୁର ବେଞ୍ଚ କହିଛନ୍ତି ଯେ, ଯଦି କେହି ପିଲାଙ୍କ ସହିତ ସାମାନ୍ୟ ଅଶ୍ଳୀଳ ଆଚରଣ କରନ୍ତି, ତେବେ ଏହାକୁ ଦୁଷ୍କର୍ମ ଶ୍ରେଣୀରେ ରଖାଯିବା ଦରକାର। ୩୮ ବର୍ଷ ବୟସ୍କ ଅଭିଯୁକ୍ତଙ୍କ ଆବେଦନକୁ ଖାରଜ କରି କୋର୍ଟ କହିଛନ୍ତି ଯେ, ସେ ୫ ଓ ୬ ବର୍ଷର ବାଳିକାମାନଙ୍କ ସହିତ ଅଭଦ୍ର ଆଚରଣ କରିଥିଲା। ଏଣୁ ଏହା ପକ୍‌ସୋ ମାମଲା ଅଟେ। କୋର୍ଟ ଅଭିଯୁକ୍ତର ୧୦ବର୍ଷ ଜେଲଦଣ୍ଡାଦେଶକୁ ମଧ କାୟମ ରଖିଛନ୍ତି। ଅଭିଯୁକ୍ତ ପେଷାରେ ଜଣେ ଡ୍ରାଇଭର ଓ ସେ ୱର୍ଦ୍ଧା ଜିଲ୍ଲାର ହିଙ୍ଗଘାଟ ବାସିନ୍ଦା। ନାଗପୁର ବେଞ୍ଚଙ୍କ ବିଚାରପତି ଜଷ୍ଟିସ୍ ନିବେଦିତା ମେହେଟ୍ଟା ମାମଲାରେ ରାୟ ଘୋଷଣା କରି କହିଛନ୍ତି ଯେ, ପୀଡ଼ିତାଙ୍କ ସହିତ କୌଣସି ପ୍ରକାରର ଅଶ୍ଳୀଳ ଆଚରଣ ତାଙ୍କୁ ଛୁଇଁବା ବା ତାଙ୍କ ସହ ବଳ ପ୍ରୟୋଗ କରିବାକୁ ଉଦ୍ୟମ କରିବା ମାମଲା ଦୁଷ୍କର୍ମ ଶ୍ରେଣୀର ହୋଇଯାଏ। ସୂଚନା ଅନୁସାରେ ଅଭିଯୁକ୍ତ ନାବାଳିକାଙ୍କୁ ଚିଜୁଳି ଲୋଭ ଦେଖାଇ ପାଖକୁ ଡାକିଥିଲା ଓ ସେମାନଙ୍କୁ ଅଶ୍ଳୀଳ ଭିଡିଓ ଦେଖାଇଥିଲା। ଅଭିଯୁକ୍ତ ସେମାନଙ୍କୁ ଯୌନ ଉତ୍ପୀଡ଼ନ କରିବାକୁ ଉଦ୍ୟମ କରିଥିଲା। ଅଭିଯୁକ୍ତ ବିରୋଧରେ ପକସୋ ଆକ୍ଟ ଓ ଆଇପିସିର ଧାରା ୩୭୬ (୨)(ଆଇ) ଓ ୫୧୧ ରେ ମକଦ୍ଦମା ରୁଜୁ ହୋଇଥିଲା।

# ପାକିସ୍ତାନରେ ପୁଣି ଆକ୍ରମଣ, ୫ ସୈନିକ ମୃତ, ୧୨ ଆହତ

ଇସଲାମାବାଦ, ୨୧।୧୦: ପାକିସ୍ତାନର ଖୈବର ପଖତୁନଖ୍ୱା ପ୍ରାନ୍ତରେ ପୁଣିଥରେ ହୋଇଛି ଆକ୍ରମଣ। ତାଲିବାନ ଆତଙ୍କବାଦୀମାନେ ଏକ ରାଷ୍ଟ୍ରାୟତ୍ତ ଗ୍ୟାସ୍ କମ୍ପାନୀ ଟିମକୁ ସୁରକ୍ଷା ଦେଉଥିବା ଅର୍ଦ୍ଧସାମରିକ ବାହିନୀ ଉପରେ କରିଛନ୍ତି ଆକ୍ରମଣ। ଫଳରେ ଅତି କମରେ ପାଞ୍ଚଜଣ ଅର୍ଦ୍ଧସାମରିକ ସୈନିକ ନିହତ ହୋଇଛନ୍ତି ଏବଂ ପ୍ରାୟ ୧୨ ଜଣ ଆହତ ହୋଇଛନ୍ତି।

ଖୈବର ପଖତୁନଖ୍ୱା ପ୍ରଦେଶର ଡେରା ଇସମାଇଲ ଖାନ ଜିଲ୍ଲାର କୋଟ ଲାଲୁ ନିକଟରେ ଏହି ଘଟଣା ଘଟିଛି। ଯେଉଁଠାରେ ସୈନିକମାନେ ସୁଇ ନର୍ଦ୍ଦର୍ଣ୍ଣ ଗ୍ୟାସ୍ ପାଇପଲାଇନ୍ କମ୍ପାନୀର ଶ୍ରମିକମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ। ଅଧିକାରୀମାନେ କହିଛନ୍ତି ଯେ, ଆକ୍ରମଣକାରୀମାନେ ନିଷିଦ୍ଧ ତେହେରିକ-ଏ-ତାଲିବାନ୍ ପାକିସ୍ତାନର ଥିଲେ। ଆତଙ୍କବାଦୀମାନେ କୌଣସି ଚେତାବନୀ ନ ଦେଇ ଗୁଳି ଚଳାଇବାରୁ ଏଭଳି ଘଟଣା ଘଟିଛି। ପାଲଟା କାର୍ଯ୍ୟାନୁଷ୍ଠାନରେ ସୁରକ୍ଷା ବାହିନୀ ଅତି କମରେ ୮ ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଛି। ତେବେ ଟିଟିପିର ଆତଙ୍କୀ ଖୈବର ପଖତୁନଖ୍ୱାର ଲୋକଙ୍କ ପାଇଁ ଶକ୍ତି, ରୋଜଗାର ଏବଂ ଆବଶ୍ୟକ ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିବା ଗ୍ୟାସ୍ ପାଇପଲାଇନ ପରିଯୋଜନାକୁ ନଷ୍ଟକରିବା ପାଇଁ ଯୋଜନା କରାଯାଇଥିଲା। ଆହତ ସୁରକ୍ଷାକର୍ମୀଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି।

# ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ ସାନେ



ଟୋକିଓ, ୨୧।୧୦ : ଜାପାନକୁ ମିଳିଲା ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ। ଦାୟିତ୍ୱ ନେଲେ ସାନେ ତାକାଇଚି। ଜାପାନର ଲିବରାଲ ଡେମୋକ୍ରାଟିକ୍ ପାର୍ଟିର ଅଧକ୍ଷ ସାନେ ତାକାଇଚି ଅକ୍ଟୋବର ୨୧ ତାରିଖରେ ସଂସଦ ଦ୍ୱାରା ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି। ସାନେ ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ ହେବା ଐତିହାସିକ, କାରଣ ସେ ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ। ତାଙ୍କ ପୂର୍ବରୁ କୌଣସି ମହିଳାଙ୍କୁ ଜାପାନରେ ଏହି ପଦବୀ ମିଳିନଥିଲା।

ତେବେ ଏହି ଖବର ଆସିବା ପରେ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାନେ ତାକାଇଚିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏକ୍ସରେ ପୋଷ୍ଟ କରି ସେ ତାଙ୍କୁ ଶୁଭେଚ୍ଛା ଜଣାଇଥିବା ଦେଖାଯାଇଛି। ସେ କରିଥିବା ପୋଷ୍ଟରେ ଲେଖାଯାଇଛି ଯେ, 'ସାନେ ତାକାଇଚି, ଜାପାନର ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ ହୋଇଥିବାରୁ ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଭାରତ-ଜାପାନ ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱ ସହଭାଗିତାକୁ ଆହୁରି ମଜବୁତ କରିବା ପାଇଁ ମୁଁ ଆପଣଙ୍କ ସହିତ କାମ କରିବାକୁ ଅପେକ୍ଷା କରିଛି। ଆମର ଗଭୀର ସମ୍ପର୍କ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।'

# ଦୀପାବଳି ପରେ ଧୂଆଁମୟ ରାଜଧାନୀ ଦିଲ୍ଲୀ



ନୂଆଦିଲ୍ଲୀ, ୨୧।୧୦: ଦୀପାବଳି ପରେ ପୂରା ଧୂଆଁମୟ ହୋଇଯାଇଛି ରାଜଧାନୀ ଦିଲ୍ଲୀର ଆକାଶ। ଦୀପାବଳିର ଗୋଟିଏ ଦିନ ପରେ ମଙ୍ଗଳବାର ଦିଲ୍ଲୀକୁ ବିଷାକ୍ତ କୁହୁଡ଼ି ଘୋଡ଼ାଇ ରଖିଥିବା ଦେଖିବାକୁ ମିଳିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ସୀମାକୁ ଉଲ୍ଲଂଘନ କରି ଲଗାତର ଭାବେ ବାଣ ମାରି ଚାଲିଥିଲେ ଦିଲ୍ଲୀ ବାସିନ୍ଦା। ଯାହାଫଳରେ ରାତି ଅଧରେ ଆକାଶ ଦିଶୁଥିଲା ବେଶ୍ ଧୂଆଁଳିଆ। ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) 'ଗମ୍ଭୀର' ବର୍ଗକୁ ଖସିଯାଇଛି। ତଥ୍ୟ ଅନୁଯାୟୀ, ଉତ୍ସବ ପାଳନ ମଧରେ ପ୍ରଦୂଷଣ ସ୍ତର ଖରାପ ହେବା ସହିତ ସକାଳ ୭ଟାରେ ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୫୧ ରହିଥିଲା। ଯାହାକି ଜାତୀୟ ହାରାହାରିଠାରୁ ୧.୮ ଗୁଣ ଅଧିକ। ଦୀପାବଳି ରାତିରେ ଏକ୍ୟୁଆଇ 'ଅତ୍ୟନ୍ତ ଖରାପ' ବର୍ଗକୁ ଖସିଗଲା। ନୋଇଡା ଏବଂ ଗୁରୁଗ୍ରାମ ଭଳି ସାଟେଲାଇଟ୍ ସହରଗୁଡ଼ିକର ସ୍ଥିତି ମଧ ଭଲ ନଥିଲା, ମଙ୍ଗଳବାର ସକାଳେ ଏକ୍ୟୁଆଇ ଯଥାକ୍ରମେ ୪୦୭ ଏବଂ ୪୦୨ ଥିଲା। ଗତବର୍ଷ ଦୀପାବଳି ପରେ ଦିଲ୍ଲୀର ସାମଗ୍ରିକ ବାୟୁ ଗୁଣବତ୍ତା 'ଅତ୍ୟନ୍ତ ଖରାପ' ବର୍ଗରେ ରେକର୍ଡ କରାଯାଇଥିଲା। ଏକ୍ୟୁଆଇ ଥିଲା ୩୫୯। ଚଳିତବର୍ଷ ସୁପ୍ରିମକୋର୍ଟ ୧୮ ରୁ ୨୦ ଅକ୍ଟୋବର ପର୍ଯ୍ୟନ୍ତ ଦିଲ୍ଲୀ-ଏନସିଆର ଅଞ୍ଚଳରେ ସବୁଜ ବାଣକୁ ଅନୁମତି ଦେଇଥିଲେ, କେବଳ ଦୁଇଟି ସମୟ ସ୍ଲଟ୍ ମଧରେ, ସକାଳ ୬ ରୁ ୭ ଏବଂ ସନ୍ଧ୍ୟା ୮ ରୁ ରାତି ୧୦ ପର୍ଯ୍ୟନ୍ତ। ତଥାପି, କେହି ନିୟମ ପାଳନ କରିନଥିଲେ। ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଏବଂ ପରେ ବାଣ ଫୁଟିଥିଲା।

### ନୂଆମୋଡ଼ ନେଉଛି ଡିଜିପି ମୃତ୍ୟୁ ମାମଲା

# ଶଶୁର-ବୋହୂଙ୍କ ମଧ୍ୟରେ ଥିଲା ଅବୈଧ ସଂପର୍କ

ପଞ୍ଚକୁଲା,୨୧।୧୦ : ନୂଆ ମୋଡ଼ ନେଉଛି ପଞ୍ଜାବର ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ ମହମ୍ମଦ ମୁସ୍ତାଫା ଏବଂ ପୂର୍ବତନ ପଞ୍ଜାବ ମନ୍ତ୍ରୀ ରଜିଆ ସୁଲତାନାଙ୍କ ପୁଅ ଅକିଲ ଅଖତରଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା। ଏହି ମାମଲାର ତଦନ୍ତ କରି ପୁଲିସ୍ ଏବେ ଭିନ୍ନ ଭିନ୍ନ ତଥ୍ୟ ହାତଉଛି। ଅକିଲଙ୍କ ମୃତ୍ୟୁ ପରେ ବାପା ମହମ୍ମଦ ମୁସ୍ତାଫା, ମାଆ ରଜିଆ ସୁଲତାନା, ସେମାନଙ୍କ ଝିଅ ଓ ବୋହୂ ସମେତ ପରିବାରର ପାଞ୍ଚ ଜଣ ସଦସ୍ୟଙ୍କ ବିରୋଧରେ ଏଫଆଇଆର ରୁଜୁ ହୋଇଥିଲା।



ଅକିଲଙ୍କ ପଡ଼ୋଶୀ ଶମସୁଦ୍ଦିନଙ୍କ ଅଭିଯୋଗ ଆଧାରରେ ଏହି ଏଫଆଇଆର ରୁଜୁ କରାଯାଇଥିଲା। ଯିଏକି ପୋଲିସ କମିସନରଙ୍କୁ ଭେଟି ଅଭିଯୋଗ ଦାଖଲ କରିଥିଲେ। ଏବେ ଏହି ମାମଲା ଆହୁରି ଜଟିଳ ଦିଗକୁ ଗତି କରୁଛି। କାରଣ ପରିବାର ବିରୋଧରେ ଗମ୍ଭୀର ଅଭିଯୋଗ କରାଯାଇଛି। ଅଭିଯୋଗରେ ଉଲ୍ଲେଖ କରାଯାଇଛି ଯେ, ଅକିଲଙ୍କ ପତ୍ନୀ ଏବଂ ତାଙ୍କ ବାପା ମହମ୍ମଦ ମୁସ୍ତାଫାଙ୍କ ମଧରେ ଅବୈଧ ସମ୍ପର୍କ ଥିଲା। କେବଳ ସେତିକି ନୁହେଁ; ପୂର୍ବତନ ମନ୍ତ୍ରୀ ରଜିଆ ସୁଲତାନା ମଧ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ ବୋଲି ଅଭିଯୋଗ ଆସିଛି। ଅକ୍ଟୋବର ୧୬ ତାରିଖରେ ବିଳମ୍ବିତ ରାତିରେ ଅକିଲ ଅଖତର (୩୫)ଙ୍କ ମୃତ୍ୟୁ ପରେ ସାମ୍ନାକୁ ଆସିଥିବା ଏକ ଭିଡିଓ ଆଧାରରେ ପଞ୍ଚକୁଲା ମନସା ଦେବୀ ଥାନାରେ ମାମଲା ରୁଜୁ କରାଯାଇଥିଲା। ପରେ ଅଗଷ୍ଟ ୨୭ ତାରିଖରେ ଅକିଲଙ୍କ ଏକ ଭିଡିଓ ସାମ୍ନାକୁ ଆସିଥିଲା। ଯେଉଁଥିରେ ସେ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରୁଥିବାର ଗମ୍ଭୀର ଅଭିଯୋଗ ଆଣିଥିଲେ। ଭିଡିଓରେ ସେ ତାଙ୍କ ବାପା ଏବଂ ତାଙ୍କ ସ୍ତ୍ରୀଙ୍କ ମଧରେ ଅବୈଧ ସମ୍ପର୍କ ବିଷୟରେ ମଧ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲେ।

# ଦୀପାବଳିରେ ଅଗ୍ନିକାଣ୍ଡ, ୪ ମୃତ, ୧୦ ଆହତ

ମୁମ୍ବାଇ,୨୧।୧୦ : ଦୀପାବଳି ରାତିରେ ମୁମ୍ବାଇ ୱଶୀରେ ଥିବା ରହେଜା କମ୍ପ୍ଲେକ୍ସରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଫଳରେ ୪ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ନିଆଁ ବିଲଡିଂର ୧୦ମ ମହଲାରେ ଲାଗିଥିଲା। ଘଟଣା ବିଷୟରେ ଖବର ପାଇଁ ନଭି ମୁମ୍ବାଇ ଅଗ୍ନିଶମ ବିଭାଗ ଘଟଣା ସ୍ଥଳକୁ ୫ଟି ଗାଡ଼ି ପଠାଇଛି। ୫ ଘଣ୍ଟା ଚେଷ୍ଟା କରିବା ପରେ ନିଆଁକୁ ଆୟତ୍ତ କରାଯାଇଛି। ସକାଳ ୬ଟାରେ ନିଆଁକୁ ଆୟତ୍ତ କରାଯାଇଛି। ମୁମ୍ବାଇ ୱଶୀରେ ଥିବା ରହେଜା କମ୍ପ୍ଲେକ୍ସରେ ଦୀପାବଳି ରାତି ୧୨.୩୦ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ୧୦ମ ମହଲାରେ ନିଆଁ ଲାଗିବା ଯୋଗୁଁ ୪ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୧୦ ଜଣ ଗୁରୁତର ହୋଇଛନ୍ତି । ମୃତକଙ୍କ ମଧରେ ୫ରୁ ୭ ବର୍ଷର ପିଲା ଏବଂ ୮୭ ବର୍ଷୀୟ ମହିଳା ସାମିଲ ରହିଛନ୍ତି। ଯେଉଁମାନେ ଆହତ ହୋଇଛନ୍ତି, ସେମାନଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି।

ରାତିରେ ନିଆଁ ଲାଗିବାର କିଛି ସମୟ ମଧର ନିଆଁ ଭୟଙ୍କର ରୂପ ନେଇଥିଲା। ୧୦ମ ମହଲାରେ ଲାଗି ୧୧ ଏବଂ ୧୨ ମହଲାକୁ ବ୍ୟାପି ଯାଇଥିଲା। ଖବର ପାଇ ଅଗ୍ନିଶମ ଟିମ୍ ଘଟଣାସ୍ଥଳକୁ ୫ଟି ଦମକଳ ଗାଡି ପଠାଇଥିଲା। ୫ ଘଣ୍ଟା ଚେଷ୍ଟା କରିବା ଫଳରେ ସକାଳ ୬ଟାରେ ନିଆଁକୁ ଆୟତ୍ତ କରାଯାଇଥିଲା। ନିଆଁ ଦ୍ରୁତଗତିରେ ବ୍ୟାପିବାରୁ ବର୍ତ୍ତିବା ପାଇଁ ସୁଯୋଗ ପାଇନଥିଲେ।

ତେବେ ହସପିଟାଲରେ ଆଡମିଟ୍ ହୋଇଥିବା ଆହତଙ୍କ ମଧରୁ କିଛିଙ୍କ ଅବସ୍ଥା ଗୁରୁତର ରହିଛି ବୋଲି ଡାକ୍ତର କହିଛନ୍ତି। ନିଆଁ ଲାଗିବାର କାରଣ ଜଣାପଡିନାହିଁ। ଅଗ୍ନିଶମ ଟିମ୍ ଏବଂ ପୋଲିସ ଘଟଣା ସ୍ଥଳରେ ଯାଞ୍ଚ ଆରମ୍ଭ କରିଛନ୍ତି। ଆଉ ଏହାର କାରଣ ଖୋଜୁଛି। ସ୍ଥାନୀୟ ପ୍ରଶାସନ ପ୍ରଭାବିତ ପରିବାରକୁ ଯଥା ସମ୍ଭବ ସହାୟତା ଦେବାକୁ ଆଶ୍ୱାସନା ଦେଇଛି।

# ଚୀନରେ ଟାଇଫୁନ୍ ଫେଙ୍ଗସେନ୍ ନେଇ ଆତଙ୍କ

ବେଜିଂ,୨୧।୧୦: ଚୀନ୍ ଚଳିତ ବର୍ଷର ୨୪ତମ ଟାଇଫୁନ୍ ଫେଙ୍ଗସେନ୍ ପାଇଁ ବ୍ଲୁ ଆଲର୍ଟ ଜାରି କରିଛି। ଏହି ଝଡ଼ ଏବେ ବହୁତ ଶକ୍ତିଶାଳୀ ହୋଇଯାଇଛି। ଦେଶର ଦକ୍ଷିଣ ଅଞ୍ଚଳରେ ପ୍ରବଳ ବର୍ଷା ଏବଂ ପ୍ରବଳ ପବନ ବହିବାର ସମ୍ଭାବନା ରହିଛି। ସୂଚନା ଅନୁଯାୟୀ ଏହି ଝଡ଼ ଦ୍ରୁତ ଗତିରେ ଚୀନ୍ ଆଡକୁ ଗତି କରୁଛି। ଜାତୀୟ ପାଣିପାଗ କେନ୍ଦ୍ର (ଏନଏମସି) କହିଛି ଯେ, ରବିବାର ଅପରାହ୍ନ ୫ଟା ସୁଦ୍ଧା, ଝଡ଼ ଫିଲିପାଇନ୍ସର ଲୁଜୋନ୍ ଦ୍ୱୀପର ପଶ୍ଚିମ ଉପକୂଳରେ ଥିଲା। ଝଡ଼ର କେନ୍ଦ୍ର ନିକଟରେ ପବନ ଘଣ୍ଟା ପ୍ରତି ୮୦ କିଲୋମିଟର ବେଗରେ ପହଞ୍ଚିଥିଲା। ଝଡ଼ ଦକ୍ଷିଣ-ପଶ୍ଚିମ ଦିଗକୁ ମୁହାଁଇବ ଏବଂ ଭିଏତନାମର କେନ୍ଦ୍ରୀୟ ଉପକୂଳ ଆଡକୁ ଗତି କରିବ। ଏହା ସ୍ଥଳଭାଗ ଛୁଇଁବା ସହିତ ଦୁର୍ବଳ ହୋଇଯିବ। ଆଗାମୀ ତିନି ଦିନ ମଧରେ ଝଡ଼ ପୂର୍ବ ଏବଂ ଉତ୍ତର ତାଇୱାନ, ଫୁଜିଆନ ଏବଂ ଗୁଆଙ୍ଗଡୋଙ୍ଗ ପ୍ରଦେଶର ଉପକୂଳବର୍ତ୍ତୀ ଅଞ୍ଚଳ, ହାଇନାନ୍ ଦ୍ୱୀପ ଏବଂ ଦକ୍ଷିଣ ଚୀନ୍ ସାଗରର ଉତ୍ତର ଭାଗରେ ପ୍ରବଳ ବର୍ଷା ଏବଂ ପ୍ରବଳ ପବନ ଆଣିବ। କେନ୍ଦ୍ର ସତର୍କ କରାଇ ଦେଇଛି ଯେ, ସୋମବାର ସକାଳ ୮ଟାରୁ ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଉତ୍ତର ତାଇୱାନରେ ପ୍ରବଳ ବର୍ଷା ହେବ, କିଛି ସ୍ଥାନରେ ୧୦୦ ରୁ ୨୦୦ମିଲିମିଟର ବର୍ଷା ହେବ। ସେହି ସମୟରେ କେନ୍ଦ୍ରୀୟ ଏବଂ ପୂର୍ବ ଚୀନକୁ ମଧ ଏକ ଶୀତଳ ଲହରୀ ପ୍ରଭାବିତ କରିବ। ଝଡ଼ ଯୋଗୁଁ ଅନେକ ଅଞ୍ଚଳରେ ବନ୍ୟା ସୃଷ୍ଟି ହୋଇଛି ଏବଂ ପ୍ରାୟ ୧୪,୦୦୦ ଲୋକଙ୍କୁ ବାସହୀନ କରାଯାଇଛି।

# ଲୋକପାଳଙ୍କୁ ଦରକାର ୭ଟି ୭୦ ଲକ୍ଷ ଟଙ୍କିଆ ଗାଡ଼ି

ନୂଆଦିଲ୍ଲୀ, ୨୧।୧୦: ଦୁର୍ନୀତି ଉପରେ ନଜର ରଖିବା ଓ ଏହାକୁ ରୋକିବା ପାଇଁ ତିଆରି ହୋଇଛି ଲୋକପାଳ। ବିଶେଷ କରି ସରକାରୀ ବିଭାଗରେ ଚାଲିଥିବା ଦୁର୍ନୀତି ଉପରେ ଲୋକପାଳଙ୍କ ନଜର ରହିଥାଏ। କିନ୍ତୁ ଦୁର୍ନୀତିକୁ ରୋକିବାକୁ ତିଆରି ହୋଇଥିବା ଏହି ସଂସ୍ଥାକୁ ଦରକାର ଦାମୀ ଗାଡ଼ି। ତା' ପୁଣି ଏମିତି ସେମିତି ଗାଡ଼ି ନୁହେଁ, ବରଂ ଲମ୍ବା ତଥା ଅତ୍ୟାଧୁନିକ ବିଏମଡବ୍ଲ୍ୟୁର ନୂଆ ମଡେଲ। ସେହିପରି ଗୋଟିଏ କି ଦୁଇଟି ନୁହେଁ, ବରଂ ୭ଟି ବିଏମଡବ୍ଲ୍ୟୁ ଲୋକପାଳଙ୍କୁ ଦରକାର। ଏହି ସଂସ୍ଥାର ଅଧକ୍ଷ ହେଉଛନ୍ତି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅଜୟ ମାନିକରାଓ ଖାନୱିଲକର। ଅଧକ୍ଷଙ୍କ ସମେତ ଲୋକପାଳରେ ଥିବା ସମସ୍ତ ୬ ସଦସ୍ୟଙ୍କୁ ବିଏମଡବ୍ଲ୍ୟୁ ଆବଶ୍ୟକ।



ଲୋକପାଳ ଯେଉଁ ଅତ୍ୟାଧୁନିକ ବିଏମଡବ୍ଲ୍ୟୁ ଆବଶ୍ୟକ କରୁଛନ୍ତି, ତା'ର ଦାମ ଶୁଣିଲେ ସମସ୍ତେ ଆଶ୍ଚର୍ଯ୍ୟ ହେବେ। କାରଣ ପ୍ରତିଟି ବିଏମଡବ୍ଲ୍ୟୁର ଦାମ ମାର୍କେଟରେ ଏବେ ୭୦ ଲକ୍ଷ ଟଙ୍କା ରହିଛି। ତେଣୁ ୭ଟି ବିଏମଡବ୍ଲ୍ୟୁ ପାଇଁ ଖର୍ଚ୍ଚ ହେବ ପ୍ରାୟ ୫ କୋଟି ଟଙ୍କା। ଏପରି ଦାମୀ ଗାଡ଼ି ପାଇଁ ଲୋକପାଳ ଟେଣ୍ଡର ଡାକିବା ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ଜାତୀୟ ଗଣମାଧମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, କାର ନିର୍ମାଣକାରୀ କମ୍ପାନୀ ବିଏମଡବ୍ଲ୍ୟୁକୁ ଲୋକପାଳ ଡ୍ରାଇଭର ଓ କର୍ମଚାରୀମାନଙ୍କୁ ୭ ଦିନିଆ ଟ୍ରେନିଂ ଦେବାକୁ କୁହାଯାଇଛି। ଏହି ସମୟରେ କମ୍ପାନୀ ପକ୍ଷରୁ କାରର ବୈଦ୍ୟୁତିକ ବ୍ୟବସ୍ଥା ଓ କେମିତି ଏହାକୁ ବ୍ୟବହାର କରାଯିବ, ସେସବୁର ତାଲିମ ଦିଆଯିବ। ଅକ୍ଟୋବର ୧୬ରେ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ, ଭାରତର ଲୋକପାଳ ପ୍ରଖ୍ୟାତ ଏଜେନ୍ସିଗୁଡ଼ିକଠାରୁ ୭ଟି ବିଏମଡବ୍ଲ୍ୟୁ ୩ ସିରିଜର ଲି କାର ପାଇଁ ଟେଣ୍ଡରକୁ ନିମନ୍ତ୍ରଣ କରୁଛନ୍ତି। ଏହି କାରଗୁଡ଼ିକ ଭାରତର ଲୋକପାଳ ବ୍ୟବହାର କରିବେ।

# ଆରପାରିରେ ଆସ୍ରାନି




**ମୁମ୍ବାଇ, ୨୧।୧୦:** ବଲିଉଡ୍‌ର ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ ତଥା କମେଡିଆନ ଗୋବର୍ଦ୍ଧନ ଆସ୍ରାନୀଙ୍କ ଗତ ସୋମବାର ପରଲୋକ ହୋଇଯାଇଛି। ଦୀର୍ଘଦିନ ଅସୁସ୍ଥ ରହିବା ପରେ ୮୪ ବର୍ଷ ବୟସରେ ସେ ପ୍ରାଣ ହରାଇଥିଲେ। ଚଳଚ୍ଚିତ୍ର ‘ସୋଲେ’ରେ ଜେଲର ଭୂମିକା ତାଙ୍କ ଜୀବନ୍ତ ଅଭିନୟକୁ ପ୍ରତିଫଳିତ କରିଥିଲା। ୧୯୪୧ରେ ଜୟପୁରରେ ଜନ୍ମଗ୍ରହଣ କରିଥିବା ଆସ୍ରାନୀ ଶିକ୍ଷା ଶେଷ ପରେ ଅଲ ଇଣ୍ଡିଆ ରେଡିଓରେ ଭଏସ୍ ଆର୍ଟିଷ୍ଟ ଭାବେ କାମ ଆରମ୍ଭ କରିଥିଲେ। ପରେ ସିନେମା ପ୍ରତି ଆଗ୍ରହ ଦେଖାଇ ସେ ମୁମ୍ବାଇ ଚାଲିଆସିଥିଲେ। ସେ ୬ଟି ଫାଲ୍ମରେ ନିର୍ଦ୍ଦେଶନା ଦେଇଥିବା ବେଳେ ହିନ୍ଦୀ ଓ ଗୁଜରାଟୀ ଫିଲ୍ମ କରିଥିଲେ। ବଲିଉଡ୍ ଫିଲ୍ମ ମଧ୍ୟରୁ ‘ନମକ ହାରାମ’,‘ଚୁପକେ ଚୁପକେ’, ‘ଅଭିମାନ’, ‘ପତି, ପତ୍ନୀ ଔର ୱ’, ‘ରଫୁ ଚକ୍କର’, ‘ପରିଚୟ’, ‘ଛୋଟି ସି ବାତ୍’, ‘ସୋଲେ’ ଆଦିରେ ସେ ନିଚ୍ଛକ ଅଭିନୟର ଛାପ ଛାଡ଼ି ଯାଇଛନ୍ତି। ଏବେ ତାଙ୍କ ପତ୍ନୀ ମଞ୍ଜୁ ଆସ୍ରାନି ଅଛନ୍ତି। ତାଙ୍କ ଶେଷକୃତ୍ୟ ସାନ୍ତାକ୍ରୁଜ ଶ୍ମଶାନଘାଟରେ ସୋମବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି।

## ପୂଜକକୁ ମାଡ଼ମାରି ଶିକ୍ଷକ ଫେରାର

**ଧର୍ମଶାଳା, ୨୧।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅଧୀନରେ ପୂଜକକୁ ମାଡ ମାରି ଶିକ୍ଷକ ଫେରାର ହୋଇଯାଇଥିବା ବେଳେ ପୂଜକ ଜଣକ କଟକରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଗୁରୁତର ପୂଜକ ଜଣକ ହେଲେ ବ୍ରହ୍ମବରଦା ଥାନା ଅନ୍ତର୍ଗତ ବଡବାଗସାହି ଗ୍ରାମର ନରହରି ପାଢ଼ୀ। ଏନେଇ ନରହରିଙ୍କ ପରିବାର ପକ୍ଷରୁ ଥାନାରେ ବଡବାଗସାହି ଉପ୍ରା ବିଦ୍ୟାଳୟର କଳା ଶିକ୍ଷକ ଜଗନ୍ନାଥ ସାହୁ(୩୬)ଙ୍କ ନାମରେ ଏତଲା ଦିଆଯାଇଛି। ଥାନାରେ କେସ୍ ନଂ ୨୪୯।୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## କାର୍ ଓ ଦେଶୀ ମଦ ଜବତ, ୧ ଗିରଫ

**ପୁରୀ, ୨୧।୧୦ (ସଂଚାର ବ୍ୟୁରୋ):** ସମୁଦ୍ରକୂଳ ଥାନା ଅନ୍ତର୍ଗତ ଅର୍ବାନହାଟ ଠାରେ କାରରେ ଦେଶୀମଦ ରଖିଥିବା ଖବର ପାଇ ପୋଲିସ ଜବତ କରିଥିଲା। ଏ ସମ୍ପର୍କରେ ପୋଲିସ ବଳିଆପଣ୍ଡା ଥାନା ଅନ୍ତର୍ଗତ ବିଜୟ ନଗରରେ ରହୁଥିବା ପ୍ରଦୀପ ବେହେରା ( ୨୭)ଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ସମୁଦ୍ରକୂଳ ଥାନାରେ ୩୦୭/୨୫ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ପ୍ରଦୀପ ଓଡି ୦୫ ଏଏଚ ୪୨୩୬ କାରରେ ବଳିଆପଣ୍ଡାରୁ ପେଣ୍ଟକଟା ଛକ ପର୍ଯ୍ୟନ୍ତ ଦେଶୀମଦ ନେଇ ଯାଉଥିବା ବେଳେ ପୋଲିସ ତା’ର ପିଛା କରିଥିଲା। ପରେ ଅର୍ବାନହାଟ ଠାରେ ପୋଲିସ କାରକୁ ଧରିଥିଲା। ସେହି କାରରୁ ୬୮ ଲିଟର ଦେଶୀମଦକୁ ପୋଲିସ ଜବତ କରିଛି। ଅଭିଯୁକ୍ତ ପ୍ରଦୀପକୁ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଛି।

## ବାଣ ଫୁଟାକୁ ନେଇ ଗୋଷ୍ଠୀ ସଂଘର୍ଷ

**ସୁବର୍ଣ୍ଣପୁର,୨୧।୧୦(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହର ମନୋହରୀ ପଡ଼ା ଓ ପାତିକାର ପଡ଼ା ମଧ୍ୟରେ ବାଣ ଫୁଟାକୁ ନେଇ ଦୀପାବଳୀ ରାତିରେ ଗୋଷ୍ଠୀ ସଂଘର୍ଷ ଘଟିଯାଇଛି। ଯାହା ଫଳରେ ମନୋହରୀ ପଡ଼ାର ପାଞ୍ଚ ଜଣଙ୍କୁ ବିନିକା ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଯାଇଥିଲା, ହେଲେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁଯାୟୀ, ମନୋହରୀପଡ଼ା ଠାରେ ପାତିକାର ପଡ଼ାର କିଛି ଯୁବକ ବାଣ ଫୁଟାଇ ଥିଲେ ଏବଂ ବାଣଟି ଜଣଙ୍କ ଘର ଭିତରକୁ ପଶିଯାଇଥିଲା। ମନୋହରୀ ପଡ଼ାର କିଛି ଯୁବକ ପାତିକାର ପଡ଼ାର ଯୁବକଙ୍କୁ ବାଣ ଫୁଟାଇବାକୁ ବାରଣ କରିଥିଲେ। କିନ୍ତୁ, ଯୁବକମାନେ ନିଶାସକ୍ତ ଅବସ୍ଥାରେ ଥିବାରୁ ପରସ୍ପର ମଧ୍ୟରେ କଥା କଟାକଟି ହୋଇଥିଲା। ପାତିକାର ପଡ଼ାର କିଛି ଯୁବକ ଏକତ୍ରିତ ହୋଇ ମନୋହରୀ ପଡ଼ାର ଯୁବକମାନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଘଟଣା ଉଗ୍ରରୂପ ଧାରଣ କରିଥିଲା। ଗୁରୁତର ପାଞ୍ଚଜଣ ହେଲେ କାଳିଆ ମଲ୍ଲିକ (୩୫), ଆହତ ରାଜୁ ମଲ୍ଲିକ, ବବଲୁ ମଲ୍ଲିକ, ଅନାମ ମଲ୍ଲିକ, ମଲି ମଲ୍ଲିକ।

# ରାଜ୍ୟ ପୁଲିସ ମୁଖ୍ୟାଳୟରେ ଶହୀଦ ଦିବସ ପାଳିତ



**ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ଡିଜିପି**

**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ରାଜ୍ୟ ପୁଲିସ ମୁଖ୍ୟାଳୟ ପରିସରରେ ୬୬ତମ ପୁଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦେଶ ତଥା ମାତୃଭୂମିର ସୁରକ୍ଷା ଓ ସମ୍ମାନ ପାଇଁ କର୍ମକ୍ଷେତ୍ରରେ ଶହୀଦ ହୋଇଥିବା ବୀର ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହ ବୀର ଶହୀଦଙ୍କ ପରିବାରବର୍ଗ ପ୍ରତି ମଧ୍ୟ ସମବେଦନା ଜ୍ଞାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଆରକ୍ଷୀ ବାହିନୀ ତରଫରୁ ବୀର ଶହୀଦମାନଙ୍କ ପ୍ରତି ଆନୁଷ୍ଠାନିକ ଶୋକଶସ୍ତ୍ର ପ୍ରଦର୍ଶନ କରିବା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ସମ୍ମାନ ପ୍ରଦର୍ଶନ କରାଯାଇଥିଲା।

ଏହି ଅବସରରେ ଡିଜିପି ୱାଇବି ଖୁରାନିଆ କିଛି ବର୍ଷ ପୂର୍ବରୁ ପୁଲିସ ଶହୀଦମାନଙ୍କର ତାଲିକା ସଂଖ୍ୟା ବହୁତ ଲମ୍ବା ରହୁଥିଲା ଓ ବର୍ତ୍ତମାନ ପରିସ୍ଥିତିରେ ଦେଶରେ ଶହୀଦମାନଙ୍କ ସଂଖ୍ୟା ବହୁମାତ୍ରାରେ ହ୍ରାସ ଘଟିଛି ବୋଲି କହିଥିଲେ। ଦେଶର ସମସ୍ତ ସୁରକ୍ଷା ବାହିନୀ ତଥା ପୁଲିସ କର୍ମଚାରୀଙ୍କର ଅକ୍ଲାନ୍ତ ପରିଶ୍ରମ ଓ ସାହସ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଜମ୍ମୁ-କାଶ୍ମୀର, ପଞ୍ଜାବ, ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ତଥା ନକ୍ସଲ ପ୍ରଭାବିତ ଅଞ୍ଚଳରେ ପୁଲିସ ଅଧିକାରୀ ଓ ଯବାନମାନେ ବୀରତ୍ୱର ସହ ଯୁଦ୍ଧ କରୁଛନ୍ତି। ଆମ ରାଜ୍ୟର ସାହସୀ ପୁଲିସ କର୍ମଚାରୀମାନଙ୍କର ବୀରତ୍ୱ ଯୋଗୁଁ ଆମେ ନକ୍ସଲ ପ୍ରଭାବିତ ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ସ୍ଥାପନ କରିପାରିଛୁ ଏବଂ ଆଗାମୀ ଦିନରେ ମଧ୍ୟ ଏହାର ପ୍ରୟାସ ଜାରି ରଖିବୁ ବୋଲି ଡିଜିପି କହିଥିଲେ। ଏହି ଅବସରରେ ସାଧାରଣ ଜନତାଙ୍କୁ ନିରନ୍ତର ସେବା ପ୍ରଦାନ କରୁଥିବା ରାଜ୍ୟର ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ। ଚଳିତ ବର୍ଷ ଦେଶରେ ବିଭିନ୍ନ କେନ୍ଦ୍ରୀୟ ପୁଲିସ ବଳ ଓ ରାଜ୍ୟ ପୁଲିସର ୧୯୧ ଜଣ ଆରକ୍ଷୀ ପ୍ରାଣବଳି ଦେଇ ନିଜ ମାତୃଭୂମିକୁ ଗୌରବାନ୍ୱିତ କରିଛନ୍ତି। ଏହି ଅବସରରେ କର୍ତ୍ତବ୍ୟ ସମ୍ପାଦନ କରୁଥିବା ସମୟରେ ଶହୀଦ ହୋଇଥିବା ରାୟଗଡ଼ା ଜିଲ୍ଲାର କନଷ୍ଟେବଲ ଲକ୍ଷ୍ମଣ ମାଝୀ, ଯୁପିଡି କଟକର ଓଏପିଏଫ୍/୩୫୩ ଲୋକନାଥ ଶବରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ଉଭୟଙ୍କ ପରିବାରବର୍ଗଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ସ୍ୱତନ୍ତ୍ର ନିମନ୍ତ୍ରଣ କରାଯାଇ ଏହି ପବିତ୍ର ଦିବସରେ ସାମିଲ କରାଯାଇଥିଲା। ଡିଜିପି ଖୁରାନିଆ ଶୋକସନ୍ତପ୍ତ ଉଭୟଙ୍କ ପରିବାର ବର୍ଗଙ୍କ ସହିତ ଭାବ ବିନିମୟ କରିବା ସହ ସମବେଦନା ଜ୍ଞାପନ କରିଥିଲେ। ଉଭୟଙ୍କ ତ୍ୟାଗ ଏବଂ ବଳିଦାନ ରାଜ୍ୟ ପୋଲିସ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି ଡିଜିପି କହିଥିଲେ।

କାର୍ଯ୍ୟକ୍ରମରେ ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଗୁଇନ୍ଦା) ଆରପି କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲବିରୋଧୀ ଅପରେସନ) ସଞ୍ଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନୀକିକରଣ) ଏସକେ ପ୍ରିୟଦର୍ଶୀ, ନିର୍ଦ୍ଦେଶକ (ଏସଏଫଏସଏଲ) ଡ. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଭିଜିଲାନ୍ସ) ଅସୀତ୍ କୁମାର ପାଣିଗ୍ରାହୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଟ୍ରାନ୍ସପୋର୍ଟ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କମ୍ୟୁନିକେସନ) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାରଙ୍କ ସମେତ ପୁଲିସ ବିଭାଗର ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ରହି ଶହୀଦ ବୀର ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଅଟୋ ସହିତ ବାଇକ୍ ଧକ୍କାରେ ୫ ଆହତ

**ଭଦ୍ରକ, ୨୧।୧୦ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ପୀରହାଟ ଥାନା ସାହାପୁର ପଞ୍ଚାୟତ ଅଧୀନ ଟୁବି ନୂଆଗାଁ ରାସ୍ତାରେ ସୋମବାର ପୂର୍ବାହ୍ନରେ ଏକ ଅଟୋ ସହ ବାଇକର ଧକ୍କା ହେବା ଫଳରେ ୨ଜଣ ବିଦ୍ୟୁତ କର୍ମଚାରୀଙ୍କ ସହ ୫ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ପରେ ବିଦ୍ୟୁତ କର୍ମଚାରୀ ମନୋରଞ୍ଜନ ମୁଦୁଲିଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଘଟଣାରୁ ଜଣାଯାଇଛି ଯେ, ବିଦ୍ୟୁତ କର୍ମଚାରୀ ମନୋରଞ୍ଜନ ମୁଦୁଲି(୪୦) ଓ ଅନିରୁଦ୍ଧ ଗୋଛାୟତ(୫୮) ଏକ ବାଇକ ଯୋଗେ ଟୁବି ନୂଆଗାଁରୁ ସାହାପୁର ଛକକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ସହ ତାଙ୍କର ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ବାଇକରେ ଯାଉଥିବା ବିଦ୍ୟୁତ କର୍ମଚାରୀ ଶ୍ରୀ ମୁଦୁଲି ଓ ଶ୍ରୀ ଗୋଛାୟତଙ୍କ ସମେତ ଅଟୋରେ ଥିବା କଣ୍ଡରାଗଡ଼ିଆ ଗ୍ରାମର ଘନଶ୍ୟାମ ବେହେରା(୭୦), ନୂଆଗାଁ ଗ୍ରାମର ସୁମିତ୍ରା ମଲ୍ଲିକ(୨୪) ଓ କବିତା ମଲ୍ଲିକ (୨୭) ଆହତ ହୋଇଥିଲେ।

**ନକବୀଙ୍କୁ ବିସିସିଆଇର ଚେତାବନୀ**

# ଟ୍ରଫି ଫେରାନ୍ତୁ, ନଚେତ୍ ପରିଣାମ ଭୋଗିବେ



**ନୂଆଦିଲ୍ଲୀ,୨୧।୧୦:** ଗତ ମାସରେ ଭାରତୀୟ କ୍ରିକେଟ୍ ଦଳ ପାକିସ୍ତାନକୁ ହରାଇ ଏସିଆ କପ୍ ଦଖଲ କରିଥିଲା। ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ହ୍ୟାଟ୍ରିକ୍ ବିଜୟ ସହ ଭାରତ ନବମ ଥର ପାଇଁ ଏସିଆ କପ୍ ମୁକୁଟ ଜିତିଥିଲା। ତେବେ ବିଜୟ ପରେ ପାକିସ୍ତାନୀ ମନ୍ତ୍ରୀ ଏବଂ ଏସୀୟ କ୍ରିକେଟ୍ ପରିଷଦ (ଏସିସି) ସଭାପତି ମୋହସିନ୍ ନକବୀ ଟ୍ରଫି ଦେବାକୁ ଆସିବାରୁ ଭାରତୀୟ ଟିମ୍ ତାଙ୍କ ହାତରୁ ଟ୍ରଫି ନେବାକୁ ମନା କରିଦେଇଥିଲା। ବିସିସିଆଇ ମଧ୍ୟ ଏହି ନିଷ୍ପତ୍ତିକୁ ସମର୍ଥନ କରିଥିଲା। ପ୍ରଥମ କରି କୌଣସି ଦଳ ମ୍ୟାଚ୍ ଜିତିବା ପରେ ବିନା ଟ୍ରଫିରେ ବିଜୟ ପାଳନ କରିଥିବା ଦେଖାଯାଇଥିଲା। ତେବେ ଅନ୍ୟ କାହା ହାତରୁ ଟ୍ରଫି ଦେବା ପରିବର୍ତ୍ତେ ନକବୀ ଟ୍ରଫିକୁ ଡ୍ରେସିଂ ରୁମ୍‌କୁ ନେଇଯାଇଥିଲେ ବୋଲି କୁହାଯାଉଛି। ଏବେ ନକବୀ ଟ୍ରଫିକୁ ନିଜ ଘରକୁ ନେଇଯାଇଥିବା ଦାବି କରାଯାଉଛି।

ଏପର୍ଯ୍ୟନ୍ତ ନକବୀ ଟ୍ରଫି ଭାରତକୁ ହସ୍ତାନ୍ତର କରିନଥିବାରୁ ଚେତାବନୀ ଦେଇଛି ବିସିସିଆଇ। କୁହାଯାଉଛି ଯେ, ଏସିଆ କପ୍ ଟ୍ରଫି ବର୍ତ୍ତମାନ ଦୁବାଇର ଏସିସି କାର୍ଯ୍ୟାଳୟରେ ଅଛି ଏବଂ ନକବୀଙ୍କ ଅନୁମୋଦନ ବିନା ଏସିଆ କପ୍ ଟ୍ରଫି ସ୍ଥାନାନ୍ତର କିମ୍ବା ହସ୍ତାନ୍ତର କରାଯିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ବିସିସିଆଇ ସଚିବ ଦେବଜିତ ସାଇକିଆଙ୍କ ଅନୁଯାୟୀ, ବିସିସିଆଇ ଏବେ ନକବୀଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରିଛି। ଯଦି ତାଙ୍କ ପକ୍ଷରୁ କୌଣସି ଉତ୍ତର ନମିଳେ, ତେବେ ସେମାନେ ଏକ ସରକାରୀ ଇମେଲ୍ ମାଧ୍ୟମରେ ଆଇସିସିରେ ଅଭିଯୋଗ କରି ମାମଲାକୁ ଆଗକୁ ବଢ଼ାଇବେ।

**ନୂଆପଡ଼ା ଉପନିର୍ବାଚନ**

# ୧୯ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ଅନ୍ତିମ ଦିନରେ ସ୍ନେହାଙ୍ଗିନୀଙ୍କ ପ୍ରାର୍ଥିପତ୍ର ଦାଖଲ**



**ନୂଆପଡ଼ା,୨୦।୧୦(ସଂଚାର ବ୍ୟୁରୋ):** ଆସନ୍ତା ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଗତକାଲି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଏହି ତାରିଖ ସୁଦ୍ଧା ଉପନିର୍ବାଚନରେ ଭାଗ ନେବା ସକାଶେ ସମୁଦାୟ ୧୯ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଗତକାଲି ଅନ୍ତିମ ଦିନରେ ନାମାଙ୍କନପତ୍ର ଦାଖଲ କରିଥିବା ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ରହିଥିବା ବେଳେ ବିଜେଡିର ଜୟ ଢୋଲକିୟା, କଂଗ୍ରେସର ଘାସିରାମ ମାଝୀ, ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିର ହେମନ୍ତ ତାଣ୍ଡି, ବହୁଜନ ସମାଜ ପାର୍ଟିର ରାଜା ରାମ ସାହୁ, ଓଡ଼ିଶା ଜନତା ଦଳର ଶୁକଧର ଦଣ୍ଡସେନା, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ସୀତାରାମ ବେହେରା ପ୍ରମୁଖ ମଇଦାନରେ ରହିଛନ୍ତି। ଏହାଛଡ଼ା ୧୧ ଜଣ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଆଶ୍ରୟ ମହାନନ୍ଦ, ଇଂ. ଚକ୍ରାନ୍ତ ଜେନା, ପୁରୁଷୋତ୍ତମ ବେହେରା, କମଲ କୁମାର ଛତ୍ରିଆ, ଭୁବନଲାଲ ସାହୁ, ଲୋଚନ ମାଝୀ, ଭୁଜବଳ ଆଡ଼ବଙ୍ଗ, କିଶୋର କୁମାର ବାଗ, ଭକ୍ତ ବନ୍ଧୁ ଧରୁଆ, ନୀତା ବାଗ ଓ ଲକ୍ଷ୍ମୀ କାନ୍ତ ତାଣ୍ଡି। ସୂଚନାଯୋଗ୍ୟ ଯେ ଆସନ୍ତା ୨୪ ତାରିଖ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଥିବା ବେଳେ ନଭେମ୍ବର ୧୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ବୋଲି ପୂର୍ବରୁ ଭାରତୀୟ ନିର୍ବାଚନ କମିଶନର୍ ଧାର୍ଯ୍ୟ କରି ସାରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚିଠି ଲେଖିଲେ...

ପାଳନ ହୁଏ। କୌଣସି ସ୍ଥିତିରେ ବିଦେଶରେ ଏହିସବୁ ଦିବସ ପାଳନରେ କୌଣସି ପରିବର୍ତ୍ତନ ହେଉନାହିଁ। ତେଣୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଳନରେ ମଧ୍ୟ କୌଣସି ପ୍ରକାର ଯୁକ୍ତି କିମ୍ବା ଆଳର ଆବଶ୍ୟକତା ନାହିଁ ବୋଲି ଗଜପତି ସ୍ପଷ୍ଟ କରିଦେଇଛନ୍ତି। ସ୍କନ୍ଦ ପୁରାଣ ଅନୁଯାୟୀ ରଥଯାତ୍ରା ପାଇଁ ଦିନ ଓ ତିଥି ନିଜେ ମହାପ୍ରଭୁ ହିଁ ନିର୍ଦ୍ଧାରିତ କରିଛନ୍ତି। ଯେଉଁଭଳି ଶ୍ରୀକୃଷ୍ଣଙ୍କ ଆଦେଶକୁ ଆବମାନନା କରାଯାଇପାରିବ ନାହିଁ, ସେହିଭଳି ଶ୍ରୀଜଗନ୍ନାଥଙ୍କ ନିର୍ଦ୍ଦେଶକୁ ମଧ୍ୟ ଅବଜ୍ଞା କରାଯିବା ଉଚିତ ନୁହେଁ। ସନାତନ ବୈଦିକ ଧର୍ମର ପ୍ରଚାର ପାଇଁ ଗଠିତ ଇସ୍କନ ସନାତନ ଧର୍ମର ନୀତି ନିୟମକୁ ଅନୁପାଳନ କରିବାକୁ ବାଧ୍ୟ। ଦେଶ ଭିତରେ ଓ ବିଦେଶରେ ଇସ୍କନର ଅନ୍ୟ ସବୁ ପରମ୍ପରା ଭଳି ରଥଯାତ୍ରା ମଧ୍ୟ ନିର୍ଦ୍ଧାରିତ ତିଥିରେ ପାଳନ କରାଯିବା ଉଚିତ। କିନ୍ତୁ ବିଦେଶରେ ଅଦିନିଆ ରଥଯାତ୍ରା ଦେଶ ବିଦେଶରେ ରହୁଥିବା ଅଗଣିତ ଶ୍ରୀଜଗନ୍ନାଥ ଭକ୍ତଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଉଛି। ଇସ୍କନର ଏଭଳି ନୀତି ବିରୋଧୀ କାର୍ଯ୍ୟକୁ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ନାପସନ୍ଦ କରିଛନ୍ତି। ତେଣୁ ଦେଶ ବିଦେଶରେ ରଥଯାତ୍ରା ନିର୍ଦ୍ଧାରିତ ତିଥି କିମ୍ବା ସେହି ନଅ ଦିନ ମଧ୍ୟରେ ପାଳନ କରିବାକୁ ପୁଣିଥରେ ଇସ୍କନ କର୍ତ୍ତୃପକ୍ଷଙ୍କୁ ଗଜପତି ଅପିଲ କରିଛନ୍ତି।

### ପ୍ରାର୍ଥିପତ୍ର ଦାଖଲ...

ଆଗାମୀ ଦିନରେ ନୂଆପଡାକୁ ନେତାଙ୍କ ସୁଅ ଛୁଟିବାକୁ ଥିବାରୁ ଆରୋପ ପ୍ରତ୍ୟାରୋପ ମଧ ବୃଦ୍ଧି ପାଇବ।

ପରସ୍ପର ବିରୋଧରେ ଅଭିଯୋଗ ପାଇଁ ତିନି ପ୍ରମୁଖ ଦଳ ସୁଯୋଗ ଖୋଜୁଥିବା ବେଳେ ଏମାନଙ୍କର ଆଇଟି ସେଲ୍ ତୀକ୍ଷ୍ଣ ନଜର ରଖିଛି। କେଉଁ ନେତା କେଉଁଠି କ’ଣ କହୁଛନ୍ତି ଓ କରୁଛନ୍ତି ତା’ ଉପରେ ସମସ୍ତଙ୍କ ନଜର ଥିବାବେଳେ ଟିକେ ଭୁଲ୍ ହେଲେ ଅଭିଯୋଗ କରିବାକୁ ସବୁ ଦଳର ଟିମ୍ ପ୍ରସ୍ତୁତ ହୋଇ ରହିଛନ୍ତି। ଏଥିପାଇଁ ତିନି ପ୍ରମୁଖ ଦଳ ଭୁବନେଶ୍ୱରରେ ଦୁଇ ତିନିଟି ଟିମ୍ ସଜାଗ ରଖିଥିବାବେଳେ ନୂଆପଡାରେ ବି ଟିମ୍ ମୁତୟନ କରିଛନ୍ତି। ଭୋଟ ଯୁଦ୍ଧ ପୂର୍ବରୁ ରାଜନୈତିକ ଦଳର କଳି ବେଶ୍ ରୋଚକ ହେବାରେ ଲାଗିଛି।

### ଜେଲରେ ଦୁର୍ଗାପୂଜା...

ଅନ୍ୟମାନେ ନିଶ୍ଚିତ ଯାଇଥିବେ। ଏଥିପାଇଁ ବାହାରର ସାମଗ୍ରୀ ମଧ ଗଲା। ଏସବୁ ସାମଗ୍ରୀ ଯାଞ୍ଚ ଦାୟିତ୍ୱ କାହାର ଥିଲା? ଏତେବଡ଼ ପୂଜା ଆୟୋଜନ ପାଇଁ ଅଧିକ ସୁରକ୍ଷାକର୍ମୀ ନିୟୋଜିତ ହୋଇଥିଲେ କି? ପୂଜା ସମୟରେ କଏଦୀଙ୍କ କାରବାର ଉପରେ ନଜର ରଖିବାକୁ କାହାକୁ ଉତ୍ତରଦାୟୀ କରାଯାଇଥିଲା କି? ଚୌଦ୍ୱାର ଜେଲରେ ଦଶହରା ପୂଜା ହେବ ବୋଲି ଜେଲ ଡିଜି ଓ ଡିଜିପି ଜାଣିଥିଲେ ତ? ଦୁଇ ଜଣ କଏଦୀ ଫେରାର ହେବା ପରେ ଖୋଳତାଡ଼ରୁ ଏମିତି କିଛି ପ୍ରଶ୍ନ ଉଠିବା ସ୍ୱାଭାବିକ। ସବୁଠୁ ବଡ଼ କଥା, ହେଲା ଯେଉଁ ଦୁଇ ଜଣ କଏଦୀ ଫେରାର ହୋଇଛନ୍ତି ସେମାନେ ହାର୍ଡକୋର ଡକାୟତ କିଛି ଦିନ ପୂର୍ବରୁ ଚଣ୍ଡିଖୋଲରେ ଏକ ଗହଣା ଦୋକାନ ଲୁଟ କରି ଫେରାର ହେବା ସହ ଜଣଙ୍କୁ ହତ୍ୟା ମଧ କରିଥିଲେ। ଏହି ଦୁଇ ଜଣଙ୍କ ବ୍ୟତୀତ ଚୌଦ୍ୱାର ଜେଲରେ ଆହୁରି ଅନେକ ହାର୍ଡକୋର କ୍ରିମିନାଲ ଅଛନ୍ତି। ଜେଲ ବିଭାଗ ଏତେ ଖାମଖିଆଲ କେମିତି ହେଇପାରେ, ତା’ ବୁଦ୍ଧିଜୀବୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

## ‘ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ସରକାର ପ୍ରସ୍ତୁତ’

**ଭୁବନେଶ୍ୱର, ୨୧।୧୦ (ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା ଓ ଲଘୁଚାପ ଜନିତ ପ୍ରବଳ ବର୍ଷା ପାଇଁ ଜିଲ୍ଲା ପ୍ରଶାସନକୁ ଆଲର୍ଟ କରିଛନ୍ତି ରାଜ୍ୟ ସରକାର। ବିଦେଶୀ ପାଣିପାଗ ମଡେଲ ଓ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନକୁ ଦେଖି ସବୁ ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ବଙ୍ଗୋପସାଗରରେ ଦୁଇଟି ଲଘୁଚାପ ହେବାର ଆକଳନ ହୋଇଛି। ବାତ୍ୟା ନେଇ ଆମେରିକାର ଏକ ସଂସ୍ଥା ଆକଳନ କରୁଛି। କିନ୍ତୁ ଭାରତୀୟ ପାଣିପାଗ ସଂସ୍ଥା କେବଳ ବର୍ଷା ହେବ ବୋଲି ବର୍ତ୍ତମାନ ସୁଦ୍ଧା ଆକଳନ କରିଛି। ପାଣିପାଗ ବିଭାଗର ରିପୋର୍ଟ ଅନୁଯାୟୀ ଦକ୍ଷିଣ ଓଡ଼ିଶାରେ ବର୍ଷା ଅଧିକ ହେବାର ସମ୍ଭାବନା ରହିଛି। ତେଣୁ ତାକୁ ରେଡ଼ ଆଲର୍ଟରେ ରଖା ଯାଇଛି। ଉପକୂଳ ଜିଲ୍ଲା ଗୁଡିକୁ ଅରେଞ୍ଜ ଆଲର୍ଟରେ ରଖିଛୁ। ବର୍ଷା ଅଧିକ ପରିମାଣରେ ହେବାର ସମ୍ଭାବନା ଥିବାରୁ ଆମେ ଜିଲ୍ଲା ପ୍ରଶାସନ ଆଲର୍ଟରେ ରଖିଛୁ। ପ୍ରକୋପ ଯଦି ବେଶୀ ହୁଏ ସେଥିପାଇଁ ଆମେ ପ୍ରସ୍ତୁତ କମ ହେଲେ ବି ତାର ମୁକାବିଲା କରାଯିବ।

**ଭାରତ-ଏ ଦଳ ଘୋଷିତ**

# ଋଷଭ ପନ୍ତ ଅଧିନାୟକ, ସାଇ ସୁଦର୍ଶନ ଡେପୁଟୀ




**ନୂଆଦିଲ୍ଲୀ,୨୧।୧୦:** ଭାରତ-ଏ ଦଳ ଦକ୍ଷିଣ ଆଫ୍ରିକା-ଏ ଦଳ ବିପକ୍ଷରେ ଦୁଇଟି ଚାରିଦିନିଆ ମ୍ୟାଚ୍ ଖେଳିବ। ଏହି ସିରିଜ ପାଇଁ ଭାରତ-ଏ ଦଳ ଘୋଷଣା କରାଯାଇଛି। ଏହି ମ୍ୟାଚ୍ ପାଇଁ ଋଷଭ ପନ୍ତଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଥିବା ବେଳେ ସାଇ ସୁଦର୍ଶନଙ୍କୁ ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ଦୁଇଟି ଚାରିଦିନିଆ ମ୍ୟାଚ୍ ପାଇଁ ଦଳରେ ଭିନ୍ନ ଭିନ୍ନ ଖେଳାଳିଙ୍କ ଚୟନ କରାଯାଇଥିବା ବେଳେ ରିଷଭ ପନ୍ତ ଏବଂ ସାଇ ସୁଦର୍ଶନ ଦୁଇଟି ଚାରିଦିନିଆ ମ୍ୟାଚ୍‌ର ଅଧିନାୟକ ଓ ଉପ-ଅଧିନାୟକ ରହିବେ। ବିସିସିଆଇ ଏକ୍ସରେ ପୋଷ୍ଟ କରି ଏହି ଘୋଷଣା କରିଛି। ସୂଚନା ମୁତାବକ, ଭାରତ-ଏ ଦଳ ଅକ୍ଟୋବର ୩୦ରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦୁଇଟି ଚାରିଦିନିଆ ମ୍ୟାଚ୍ ଖେଳିବ। ପ୍ରଥମ ମ୍ୟାଚ୍ ଅକ୍ଟୋବର ୩୦ରୁ ନଭେମ୍ବର ୨ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ମ୍ୟାଚ୍ ନଭେମ୍ବର ୬ରୁ ନଭେମ୍ବର ୯ପର୍ଯ୍ୟନ୍ତ ଖେଳାଯିବ। ଦ୍ୱିତୀୟ ମ୍ୟାଚ୍ ପାଇଁ କେଏଲ ରାହୁଲ ଏବଂ ମହମ୍ମଦ ସିରାଜ ଦଳରେ ଯୋଗଦେବେ। ଯୁବ କ୍ରିକେଟର ଆୟୁଷ ମହାତ୍ରେଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି।

**ବିଧାୟକ ଗୌତମ ବୁଦ୍ଧଙ୍କ ଅଶାଳୀନ ମନ୍ତବ୍ୟକୁ ବିରୋଧ**

# ବିଜେଡି ‘କଫିନ’ରେ ଶେଷକଣ୍ଟା ବାଡ଼େଇବେ ନୂଆପଡ଼ାବାସୀ



**ଭୁବନେଶ୍ୱର,୨୧।୧୦(ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେପି ପକ୍ଷରୁ ଜୟ ଢୋଲକିଆଙ୍କ ସମ୍ପର୍କରେ ବିଜେଡି ବିଧାୟକ ତଥା ମୁଖପାତ୍ର ଗୌତମ ବୁଦ୍ଧ ଦାସ ସାମାଜିକ ଗଣମାଧ୍ୟମରେ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ବିରୋଧ କରିଛି ବିଜେପି। ଆସନ୍ନ ପରାଜୟରେ ଭୟଭୀତ ହୋଇ ଶ୍ରୀ ଦାସ ଏଭଳି ବୟାନବାଜି କରିଛନ୍ତି। ଏକ ନିର୍ଦ୍ଦିଷ୍ଟ ସମୁଦାୟ ବିରୋଧରେ ବିଜେଡି ଦେଇଥିବା ମନ୍ତବ୍ୟ ଦଳର ରାଜନୈତିକ ଅଭଦ୍ରାମୀର ପରିପ୍ରକାଶ କରିଛି। ଦେଢ଼ବର୍ଷ ପୂର୍ବେ ଦଳକୁ ଓଡ଼ିଶାବାସୀ ପ୍ରତ୍ୟାଖ୍ୟାନ କରିଥିବା ବେଳେ ଆଗାମୀ ଉପନିର୍ବାଚନରେ ନୂଆପଡ଼ାବାସୀ ବିଜେଡି କଫିନ୍‌ରେ ଶେଷ କଣ୍ଟା ବାଡ଼େଇବେ ବୋଲି କହିଛନ୍ତି ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି। ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ମହାନ୍ତି କହିଛନ୍ତି ଯେ ନୂଆପଡା ଉପନିର୍ବାଚନରେ ଆସନ୍ନ ପରାଜୟରେ ଭୟଭୀତ ହୋଇପଡ଼ିଥିବାରୁ ତଥ୍ୟ ଓ ସତ୍ୟରୁ ନିବୃତ୍ତ ରହି ନିଜ ଦୋଷ, ଦୁର୍ବଳତା ଓ ଅପାରଗତାକୁ ଲୁଚାଇବା ପାଇଁ ବିଜେଡି ନେତୃବୃନ୍ଦ ଏବେ ବ୍ୟକ୍ତିଗତ ଆକ୍ଷେପ କରୁଛନ୍ତି। ବିଜେଡିକୁ ପ୍ରାର୍ଥୀ ନ ମିଳିବାରୁ ଦଳ ଅନ୍ୟ ଏକ ଜିଲ୍ଲାରୁ ପ୍ରାର୍ଥୀ ଦେଇଛି। ଅନ୍ୟପକ୍ଷରେ ଏଠାରୁ ୪ ଥର ବିଧାୟକ ହୋଇଥିବା ରାଜେନ୍ଦ୍ର ଢୋଲକିୟାଙ୍କ ସୁପୁତ୍ରଙ୍କ ବିରୋଧରେ ବିଜେଡି ଯେଭଳି ମନ୍ତବ୍ୟ ଦେଇଛି, ତା’ କଦାପି ଶୋଭନୀୟ ନୁହେଁ। ବିଜେପି ନୁହେଁ, ନୂଆପଡ଼ାବାସୀ ଏହା ଉଚିତ ଜବାବ ଦେବେ ବୋଲି ଡ. ମହାନ୍ତି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ମୁଖପାତ୍ର ଦିଲ୍ଲୀପ ମଲ୍ଲିକ ମଧ୍ୟ ଉପସ୍ଥିତ ଥିଲେ।

**କୁକୁର ଆତଙ୍କ**

## ମହିଳାଙ୍କ ଓଠ ଛିଣ୍ଡାଇଲା

**ଚନ୍ଦାହାଣ୍ଡି,୨୧।୧୦(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅଧୀନସ୍ଥ ଗମ୍ଭାରିଗୁଡ଼ା ଗାଁରେ ପୁଣି ଥରେ ବୁଲା କୁକୁର ଆତଙ୍କ ଖେଳାଇଛି। ଗତକାଲି ଗାଁର ଦୁଇଜଣ ମହିଳାଙ୍କୁ ଆକ୍ରମଣ କରିଛି। ପ୍ରଥମେ ମଦନା ସାହୁ ଖାଇସାରି ବାସନ ଧୋଉଥିବା ବେଳେ ପଛରୁ ଆସି ପିଚାରେ କାମୁଡ଼ିଥିଲା। ତା ପରେ ରମଣୀ ସାହୁଙ୍କ ମୁହଁକୁ ଏଇଭଳି ଅତର୍କିତ ଆକ୍ରମଣ କରିଛି ଯେ, ତାଙ୍କର ଉପର ଓଠ ଦୁଇଫାଳ ହୋଇ ଝୁଲି ରହିଛି। ଦେଖଣାହାରୀମାନେ ଏହାକୁ ଭାଲୁ ଆକ୍ରମଣରୁ ମଧ୍ୟ ଅଧିକ ନୃଶଂସ ବୋଲି କହିଛନ୍ତି। ଘଟଣାର ଭୟାବହତାକୁ ଦେଖି ଶ୍ରୀମତୀ ସାହୁଙ୍କୁ ପ୍ରଥମେ ଧର୍ମଗଡ଼ ଏବଂ ପରେ ଭବାନିପାଟଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୋଟିଏ ଦିନରେ କୁକୁର ଆକ୍ରମଣର ଦୁଇଟି ଘଟଣା ପରେ ଗମ୍ଭାରିଗୁଡା ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ସୂଚନା ଥାଉ କି, ଗତବର୍ଷ କୁକୁର କାମୁଡ଼ାରେ ଗ୍ରାମର ରୁଦ୍ର ନାରାୟଣ ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ ସାତଜଣ ଗୁରୁତର ଆହତ ହୋଇଥିଲେ।

**ନୂଆପଡ଼ାରେ ଗୋରୁମୃତ୍ୟୁ ମାମଲା**

# କ୍ଷତିପୂରଣ ଦାବି କଲା କଂଗ୍ରେସ




**ନୂଆପଡ଼ା,୨୧।୧୦(ସଂଚାର ବ୍ୟୁରୋ):** ନିକଟରେ ନୂଆପଡ଼ା ବ୍ଲକ୍ ଗୋତମା ଗାଁରେ ୧୩ଟି ଗୋରୁ ପ୍ରାଣ ହରାଇଥିଲେ। ଏକକାଳୀନ ଏତେସଂଖ୍ୟକ ଗୋରୁଙ୍କ ମୃତ୍ୟୁ ପରେ ଏହାକୁ ନେଇ ରାଜନୈତିକ ଟଣାଓଟରା ଆରମ୍ଭ ହୋଇଛି। ଏକ ନିର୍ବାଚନୀ ସଭାର ବଳକା ଖାଦ୍ୟ ଖାଇ ଉକ୍ତ ଗୋରୁଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବାବେଳେ ଏହାକୁ ନିନ୍ଦା କରିଛି ରାଜ୍ୟ କଂଗ୍ରେସ। ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ ଏହି ଘଟଣାରେ ମୃତ ଗାଈ ମାଲିକଙ୍କୁ ୨୫ ହଜାର ଟଙ୍କାର କ୍ଷତିପୂରଣ ପ୍ରଦାନ ସକାଶେ ଦାବି କରାଯିବା ସହ କଂଗ୍ରେସ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ନିସର୍ତ୍ତ କ୍ଷମା ମାଗିବା ସକାଶେ ବି ଦାବି କରିଛି। ସେହିପରି ଗାଈ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି ବି ଦଳ ଦାବି କରିଛି।

ଏହି ଘଟଣା ଏକ ବଡ଼ ଲଜ୍ୟା, ଅପମାନ ବୋଲି କହିଛି କଂଗ୍ରେସ। ବିଜେପି ଗାଈକୁ ହତ୍ୟା କରିଛି। ବିଜେପି ଗୋମତା କଥା କହୁଥାଇପାରେ, ହେଲେ ରକ୍ଷା କରିପାରେ ନାହିଁ । ଏବେ ଉପନିର୍ବାଚନ ମାହୋଲ, କୋଡ୍ ଅଫ କଣ୍ଡକ୍ଟ ଲାଗିଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଚୁପ୍ କାହଁକି । ଏଭଳି ଦୁଃଖଦ ଘଟଣା ପରେ ନା ମୁଖ୍ୟମନ୍ତ୍ରୀ ନା ନିର୍ବାଚନ କମିଶନ କିଛି ଆକ୍ସନ ନେଲେ ନାହିଁ ବୋଲି ପ୍ରଶ୍ନ କରିଛି କଂଗ୍ରେସ। ଏହି ଘଟଣା ପାଇଁ କଂଗ୍ରେସ ବିଜେପି ନେତାଙ୍କୁ ଟାର୍ଗେଟ କରିଛି। ପ୍ରତାପ ଷଡ଼ଙ୍ଗୀ ସମେତ ବଜରଙ୍ଗ ଦଳ, ଏବିଭିପି ଭଳି ସଂଗଠନ କୁଆଡେ ଗଲେ ବୋଲି କଂଗ୍ରେସ କହିଛି। ଘଟଣାର ସତ୍ୟତା ସାର୍ବଜନୀନ ନହେଲେ କଂଗ୍ରେସ ଚୁପ୍ ବସିବ ନାହିଁ ବୋଲି ଆଜି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ସୋନାଲି ସାହୁ କହିଛନ୍ତି।

## ଗୋବିନ୍ଦପୁର ଅଞ୍ଚଳରୁ ସେକ୍ସ ରାକେଟ ଠାବ

**କେନ୍ଦୁଝର, ୨୧।୧୦ (ସଂଚାର ବ୍ୟୁରୋ):** କେନ୍ଦୁଝର ଟାଉନ ଥାନାର ଗୋବିନ୍ଦପୁର ଅଞ୍ଚଳରୁ ସେକ୍ସ ରାକେଟ ଠାବ ହୋଇଛି। ଦେହ ବ୍ୟବସାୟରେ ନିୟୋଜିତ ୫ ଜଣ ଯୁବତୀ ଉଦ୍ଧାର ହେବା ସହ, ରାଣୀ ମହୁମାଛି ସହିତ ୨ ଜଣ ଗ୍ରାହକ ଓ ୩ ଜଣ ଦଲାଲ ଗିରଫ ହୋଇଛନ୍ତି। ୨ ଜଣ ଗ୍ରାହକଙ୍କ ମଧ୍ୟରୁ ଜଣେ ନରଣପୁର ଓ ଅନ୍ୟ ଜଣେ ତୁରୁମୁଙ୍ଗା ଅଞ୍ଚଳର ହୋଇଥିବା ବେଳେ ୨ ଜଣ ଦଲାଲ ଯୋଡ଼ା ଓ ଅନ୍ୟଜଣେ କାଶିପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ପୋଲିସର ସୂଚନା ଅନୁସାର ଏହି ଅଞ୍ଚଳର ଏକ ଘରେ ସେକ୍ସ ରାକେଟ ଚାଲିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରି ସେଠାରୁ ଏହି ୧୧ ଜଣଙ୍କୁ ନିଜ ହେପାଜତକୁ ନେବା ସହ ସେମାନଙ୍କଠାରୁ ଅନେକ ଆପତିଜନକ ସାମଗ୍ରୀ ସହ ୨ ଟି ମୋଟର ସାଇକଲ, ୬ ଟି ମୋବାଇଲ, ୧୦ ହଜାର ୩୦୦ ଟଙ୍କା ଆଦି ଜବତ କରିଛି। ଏହା ସହ ସେକ୍ସ ରାକେଟ୍ ଚାଲିଥିବା ଘରଟିକୁ ପୋଲିସ ସିଲ କରିଛି। ଦେହ ବ୍ୟବସାୟରେ ନିୟୋଜିତ ୫ ଜଣ ଯୁବତୀଙ୍କ ମଧ୍ୟରୁ ଜଣେ ଝାରଖଣ୍ଡ ରାଜ୍ୟର ହୋଇଥିବା ବେଳେ ଅନ୍ୟ ୪ ଜଣ ଓଡ଼ିଶାର। ଏହି ସେକ୍ସ ରାକେଟର ରାଣୀ ମହୁମାଛି ଆଗରୁ ମଧ୍ୟ ଏହି କାମ ପାଇ ଜେଲ ଯାଇଥିଲେ। ଏହି ୬ ଜଣଙ୍କର ସ୍ୱାସ୍ଥ୍ୟ ରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି।

● ଦୀପାବଳିରେ ଅଘଟଣ

## ବାଣ ନିଆଁରେ ଜଳିଗଲା ବାଇକ୍ ଏବଂ ସ୍କୁଟି



**ଫୁଲବାଣୀ,୨୧।୧୦ (ସଂଚାର ବ୍ୟୁରୋ):** ଦୀପାବଳିର ଖୁସିର ମାହୋଲ ଭିତରେ ଅଘଟଣ। ବାଣରୁ ନିଆଁ ଲାଗି ଜଳିଗଲା ବାଇକ୍-ସ୍କୁଟି। ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ଅମଲାପଡା ସାହିରେ ଏହି ଅଘଟଣ ଘଟିଛି । ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଛନ୍ତି। ଏହି ଘଟଣାରେ କେହି ମୃତାହତ ହୋଇନଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସୋମବାର ରାତିରେ ଦୀପାବଳୀ ଅବସରରେ ବାଣଫୁଟା ଚାଲିଥିଲା। ସ୍ଥାନୀୟ ଅମଲାପଡା ଅନୀତା ବେକେରୀ ନିକଟରେ ଥିବା ଏକ ବାଇକ୍ ଉପରେ ନିଆଁ ଝୁଲ ପଡିଥିଲା। ଫଳରେ ବାଇକ୍ ସହିତ ପାଖରେ ଥିବା ଏକ ସ୍କୁଟିରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକେ ଆସି ତୁରନ୍ତ ନିଆଁ ଲିଭାଇଥିଲେ। ଫଳରେ ପାଖରେ ଥିବା ବେକେରୀ ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଛି।

## ଜୁଆ ଆଡ୍ଡା ଚଢ଼ଉ, ୭ ଗିରଫ

**ହିଞ୍ଜିଳିକାଟୁ,୨୧।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳି ଥାନା ମକରଝୋଳ ଗ୍ରାମରେ ଏକ ଜୁଆ ଆଡ୍ଡା ଚାଲିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ହିଞ୍ଜିଳି ପୋଲିସ ଚଢ଼ଉ କରି ୭ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ନଗଦ ୨୨,୫୭୦ ଟଙ୍କା, ୭ ଟି ମୋବାଇଲ ଜବତ କରିଛି। ଆଗକୁ ଏମିତି ଜୁଆଡ଼ି ମାନଙ୍କ ଆଡ୍ଡାସ୍ଥଳୀ ଉପରେ ଚଢ଼ାଉ ଜାରି ରହିବ ନେଇ ଥାନାଧିକାରୀ ସୂଚନା ଦେଇଛନ୍ତି।

## କାର୍ଯ୍ୟରୁ ନିଲମ୍ବିତ ହେଲେ ମଦ୍ୟପ ପୁଲିସ କର୍ମଚାରୀ



**ନୟାଗଡ଼,୨୧।୧୦ (ସଂଚାର ବ୍ୟୁରୋ):** ନିଶା ସେବନ କରି ଡ୍ୟୁଟି କରିବା ଦୁଇ ପୁଲିସ୍ କର୍ମଚାରୀଙ୍କୁ ମହଙ୍ଗା ପଡ଼ିଛି। ଏହି ଦୁଇ ପୁଲିସ୍ କର୍ମଚାରୀଙ୍କୁ ନୟାଗଡ଼ ଆରକ୍ଷୀ ଅଧିକ୍ଷକ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡ଼ିଛି । ନିଲମ୍ବିତ ହୋଇଥିବା ଦୁଇ ପୁଲିସ୍ କର୍ମଚାରୀଙ୍କ ମଧ୍ୟରୁ ଜଣେ ଏଏସଆଇ ଥିବା ବେଳେ ଆଉ ଜଣେ କନେଷ୍ଟବଲ । ସୂଚନାନୁସାରେ, ଦୁଇ ଦିନ ତଳେ ନୟାଗଡ଼ ସଦର ଥାନାରେ କାର୍ଯ୍ୟରତ ଏଏସଆଇ ପ୍ରଭାସ ଶବର ଓ କନେଷ୍ଟବଲ ପ୍ରସନ୍ନ ପ୍ରଧାନ ନିଶାଦ୍ରବ୍ୟ ସେବନ କରି ସଦର ଥାନା ନିକଟରେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ଏବଂ ନିଶା ସେବନ କରି ରାସ୍ତା କଡ଼ରେ ଗାଡ଼ି ରଖି ଗାଡ଼ି ଉପରେ ଶୋଇବା ଭଳି ଘଟଣା ଲୋକ ଲୋଚନକୁ ଆସିଥିଲା। ଯାହାକୁ ନେଇ ଗଣମାଧମରେ ପ୍ରକାଶ ପାଇଥିଲା । ଏହାକୁ ନେଇ ଗୃହ ବିଭାଗ ପକ୍ଷରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନୟାଗଡ଼ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଗାଡ଼ି ଚାଳକଙ୍କୁ ରୌପ୍ୟମୁଦ୍ରା ଉପହାର



**ବାଲିଅନ୍ତା,୨୧।୧୦ (ସଂଚାର ବ୍ୟୁରୋ):** ପବିତ୍ର ଦୀପାବଳି ଆବସରରେ ବାଲିଅନ୍ତା ବ୍ଲକ ଅଧୀନ ସରଦେଈପୁର-ନିମାପଡ଼ା ପୂର୍ତ୍ତ ବିଭାଗ ରାସ୍ତାର ପଞ୍ଚାୟତ ରୋଡ଼ ଛକ ନିକଟରେ ଜିଓ ପେଟ୍ରୋଲ ଟାଙ୍କିରେ ଚାରିଚକିଆ ଗାଡ଼ି ଚାଳକମାନଙ୍କୁ ରୌପ୍ୟମୁଦ୍ରା ଉପହାର ପ୍ରଦାନ କରାଯାଇଛି। ୧୦୦୦ ଟଙ୍କାରେ ଡିଜେଲ ପକାଇଥିବା ଚାଳକମାନଙ୍କୁ ୩ ଗ୍ରାମ ଓଜନର ରୌପ୍ୟମୁଦ୍ରା ଓ ମିଠାପୁଡ଼ିଆ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଓ ଓଡ଼ିଶା ଶାଖାର ମୁଖ୍ୟ ଅବସରପ୍ରାପ୍ତ କର୍ଣ୍ଣେଲ ମୋହିତ ବସ୍ତି, ଆକାଉଣ୍ଟ ମ୍ୟାନେଜର ଓମ ସାହା, ପେଟ୍ରୋଲ ଟାଙ୍କି ମାଲିକ ସଞ୍ଜୟ ମହାନ୍ତି, ଧର୍ମପତ୍ନୀ ସସ୍ମିତା ମହାନ୍ତି, ବାପା ପ୍ରହ୍ଲାଦ ମହାନ୍ତି ଏବଂ ମାଆ ସୁଧାଂଶୁବାଳା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫିତାକାଟି ଡିଜେଲ ଟାଙ୍କିର ଶୁଭାରମ୍ଭ କରିଥିଲେ।

# ଅସହାୟଙ୍କ ମୁହଁରେ ହସ ଫୁଟାଇଲା ସବୁଜ ବାହିନୀ




**ବ୍ରହ୍ମପୁର,୨୧।୧୦ (ସଂଚାର ବ୍ୟୁରୋ):** 'ବାଣ ନୁହେଁ ହସ ଫୁଟାଇବା, ମିଠା ଖୁଆଇ ଖୁସି ବାଣ୍ଟିବା' ନାରା ଦେଇ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ବ୍ରହ୍ମପୁର ଉପକଣ୍ଠ ଆମ୍ବଗଡ଼ ସ୍ଥିତ 'ଓମ ଜରା ନିବାସ' ସେବାଶ୍ରମରେ ଦୀପାବଳି ଉତ୍ସବ ପାଳନ କରାଯାଇଥିଲା। ସେବାଶ୍ରମରେ ରହୁଥିବା ବରିଷ୍ଠ ନାଗରିକ ସେମାନଙ୍କ ପରିବାର ସହିତ ଦୀପାବଳି ପାଳନ କରିବାରେ ବଞ୍ଚିତ ରହୁଥିବାରୁ ଏହି କମି ଦୂର କରିବା ପାଇଁ ଏଭଳି ପ୍ରୟାସ କରିଥିଲେ।

ସଂଗଠନର ସଦସ୍ୟ ସେବାଶ୍ରମରେ ରହୁଥିବା ବୃଦ୍ଧ ବୃଦ୍ଧାଙ୍କ ସହ ମିଶି ମଧ୍ୟାହ୍ନ ଭୋଜନ, ପିଠାପଣା, ନୂତନ ବସ୍ତ୍ର ସହ ଭଜନ ସମାରୋହ ଓ ନାମଜପର ଆୟୋଜନ କରିଥିଲେ। ଦୀପାବଳିରେ ଏଭଳି କାର୍ଯ୍ୟକ୍ରମ ସଂଗଠନ ପକ୍ଷରୁ ବିଗତ ପାଞ୍ଚ ବର୍ଷ ଧରି ବିଭିନ୍ନ ସେବାଶ୍ରମରେ ଆୟୋଜନ କରାଯାଇ ଆସୁଅଛି। ବ୍ରହ୍ମପୁର ସବୁଜ ବାହିନୀର ଏହି ମହତ ଉଦ୍ଦେଶ୍ୟକୁ ବ୍ରହ୍ମପୁରର ବିଭିନ୍ନ ସଂଗଠନ ସହ ସ୍ଥାନୀୟ ଅଞ୍ଚଳବାସୀ ମଧ ସହଯୋଗ କରିଛନ୍ତି। ତେବେ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଦିଗରେ ଦୀପାବଳିରେ ବାଣ ଫୁଟାଇବା ଦ୍ୱାରା ବାୟୁର ଗୁଣବତ୍ତା ଖରାପ ହେବା ଯୋଗୁଁ ଜନସାଧାରଣଙ୍କୁ ଶ୍ୱାସରୋଗ, ଚର୍ମରୋଗ, ହୃଦରୋଗ ହେବା ସହ ପରିବେଶରେ ରହୁଥିବା ଅନେକ ନିରୀହ ଜୀବଜନ୍ତୁଙ୍କ ଜୀବନହାନୀ ହେଉଛି ବୋଲି ସଂଗଠନର ଉପ ସଭାପତି ଏ ପ୍ରକାଶ ମତବ୍ୟକ୍ତ କରିଛନ୍ତି। ସେହିଭଳି ସେବାଶ୍ରମର ପରିଚାଳନା ଦାୟିତ୍ୱରେ ଥିବା ମିନତୀ ରାଓଙ୍କ କହିବା ଅନୁଯାୟୀ ବାଣ ନ ଫୁଟାଇ ଏଭଳି ଆୟୋଜନ କରାଯାଇଥିବାରୁ ଆଶ୍ରମର ରହୁଥିବା ମଉସା ମାଉସୀ ଖୁସୀ ଅନୁଭବ କରିଛନ୍ତି। ଏହି ଉତ୍ସବରେ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ ଓ ସମ୍ପାଦକ ସାଗର ପ୍ରସାଦ ପାତ୍ର ପରିଚାଳନା କରିଥିଲେ।



## ନିଶାର୍ଦ୍ଧରେ ମା'ଶ୍ୟାମାକାଳୀଙ୍କ ଧରାବତରଣ

**କାକଟପୁର/ଅସ୍ତରଙ୍ଗ,୨୧।୧୦ (ସଂଚାର ବ୍ୟୁରୋ):** ଓଁ ଜୟନ୍ତୀ ମଙ୍ଗଳା କାଳୀ ଭଦ୍ରକାଳୀ କପାଳିନୀ। ଦୁର୍ଗା କ୍ଷମା ଶିବା ଧାତ୍ରୀ ସ୍ୱାହା ସ୍ୱାହା ନମସ୍ତୁତେ....। ଆଲୋକର ପର୍ବ ଦୀପାବଳୀ ଅବସରରେ ବିରାଜିଲେ ନ୍ୟାୟର ଦେବୀ ମା' ଶ୍ୟାମାକାଳୀ। ମା'ଙ୍କ ଦର୍ଶନ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମା ଭଗବତୀ କ୍ଲବ ଦ୍ୱାରା ଆୟୋଜିତ ୧୭ ତମ ବାର୍ଷିକ କାଳୀ ପୂଜା ସହ ନଗର ଗ୍ରାମପଂଚାୟତ ଦକ୍ଷିଣପନ୍ତାଳରେ ମା' ଶ୍ୟାମାକାଳୀ ପୂଜା କମିଟି ଦ୍ୱାରା ଆୟୋଜିତ ଶ୍ୟାମାକାଳୀ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭକ୍ତଙ୍କ ସୁଅ ଛୁଟୁଛି।

ଚଳିତ ବର୍ଷ ଅସ୍ତରଙ୍ଗ ଭଗବତୀଙ୍କ ପ୍ରାଙ୍ଗଣରେ ୧୭ତମ ବାର୍ଷିକ ପୂଜା ସହ ନଗର ପଂଚାୟତ ଦକ୍ଷିଣପନ୍ତାଳ ପଶ୍ଚିମେଶ୍ୱର ଙ୍କ ପ୍ରାଙ୍ଗଣରେ ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଛି। ପୂଜା ବିଧି ଅନୁଯାୟୀ କଳସ ଅଧିବାସ, ମା'ଙ୍କ ଉପଚାର ପୂଜା, ଚଣ୍ଡୀପାଠ, ନିଶାର୍ଦ୍ଧେ ବଳିଦାନ ଅନୁଷ୍ଠିତ ହୋଇଛି। ମଣିଷର ସକାଳ ମନବାଞ୍ଛା ପୂରଣ କରିବା ସହ ଅଜ୍ଞାନ ତିମିରକୁ ଧ୍ୱଂସ କରିବେ। ଦୁଷ୍ଟ ଦଳନ ସହ ସନ୍ଥ କୁ ରକ୍ଷା କରିବେ। ମା ଧରାବତରଣ କରିଛନ୍ତି, ଅସତ୍ୟର କାଳରାତ୍ରିକୁ ନଷ୍ଟ କରି ସତ୍ୟର ବିଜୟ ବୈଜୟନ୍ତି ଉଡାଉବେ।ପୂଜା ଅବସରରେ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବାର ରହିଛି ବୋଲି ପୂଜା କମିଟି ତରଫରୁ ସୂଚନା ମିଳିଛି।

ପୀତବାସ ପଣ୍ଡା ହତ୍ୟା ଘଟଣା

## ଶେଷ ପର୍ଯ୍ୟାୟରେ ତଦନ୍ତ, ୨ ଦିନରେ ଦିଆଯିବ ସୂଚନା



**ବ୍ରହ୍ମପୁର,୨୧।୧୦ (ସଂଚାର ବ୍ୟୁରୋ):** ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ମାମଲାର ଅଗ୍ରଗତି ହୋଇଥିବା ବେଳେ ଖୁବଶୀଘ୍ର ଘଟଣାର ଖୁଲାସା ହେବ ବୋଲି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ସୂଚନା ଦେଇଛନ୍ତି।

ସେ କହିଛନ୍ତି, ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ ଶୀଘ୍ର ଖୁଲାସା ହେବ। ଦିନେ କିମ୍ବା ଦୁଇ ଦିନ ଭିତରେ ସାମ୍ବାଦିକ ସମ୍ମିଳନୀ ହେବ। ପ୍ରକାଶ ଥାଉ କି, ସୋମବାର ବ୍ରହ୍ମପୁର ସହରର ଜଣେ ଚର୍ଚ୍ଚିତ ରାଜନେତାଙ୍କୁ ପୁଲିସ୍ ଉଠାଇ ନେଇଥିଲା। ପୁଲିସ ଉଠାଇ ନେଇଥିବା ରାଜନେତା ଜଣଙ୍କ ପୂର୍ବରୁ ଏକାଧିକ ମାମଲାରେ ଜେଲ୍‌ରେ ଥିଲେ ବୋଲି ଜଣାପଡ଼ିଛି। ପୁଲିସ ଉକ୍ତ ରାଜନେତାଙ୍କୁ ସୋମବାର ସନ୍ଧ୍ୟାରେ ଉଠାଇ ନେଇ ଅଜ୍ଞାତ ସ୍ଥାନରେ ପଚରାଉଚରା କରୁଛି।

ପୀତବାସଙ୍କ ହତ୍ୟାର ଛାନଭିନ୍ କରୁଥିବା ବ୍ରହ୍ମପୁର ପୁଲିସ ୫ ରାଜ୍ୟରେ ଚଢ଼ାଉ କରିଥିଲା। ବିହାର ସହ ଦିଲ୍ଲୀ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ସହ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ରେଡ୍ କରିଥିଲା ବ୍ରହ୍ମପୁର ପୋଲିସ । ଆଉ ଏସବୁ ରାଜ୍ୟରେ ରେଡ୍ ପରେ ପୋଲିସ ୮ରୁ ୧୦ ଜଣଙ୍କୁ ଉଠାଇ ଆଣି ପଚରାଉଚରା ଜାରି ରଖିଛି ।

## ସଡ଼କ ଦୁର୍ଘଟଣାରେ ଦୁଇ ମୃତ

**ବୈଶିଙ୍ଗା,୨୧।୧୦ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ ଜାତୀୟ ରାଜପଥରେ ସୋମବାର ଦୁଇଟି ପୃଥକ ପୃଥକ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇ ଥିବା ଜଣାଯାଇଛି। ବାଲେଶ୍ୱର ଜିଲ୍ଲା ଦରଖୋଳି ଗ୍ରାମର ଗୋରା ସିଂର ପୁଅ ଶାନ୍ତନୁ ସିଂ(୨୮) ନିଜ ବାଇକରେ ଯାଉଥିବା ବେଳେ ଏକ ଟ୍ରେଲର ପଛରେ ପିଟି ହୋଇ ତଳେ ଛିଟିକି ପଡ଼ିଥିଲା। ଘଟଣାସ୍ଥଳରେ ହିଁ ତାର ମୃତ୍ୟୁ ଘଟିଥିଲା। ସେହିଭଳି ସୋମବାର ସନ୍ଧ୍ୟାରେ ପଦ୍ମନାଭପୁର ଗ୍ରାମର ଶ୍ରୀଧର ମାଝିଙ୍କ ପୁଅ ରାମେଶ୍ୱର ମାଝି (୩୨) ନିଜ ବାଇକ ଯୋଗେ ଘରକୁ ଯାଉଥିବା ସମୟରେ ରଙ୍ଗା ମାଟିଆ ଛକରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଥିଲା।

## ହିଞ୍ଜିଳିରେ ଧୂମଧାମରେ ଦୀପାବଳି ପାଳିତ



**ହିଞ୍ଜିଳିକାଟୁ,୨୧।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସହର ସମେତ ଏହାର ଆଖପାଖ ଅଂଚଳରେ ଧୂମଧାମରେ ପାଳିତ ହୋଇଯାଇଛି ଆଲୋକର ପର୍ବ ଦୀପାବଳି। ଚଳିତ ବର୍ଷ ରାତି ୭ଟାରୁ ୯ଟା ଭିତରେ ବାଣ ଫୁଟାଇବାକୁ କଟକଣା ଜାରି ହୋଇଥିବା ବେଳେ ରାତି ୨ଟା ପର୍ଯ୍ୟନ୍ତ ଢ଼ୋ ଢ଼ା ଶବ୍ଦ ଶୁଣିବାକୁ ମିଳିଥିଲା। ସେପଟେ ଦୀପାବଳି ପାଇଁ ସକାଳୁ ସକାଳୁ ବାଣ ପଡିଆରେ ଖଚାଖଚ୍ ଭିଡ଼ ଜମିଥିଲା। ଚଳିତ ବର୍ଷ ବାଣର ରେଟ ଟିକେ ଅଧିକା ରହିଥିଲେ ମଧ୍ୟ ଗ୍ରାହକଙ୍କ ମନ ଫିକା ପଡ଼ିନଥିଲା।

ଚଳିତ ବର୍ଷ ସକାଳୁ ସକାଳୁ ବର୍ଷା ପାଗ ହେବା ସହ ଦିନ ୫ଟା ପର୍ଯ୍ୟନ୍ତ ୪ରୁ ୫ଥର ବର୍ଷା ହୋଇଥିବା ବେଳେ ବେପାର ମାନ୍ଦା ପଡିଥିଲା। ସେଇପରି ସହରର ଥିବା ସମସ୍ତ ସୁନା ଦୋକାନ, ଲୁଗା ଦୋକାନ , ମିଠା ଦୋକାନରେ ପ୍ରବଳ ଭିଡ ଜମିଥିବା ବେଳେ ଚଳିତ ବର୍ଷ ସହରରେ ଲାଇଟ୍ ଦୀପ ସହ ଲାଇଟ୍ କ୍ୟାଣ୍ଡେଲ୍, ଟ୍ରି ଲାଇଟ, ଲିଚୁର ଚାହିଦା ଟିକେ କମ ଥିଲା।

## ଅବହେଳିତ ଅବସ୍ଥାରେ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ




**ଛତ୍ରପୁର,୨୧।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକ ଅଧୀନରେ ନିର୍ମିତ ବିଜୁ ପଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ, ଯାହା ଏକ ସମୟରେ ଅଞ୍ଚଳର ଗର୍ବ ଓ କ୍ରୀଡାପ୍ରେମୀଙ୍କ ଆଶାର କେନ୍ଦ୍ର ଥିଲା, ବର୍ତ୍ତମାନ ଅବହେଳା ଓ ଅବ୍ୟବସ୍ଥାର ଦୟନୀୟ ଚିତ୍ର ପ୍ରଦର୍ଶନ କରୁଛି। ସରକାରୀ ବ୍ୟୟ ବହୁଳ ଅର୍ଥବ୍ୟୟରେ ନିର୍ମିତ ଏହି ଆଧୁନିକ ଷ୍ଟାଡିୟମର ଉଦ୍ଦେଶ୍ୟ ଥିଲା ଗ୍ରାମାଞ୍ଚଳର କ୍ରୀଡାପ୍ରତିଭାମାନଙ୍କୁ ଆଗକୁ ଆଣିବା ଏବଂ ଯୁବ ଶକ୍ତିକୁ ସଠିକ ଦିଗ ଦେବା। କିନ୍ତୁ ଉଦ୍ୟସ ବର୍ତ୍ତମାନ ଦିଗହରା ହେବାରେ ଲାଗିଛି।

ଷ୍ଟାଡିୟମର କାନ୍ଥ ଫାଟିବା, ପଲସ୍ତରା ଖସିଯିବା, ଜିମ୍ ଉପକରଣ ଅସଜଡ଼ା ଓ ଆଧୁନିକ ଲାଇଟିଂ ସିଷ୍ଟମ କାର୍ଯ୍ୟକ୍ଷମ ନ ହେବା ଭଳି ଗୁରୁତର ସମସ୍ୟା ଦେଖାଯାଇଛି। ଏହି ପରିସ୍ଥିତିରେ, ଗଞ୍ଜାମ ଏମ୍‌ପିଆଇଏସ୍ ସଦସ୍ୟମାନେ ଜିଲ୍ଲା କ୍ରୀଡା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି। ପତ୍ରରେ ଷ୍ଟାଡିୟମର ବ୍ୟାଡମିଣ୍ଟନ କୋର୍ଟର ଅସମତଳ ଓ ଫାଟିଥିବା ସହିତ ଲାଇଟିଂ ସିଷ୍ଟମ ନଷ୍ଟ ହୋଇଥିବା ବିଷୟରେ ଗଭୀର ଚିନ୍ତା ପ୍ରକାଶ କରାଯାଇଛି। ଏହାର ଫଳରେ, ଖେଳାଳିମାନେ ସୁବିଧାଜନକ ଭାବରେ ଅଭ୍ୟାସ କରିପାରୁନଥିବା ସହ ଚୋଟ ଲାଗିବାର ଆଶଙ୍କା ଥିବା ଉଲ୍ଲେଖ କରାଯାଇଛି। ସନ୍ଧ୍ୟା ସମୟରେ ଅଭ୍ୟାସ କରିବା ପାଇଁ ଷ୍ଟାଡିୟମର ଲାଇଟିଂ ସିଷ୍ଟମ ନଷ୍ଟ ହେବା ମଧ ଅସୁବିଧା ସୃଷ୍ଟି କରୁଛି। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ସ୍ଥାୟୀ ସମାଧାନ ନ ମିଳିବାରୁ, ସ୍ଥାନୀୟ ଯୁବ ଓ କ୍ରୀଡାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।

## ଖୋର୍ଦ୍ଧାରେ ୬୬ତମ ପୁଲିସ ସହିଦ ଦିବସ ପାଳିତ



ଖୋର୍ଦ୍ଧା-୨୧/୧୦-୬୬ତମ ପୁଲିସ ସ୍ମୃତି ଦିବସ ଖୋର୍ଦ୍ଧା ଜିଲ୍ଲା ରିଜର୍ଭ ପୁଲିସ ଲାଇନରେ ପାଳିତ ହୋଇଯାଇଛି । ଏହି ଅବସରରେ ଦେଶ ସୁରକ୍ଷା ଓ ଶାନ୍ତି ପାଇଁ ନିଜ ଜୀବନର ବଳିଦାନ ଦେଇଥିବା ପୁଲିସ ବିଭାଗର ବୀର ଶହୀଦ ମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।ଖୋର୍ଦ୍ଧା ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା(ଆଇ.ପି.ଏସ) ଙ୍କ ଅଧକ୍ଷତାରେ ପୁଲିସ କର୍ମଚାରୀମାନେ ଶହୀଦମାନଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଶହୀଦମାନଙ୍କ ସାହସ, ଦେଶସେବା ଓ ତ୍ୟାଗ ସ୍ମରଣରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରଯାଇଥିଲା ।ଏସ.ପି . ଶ୍ରୀଯୁକ୍ତ ଶର୍ମା ପୁଲିସ ବିଭାଗର ସାହସିକତା ଓ ନିଷ୍ଠାପୂର୍ଣ୍ଣ ସେବାର ପ୍ରଶଂସା କରି କହିଲେ ଯେ, ସମାଜରେ ଶାନ୍ତି, ଶୃଙ୍ଖଳା ଓ ଆଇନର ପାଳନ ପାଇଁ ପୁଲିସ ସଦା ସମର୍ପିତ । ସେ ସମସ୍ତଙ୍କୁ ଶହୀଦମାନଙ୍କ ଆଦର୍ଶ ଓ ଦେଶସେବାର ମନୋଭାବକୁ ଅନୁସରଣ କରି କାମ କରିବାକୁ ଆହ୍ୱାନ କଲେ । ଶେଷରେ ସମସ୍ତ ପୁଲିସ କର୍ମଚାରୀ ସମାଜ ସେବା, ନିଷ୍ଠା ଓ ସଚ୍ଚୋଟତା ସହ ଦେଶ ସେବା ଜାରି ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ ।

## ଗଞ୍ଜାମ ଜିଲ୍ଲା ପୁଲିସର ୬୬ତମ ସହିଦ ଦିବସ ପାଳନ



**ଛତ୍ରପୁର,୨୧।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ପୁଲିସ ପକ୍ଷରୁ ଶହୀଦ ପୋଲିସ କର୍ମଚାରୀଙ୍କ ସମ୍ମାନରେ ୬୬ତମ ସହିଦ ଦିବସ ଛତ୍ରପୁର ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ପାଳନ କରାଯାଇଛି। ଏହି ସମାରୋହରେ ଶହୀଦଙ୍କର ସାହସ, ଦାୟିତ୍ୱ ଓ ସେବା ପ୍ରତି ଗଭୀର ସମ୍ମାନ ଜଣାଯାଇଥିଲା।ସମାରୋହରେ ଅଧିକାରୀ, କର୍ମଚାରୀ, ଅଞ୍ଚଳବାସୀ ଏବଂ ସହୀଦଙ୍କର ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ମୁଖ୍ୟ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର ଶହୀଦଙ୍କର ସ୍ୱୟଂଦାନ, ସାହସ ଓ ଦାୟିତ୍ୱ ପ୍ରତି ଗଭୀର ସମ୍ମାନ ଜଣାଇଥିଲେ। ଏହି ଅବସରରେ ପ୍ୟାରଡ୍ ଅନୁଷ୍ଠିତ ହୋଇଥିଲା, ଯାହାରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଏହି ସମାରୋହରେ ୧୯୧ ଜଣ ପୋଲିସ ଶହୀଦଙ୍କ ନାମ ପଠନ କରାଯାଇଥିଲା, ଯାହାରୁ ୨ ଜଣ ଓଡିଶାରୁ ଥିଲେ। ସହୀଦଙ୍କର ସ୍ମୃତିକୁ ଉଦ୍ଦିଷ୍ଟ କରି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କର ବାର୍ତ୍ତା ଏସ୍‌ପି ଶ୍ରୀ ପାତ୍ର ଦ୍ୱାରା ପଢ଼ାଯାଇଥିଲା।

ସମାରୋହରେ ପୁଷ୍ପମାଲ୍ୟ ଅର୍ପଣ, ଶ୍ରଦ୍ଧାଞ୍ଜଳି ଓ ମୁଖ୍ୟ ପଦକାନ୍ତର ଅଭିଭାଷଣ ମାଧମରେ ଶହୀଦଙ୍କର ସ୍ମୃତିକୁ ସଦା ସ୍ମରଣ କରିବାରେ ପ୍ରତିବଦ୍ଧତା ପ୍ରଦର୍ଶିତ କରାଯାଇଥିଲା।ଏହା ସହିତ, ଗଞ୍ଜାମ ଜିଲ୍ଲା ପୁଲିସ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ କରି ସହୀଦଙ୍କ ଘରକୁ ଯାଇ ସେମାନଙ୍କର ପରିବାର ସହ ଆତ୍ମୀୟ ସମ୍ପର୍କ ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧମରେ ସହୀଦଙ୍କର ସ୍ମୃତିକୁ ସଦା ସ୍ମରଣ କରିବା ସହିତ ସେମାନଙ୍କର ପରିବାର ସହ ଆତ୍ମୀୟତାକୁ ପୁନଃ ସୃଜିତ କରାଯାଇଥିଲା।

ଗଞ୍ଜାମ ଜିଲ୍ଲା ପୁଲିସ ପକ୍ଷରୁ ଏହି ସମାରୋହକୁ ଏକ ମୁଲ୍ୟବାନ ଅବସର ଭାବରେ ଦେଖାଯାଇଛି, ଯାହାରେ ଶହୀଦଙ୍କର ସେବା, ସାହସ ଓ ଦାୟିତ୍ୱ ପ୍ରତି ସମ୍ମାନ ପ୍ରଦର୍ଶିତ ହୋଇଛି।

## ପ୍ରାକୃତିକ କୃଷିର ଆଞ୍ଚଳିକ ପରିଷଦ ଦ୍ୱାରା ପଞ୍ଜିକରଣ ନିମନ୍ତେ ଦିନିକିଆ କର୍ମଶାଳା



**ଫୁଲବାଣୀ,୨୧।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାରେ ପ୍ରାକୃତିକ କୃଷିର ପ୍ରସାର ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳିତ ହେଉଥିବା ବେଳେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀଙ୍କୁ ଆଂଚଳିକ ପରିଷଦରେ ପ୍ରମାଣପତ୍ର କରାଇବା ନିମନ୍ତେ ଚୟନ କରାଯାଇଛି । ଏହି ପରିପ୍ରେକ୍ଷିରେ ଅନୁଷ୍ଠାନ ତରଫରୁ ଜି.ଉଦୟଗିରି କାର୍ଯ୍ୟାଳୟ ଠାରେ ଏକ ଦିନିକିଆ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ ଅନ୍ନ ଅଭିଯାନ ପ୍ରକଳ୍ପ ରାଇକିଆ ଓ ଟିକାବାଲି ର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସେମାନଙ୍କ ଦ୍ୱାରା ପରିଚାଳିତ କୃଷକ ସଂଗଠନ ଗୁଡିକୁ ସାମିଲ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏଥି ସହିତ କନ୍ଧମାଳ ଜିଲ୍ଲା ସ୍ୱେଚ୍ଛାସେବୀ ମହାସଙ୍ଘ ର ନୂତନ ନିର୍ବାଚିତ କନ୍ଭେନର୍ ତଥା ପ୍ରଦାତା ଅନୁଷ୍ଠାନର କାର୍ଯ୍ୟନିର୍ବାହି ସଂପାଦକ ପ୍ରଦିପ କୁମାର ଦାଶ ଙ୍କୁ ସୁବେଚ୍ଛା ସହିତ ସମ୍ମାନିତ କରି ମହାସଙ୍ଘ ସହିତ ଯୋଡି ହୋଇଥିବା ଅନୁଷ୍ଠାନ ଗୁଡିକୁ ଏହି ପ୍ରକୃତିକ କୃଷି କାର୍ଯ୍ୟକ୍ର ସହିତ ଯୋଡିବାକୁ ଅନୁରୋଧ କରିଥିଲେ । ଅନୁଷ୍ଠାନର ସମ୍ପାଦକ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଏହାର ଲକ୍ଷ୍ୟ ଓ ଉଦ୍ୟେଶ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ ଏବଂ ଜିଲ୍ଲାରେ ଯେପରି ଜୈବିକ କୃଷିକୁ ପ୍ରାଧାନ୍ୟ ଦିଆଯାଇଛି ସେହିପରି ଆଗାମି ଦିନରେ ପ୍ରାକୃତିକ କୃଷିକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ହେବ ବୋଲି କହିଥିଲେ ।

ଫସଲରେ ବଢୁଛି ରାସାୟନିକ ସାରର ବ୍ୟବହାର

## କମୁଛି ପରିବା ସ୍ୱାଦ, ବିଗୁଡୁଛି ସ୍ୱାସ୍ଥ୍ୟ



**କାକଟପୁର/ଅସ୍ତରଙ୍ଗ,୨୧।୧୦ (ସଂଚାର ବ୍ୟୁରୋ):** ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ କିମ୍ବା ଗାଁ ଛକ ଗୁଡିକରେ ମିଳୁଛି ତଟକା ପରିବା। ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାରରେ ଗ୍ରାମାଞ୍ଚଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ କିମ୍ବା ପଡୋଶୀ ଆନ୍ଧ୍ରରୁ ବ୍ୟବସାୟୀମାନେ ପରିବା ଆଣି ସକାଳୁ ସକାଳୁ ବଜାରରେ ପହଂଚୁଛନ୍ତି। ସମସ୍ତ ପ୍ରକାର ପରିବା ସହ ବିଭିନ୍ନ ଶାଗ ଆଦି ଅତି ସହଜରେ ମିଳିଯାଉଛି। ଗ୍ରାହକ ମାନେ ସକାଳୁ ନିତ୍ୟକର୍ମ ସାରି ପରିବା କିଣିବାକୁ ବଜାରକୁ ଛୁଟୁଛନ୍ତି। ଘରକୁ କିଣି ନେଉଥିବା ତଟକା ପନିପରିବା ପୂର୍ବ ଅପେକ୍ଷା କ୍ରମଶଃ ମାତ୍ରାଧିକ ରାସାୟନିକ ବ୍ୟବହାର ଓ ତାହା ସ୍ୱାସ୍ଥ୍ୟ ପ୍ରତି ପକାଉଥିବା କୁପ୍ରଭାବ ସମ୍ପର୍କରେ ଅଜ୍ଞ ରହୁଛନ୍ତି।

କୃଷି ହେଉଛି ଅଞ୍ଚଳର ପ୍ରଧାନ ବୃତ୍ତି। ଓଡିଶାର ବିଭିନ୍ନ ସ୍ଥାନ ଅଥବା ପଡୋଶୀ ରାଜ୍ୟରୁ ତଟକା ପରିବା ଆସୁଥିଲେ ହେଁ ଅଞ୍ଚଳବାସୀ ଦୈନିକ ଆବଶ୍ୟକତା ମେଣ୍ଟାଇବାକୁ ବ୍ଲକର ଚାଷୀମାନେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ଦୈବଦୁର୍ବିପାକ ଯୋଗୁଁ ଉତ୍ପାଦନ ଦିନକୁ ଦିନ ପ୍ରଭାବିତ ହେଉଛି। କେବଳ ଜୈବିକ ଉପାୟରେ ଫସଲ ଉତ୍ପାଦନ କରି ବଜାରରେ ଆବଶ୍ୟକତା ସହ ନିଜ ଗୁଜୁରାଣ ମେଣ୍ଟାଇବା ଚାଷୀ ପାଇଁ କଷ୍ଟକର ହୋଇପଡୁଛି। ଚାଷୀ ବର୍ତ୍ତମାନ ଆଧୁନିକ ଚାଷ ପଦ୍ଧତି ଓ ଅଧିକ ଅମଳ ଆଶାରେ ଜମିରେ ମାତ୍ରାଧିକ ସାର ବ୍ୟବହାର କରୁଛନ୍ତି। ଏହା ଦ୍ୱାରା ପରିବା ସ୍ୱାଦ କମୁଥିବା ବେଳେ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କି ନିକଟବର୍ତ୍ତୀ ବ୍ଲକରେ ଶୀତଳ ଭଣ୍ଡାର ନାହିଁ। ତେଣୁ ଚାଷୀଙ୍କୁ ଅନେକ ସମୟରେ କ୍ଷତିର ସମ୍ମୁଖୀନ ହେବାକୁ ପଡୁଛି।

ଜଳବାୟୁ ପରିବର୍ତ୍ତନ ପାଇଁ ଖରା, ବର୍ଷା ଓ ଶୀତରେ ତାଳମେଳ ରହୁନାହିଁ। ଫଳରେ ଫସଲରେ ରୋଗପୋକ ଲାଗୁଛି। ତେଣୁ କୀଟ ନାଶକ ବ୍ୟବହାର କରିବାକୁ ପଡୁଛି। ବଜାରରୁ କିଣା ଯାଉଥିବା ପରିବାକୁ ଦିନେ କି ଦୁଇ ଦିନ ଭିତରେ ଶେଷ କରିବାକୁ ପଡୁଛି। ନଚେତ ତାହା ନଷ୍ଟ ହୋଇଯାଉଛି। କୋବି, କଞ୍ଚା ଲଙ୍କା, ଧନିଆ ପତ୍ର, ଗାଜର, କାକୁଡି ଫ୍ରିଜରେ ରଖିଲେ ସେଥିରୁ ବାସ୍ନା ଉଭେଇ ଯାଉଛି। କିଛି ଡକ୍ଟର କହିବା ମୁତାବକ ଆଜିକାଲି ଖାଦ୍ୟରେ ଅପମିଶ୍ରଣ କରାଯାଉଛି। ପରିବା ମଧ ଏଥିରୁ ବାଦ ପଡୁନି। ଖାଦ୍ୟରୁ ହିଁ ସମସ୍ତ ପ୍ରକାର ରୋଗ ସୃଷ୍ଟି। ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନ ସହ ଜୈବିକ ପଦ୍ଧତି ରେ ଚାଷ ପାଇଁ ପ୍ରୋତ୍ସାହନ ଦେବା ଆବଶ୍ୟକ।

## ସୋଆରେ ଆଇଇଇଇର ଷ୍ଟୁଡେଣ୍ଟ ବ୍ରାଞ୍ଚ ଓ କମ୍ପ୍ୟୁଟର ସୋସାଇଟି ଷ୍ଟୁଡେଣ୍ଟ ବ୍ରାଞ୍ଚ ଚାପ୍ଟର ଉଦ୍‌ଘାଟିତ



**ଭୁବନେଶ୍ୱର,୨୧।୧୦ (ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃତିଗତ, ବୈଷୟିକ ଏବଂ ଗବେଷଣାତ୍ମକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର୍ସ (ଆଇଇଇଇ) ର ଷ୍ଟୁଡେଂଟ ବ୍ରାଞ୍ଚ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପରିସରରେ ନିକଟରେ ଉଦ୍‌ଘାଟିତ ହୋଇଯାଇଛି।

ସେହିପରି ଆଇଇଇଇ କମ୍ପ୍ୟୁଟର ସୋସାଇଟିର ସୋଆ ଷ୍ଟୁଡେଂଟ ବ୍ରାଞ୍ଚ ଚାପ୍ଟର ମଧ ଏହି ଅବସରରେ ଆରମ୍ଭ କରାଯାଇଛି। ଏଥି ନିମନ୍ତେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଇଇଇଇ ଭୁବନେଶ୍ୱର ଅନୁଚ୍ଛେଦର ଯୁଗ୍ମ ସମ୍ପାଦକ ଓ ଆଇଇଇଇ ସୋଆ ଷ୍ଟୁଡେଂଟ ବ୍ରାଞ୍ଚର କାଉନ୍‌ସିଲର ପ୍ରଫେସର ରେଣୁ ଶର୍ମା ଏହି ଶାଖା ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଆଇଟିଇଆରର ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଥିବା ପ୍ରଫେସର ଶର୍ମା ଏହି ଶାଖା ପ୍ରତିଷ୍ଠା ହେବା ଦ୍ୱାରା ନବୀକରଣ, ସହଭାଗିତା ଏବଂ ନେତୃତ୍ୱ ବିକାଶ କ୍ଷେତ୍ରରେ ବିଶ୍ୱ ଦରବାରରେ ଛାତ୍ରଛାତ୍ରୀଙ୍କୁ ନୂତନ ସୁଯୋଗ ପ୍ରଦାନ କରିବ ବୋଲି କହିଥିଲେ।

# ବାଣ ଫୁଟି ପୁଅ ମୃତ, ବାପା ଗୁରୁତର

**ଅନୁଗୁଳ,୨୧।୧୦(ସଂଚାର ବ୍ୟୁରୋ):** ବାଣ ଫୁଟି ପୁଅ ମୃତ, ବାପା ଗୁରୁତର ହୋଇଛନ୍ତି। ଅନୁଗୁଳ ଜିଲ୍ଲା ସମଲ ଥାନା ସିପୁର ଗାଁରେ ଏହି ଅଘଟଣ ଘଟିଛି। ମୃତ ପୁଅର ନାମ ସରୋଜ ପ୍ରଧାନ, ଗୁରୁତର ବାପା ହେଉଛନ୍ତି ପ୍ରମୋଦ ପ୍ରଧାନ। ପ୍ରମୋଦଙ୍କ ହାତ ଛିଣ୍ଡି ଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସରୋଜ ଓ ତାଙ୍କ ଭାଇଙ୍କ ମଧ୍ୟରେ କଳହ ଲାଗୁଥିବା ବେଳେ ସରୋଜ ଦେଶୀ ବାଣକୁ ହାତରେ ଧରି ଡରାଉଥିଲେ। ଏହି ସମୟରେ ସରୋଜଙ୍କ ହାତରେ ବାଣ ଫୁଟିଯାଇଥିଲା। ବାଣ ଛଡାଇବାକୁ ଯାଇ ପ୍ରମୋଦ ଗୁରୁତର ଆହତ ହୋଇଛନ୍ତି।

# ଯାଜପୁର କାଳୀପୂଜା: ଡିଜେ ଏବଂ ମଦ ଉପରେ ରୋକ



**ଯାଜପୁର,୨୧।୧୦(ସଂଚାର ବ୍ୟୁରୋ):** କାଳୀ ପୂଜାକୁ ଯାଜପୁର ଗଣପର୍ବ ଭାବେ ମାନ୍ୟତା ମିଳିଛି। ଏଥିପାଇଁ ଯାଜପୁର ସହର ବେଶ ଉତ୍ସବ ମୁଖର ହୋଇଉଠିଛି। ସବୁଠି ସୁଉଚ୍ଚ ତୋରଣ ଏବଂ ସୁନ୍ଦର ଆଲୋକମାଳାରେ ଝଲସି ଉଠୁଛି ପୂରା ସହର। ଗତକାଲି ବିଳମ୍ବିତ ରାତ୍ରିରେ ମା'ଙ୍କ ପୂଜା ଆରମ୍ଭ ହୋଇଛି। ନିଶାର୍ଦ୍ଧରେ ଏହି ପୂଜା ଆରମ୍ଭ ହୋଇ ଚଣ୍ଡିପାଠ ଓ ସହସ୍ର ନାମ ଯଜ୍ଞ ଚାଲିଛି । ଯାଜପୁରରେ କେବଳ ୪୨ଟି ପୂଜା ମଣ୍ଡପରେ ମା' କାଳୀ ଓ ଲକ୍ଷ୍ମୀନାରାୟଣ ପୂଜା ପାଉଛନ୍ତି। ଆଗାମୀ ୧୦ ଦିନ ପର୍ଯ୍ୟନ୍ତ ଲାଗି ରହିବ ଗହଳି। ପୂଜାକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ଆୟୋଜକ ମାନଙ୍କ ମଧ୍ୟରେ ବିଶେଷ ପ୍ରସ୍ତୁତି କରାଯାଇଛି। ଯାଜପୁର ସହରର କିଆନାଳୀ ଛକ, ହରପାର୍ବତି ଛକ, ବଡବଜାର, ଗରିଆପୁର, ନାରାୟଣୀ ଛକ, ହାବେଳି ବଜାର, ଅମ୍ବିକାଇ, ମେଡିକାଲ ଆଦି ଛକରେ ବଡ ଧୁମଧାମରେ ଏହି କାଳୀପୂଜା ପାଳନ ହେଉଛି। ଆଗାମୀ ୧୦ ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ପୂଜା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷ ସହରରେ ଡିଜେ ବାଜିବା ଏବଂ ମଦ କାରବାର ଉପରେ ସଂପୂର୍ଣ୍ଣ ରୋକ ଲଗାଯାଇଛି। ସଂଧ୍ୟା ସମୟରେ ଭିଡକୁ ଦୃଷ୍ଟିରେ ରଖି ସହରକୁ ଭାରୀଯାନ ଏବଂ ୪ ଚକିଆ ଯାନ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରଠାରେ ମା' କାଳୀଙ୍କ ପ୍ରତିମା ପୂଜା ପାଉଥିବା ବିଭିନ୍ନ ମଣ୍ଡପ ଓ ମନ୍ଦିର ଦର୍ଶନ କରି ମା'ଙ୍କ ନିକଟରେ ସମସ୍ତଙ୍କ କଲ୍ୟାଣ ନିମନ୍ତେ ପ୍ରାର୍ଥନା କରିବା ସହ ପୂଜା କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

# ବିଭିନ୍ନ ସ୍ଥାନରେ ବାଣ ଅଘଟଣ

- ହାଟଡ଼ିହିରେ ୫ ଗାଈ ଜୀବନ୍ତ ଦଗ୍ଧ
- ପାରାଦୀପରେ ୨ ଜଣ ଆହତ
- ସୋରରେ ପାପୁଲି ଛିଣ୍ଡିଗଲା



**ଭୁବନେଶ୍ୱର/ହାଟଡିହି,୨୧।୧୦(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସୋସୋ ଥାନା ଆମ୍ବଗଡ଼ିଆ ଗାଁରେ ବାଣ ନିଆଁରୁ ଅଗ୍ନିକାଣ୍ଡ ଘଟି ତିନି ବଖରା ଚାଳଘର ପୋଡ଼ିଯାଇଛି। ଗ୍ରାମର କୋଦଣ୍ଡଧର ପଣ୍ଡାଙ୍କ ଘରେ ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କର ୩ ବଖରା ଚାଳ ଘର ସହିତ ୫ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଖବର ପାଇ ହାଟଡିହି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ରାତିରେ ଗାଁରେ ପିଲାମାନେ ବାଣ ଫୁଟାଉଥିବା ବେଳେ ବାଣ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

ସେହିଭଳି ଦୀପାବଳିରେ ଦୁଇ ଗୁରୁତର ହୋଇଛନ୍ତି। ହାତରେ ବାଣ ଫୁଟି ଜଣେ ଯୁବକଙ୍କର ପାପୁଲି ନଥିବା ବେଳେ ପାଖରେ ଥିବା ଅନ୍ୟ ଜଣେ ଯୁବକଙ୍କ କାନକୁ ଶୁଣା ଯାଉନାହିଁ। ଦୁଇଜଣଙ୍କୁ ପ୍ରଥମେ ପାରାଦୀପ ଅଠରବାଙ୍କି ମେଡିକାଲକୁ ଅଣାଯିବା ପରେ ପାପୁଲି ନଥିବା ଗୁରୁତର ଯୁବକଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଘଟଣା ଘଟିଛି ପାରାଦୀପ ଷଣ୍ଢକୁଦ ବସ୍ତିରେ। ହାତ ପାପୁଲି ନଥିବା ଗୁରୁତର ଯୁବକ ହେଲେ ଷଣ୍ଢକୁଦ ବସ୍ତିର ସମୀର ବେହେରା ଓ ଅନ୍ୟ ଜଣେ ଆହତ ସେହି ବସ୍ତିର ଶୁଭନାଥ ମହାନ୍ତି।

ବାଲେଶ୍ୱର ଜିଲ୍ଲା ସୋର ଥାନା ଗୋବିନ୍ଦପୁର ଗ୍ରାମର ବାବୁ ମହାନ୍ତି ଗତକାଲି ସନ୍ଧ୍ୟାରେ ଘର ନିକଟରେ ଚାଇନା ବାଣ ଫୁଟାଉଥିଲେ। ଏହି ସମୟରେ ବାଣଟି ତାଙ୍କ ଡାହାଣ ହାତ ପାପୁଲିରେ ଫୁଟିଯାଇଥିଲା। ଫଳରେ ହାତରୁ ପାପୁଲି ଛିଣ୍ଡିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ବଜ୍ରପାତରେ ଜଣେ ମୃତ

**ରାୟଗଡା,୨୧।୧୦(ସଂଚାର ବ୍ୟୁରୋ):** ବିଲକୁ ଯାଇ ଆଉ ଘରକୁ ଫେରିଲେନି ଯୁବକ। ମୁଶଳ ଧାରା ବର୍ଷାରେ ବଜ୍ରପାତ ନେଇଗଲା ତାଙ୍କ ଜୀବନ। ଏହି ଅଘଟଣ ପରେ ଗାଁରେ ଖେଳିଯାଇଛି ଶୋକର ଛାୟା। ଏଭଳି ଘଟଣା ଘଟିଛି ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତ ସାନତଦ୍ରା ଗାଁରେ। ମୃତ ଯୁବକ ଜଣକ ହେଲେ ବଗି ନାଚିକା। ତାଙ୍କ ବୟସ ମାତ୍ର ୨୦। ଘରୁ ପ୍ରାୟ ୬ ଶହ ମିଟର ଦୂରରେ ଥିବା କେନ୍ଦୁଗୁଡ଼ା ଗାଁ ପାର୍ଶ୍ୱ ଚାଷ ଜମିରେ ସକାଳୁ ସକାଳୁ ବାହାରି ଯଖଇଥିଲେ ପାଣି ମଡ଼େଇବା ପାଇଁ। ଠିକ୍ ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ଗାଁ ବାସିନ୍ଦା କହିଛନ୍ତି। ଏହି ଘଟଣା ସମ୍ପର୍କରେ ଖବର ପାଇ କଲ୍ୟାଣସିଂହପୁର ଥାନା ଏଏସଆଇ ହେମନ୍ତ କୁମାର ବରିହା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ହେଲେ ଭେଣ୍ଡିଆ ପୁଅକୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଛି ପରିବାର।

# ବାଘ ଆତଙ୍କରେ ଥରୁଛି ଗାଁ, ପାଦଚିହ୍ନ ଠାବ



**କାମାକ୍ଷାନଗର,୨୧।୧୦(ସଂଚାର ବ୍ୟୁରୋ):** କାମାକ୍ଷାନଗରରେ ପୁଣି ବାଘ ଆତଙ୍କ। ଖଟଖୁରା ଗାଁରେ ବାଘ ପାଦଚିହ୍ନ ଠାବ କରାଯାଇଛି। କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଅଧୀନରେ ଥିବା ଖଟଖୁରା ଗାଁ ନିକଟରେ ଥିବା ଧାନ ବିଲରେ ଆଜି ବାଘର ପାଦଚିହ୍ନ ଦେଖିବାକୁ ମିଳିଛି। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ବାଘକୁ ନେଇ ଲୋକଙ୍କ ମନରେ ଭୟ ଦେଖାଦେଇଛି।

ବାଘ ଦଶଦିନ ତଳେ କନ୍ତାରିପାଟ ଜଙ୍ଗଲରେ ଏକ ଷଣ୍ଢକୁ ଆକ୍ରମଣ କରି ମାରିଦେଇଥିଲା। ଏହାପରେ ବାଘର କୌଣସି ସନ୍ଧାନ ନଥିଲା। ଆଜି ପୁଣି ବାଘର ପାଦ ଚିହ୍ନ ଦେଖାଯାଇଛି । ଏହାକୁ ନେଇ ଜଙ୍ଗଲ ନିକଟରେ ଥିବା ଗାଁଗୁଡିକର ଲୋକ ଆତଙ୍କିତ ଅବସ୍ଥାରେ ଅଛନ୍ତି । ତୁରନ୍ତ ବନ ବିଭାଗ ବାଘକୁ ଘଉଡ଼ାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା ; ୪ ଅଟକ

**କଟକ,୨୧।୧୦(ସଂଚାର ବ୍ୟୁରୋ):** କଟକ ସଦର ଥାନ ଅନ୍ତର୍ଗତ ଉତ୍ତମାପୁରରେ ଥିବା ସମ୍ପର୍କ ନିଶା ନିବାରଣ କେନ୍ଦ୍ରରେ ଘଟିଛି ଅଘଟଣ। ୪ ଅନ୍ତେବାସୀ ନିଶାମୁକ୍ତି କେନ୍ଦ୍ରରୁ ଖସିଯିବାକୁ ବସିଥିଲେ। ସୌମ୍ୟ ଦେଖି ପାଟି କରିବାରୁ ତାକୁ ମାଡ଼ିବସି ତଣ୍ଟି ଚିପି ମାରିଦେଇଥିବା କୁହାଯାଉଛି। ପୁଲିସ ୪ ଜଣଙ୍କୁ ଅଟକ ରଖିଛି। ମୃତ ଯୁବକ ହେଲେ ସୌମ୍ୟରଞ୍ଜନ ଦାସ। ତାଙ୍କ ଘର ଜଟଣୀ ରଜା ବଜାର ଅଞ୍ଚଳରେ ହୋଇଥିବା ବେଳେ ଗତ ୩ ମାସ ହେବ ସେ ମାନସିକ ଚାପ ଯୋଗୁ ଏହି ସମ୍ପର୍କ ନିଶା ନିବାରଣ କେନ୍ଦ୍ରକୁ ଆସିଥିଲେ। ଚାକିରି ଛାଡ଼ି ଘରକୁ ଆସିବା ପରେ ମାନସିକ ଦୁଶ୍ଚିନ୍ତାରେ ସେ ରହିଥିଲେ। ସେଥିଲାଗି ସେ ଭଲ ହେବା ଲାଗି ଏଠାକୁ ଆସିଥିଲେ। ହେଲେ ନିଶା ନିବାରଣ କେନ୍ଦ୍ରରେ ତାଙ୍କୁ ଅନ୍ତେବାସୀ ହତ୍ୟା କରିଛନ୍ତି। ସଂଘବଦ୍ଧ ହତ୍ୟା କରିବା ଅଭିଯୋଗରେ ପୁଲିସ ୪ ଅନ୍ତେବାସୀଙ୍କୁ କେନ୍ଦ୍ରରୁ ଧରି ସଦର ଥାନାରେ ଅଟକ ରଖିଛି। ଏନେଇ ସଦର ଥାନା ଆଇଆଇସି ଘଟଣାସ୍ଥଳକୁ ଆସି ଅନୁସନ୍ଧାନ କରିଛନ୍ତି। ପୁଲିସ ଏହି ନିଶା ନିବାରଣ କେନ୍ଦ୍ରର ଦାୟିତ୍ୱରେ ଥିବା କିଛି କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅଟକ ରଖିଛି। ଫରେନସିକ୍ ଟିମ୍ ଆସିଲା ପରେ ଅଧିକ ଅନୁସନ୍ଧାନ କରାଯିବ।
















































ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ରୁଷରୁ ତେଲକିଣା ନେଇ ପୁଣି ଟ୍ରମ୍ପଙ୍କ ଧମକ



ନୂଆଦିଲ୍ଲୀ ୨୧।୧୦: ଭାରତକୁ ପୁଣି ଲାଗିବ ଟାରିଫ୍ ଝଟ୍‌କା। "ଭାରୀ" ଶୁଳ୍କ ଦେବାକୁ ଧମକ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ବିଶେଷ କରି ଯଦି ଭାରତ ଯଦି ରୁଷ ଠାରୁ ତେଲ କିଣିବା ବନ୍ଦ୍ ନକରେ ତେବେ ଲାଗୁ ହେବ ଡବଲ ଟାରିଫ୍। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ବ୍ୟକ୍ତିଗତ ଭାବରେ ଆଶ୍ୱାସନା ଦେଇଥିଲେ ଯେ ନୂଆଦିଲ୍ଲୀ ଏପରି ଆମଦାନୀ ବନ୍ଦ କରିବ। ଏୟାର ଫୋର୍ସ ଓ୍ୱାନରେ ସାମ୍ବାଦିକଙ୍କ ସହ କଥାବାର୍ତ୍ତା କରି ଟ୍ରମ୍ପ କହିଥିଲେ, ପ୍ରଧାନମନ୍ତ୍ରୀ ମୋଦି ମୋତେ କହିଥିଲେ, 'ଭାରତ ରୁଷିଆରୁ ତେଲ କିଣିବ ନାହିଁ।' କିନ୍ତୁ ଯଦି ସେମାନେ ଏପରି ଜାରି ରଖନ୍ତି, ତେବେ ସେମାନଙ୍କୁ ଭାରୀ ଶୁଳ୍କ ଦେବାକୁ ପଡିବ। ଯେତେବେଳେ ଟ୍ରମ୍ପଙ୍କୁ ଭାରତ ସରକାରଙ୍କ ପ୍ରତିକ୍ରିୟା ବିଷୟରେ ପଚରାଗଲା। ଯେ ଟ୍ରମ୍ପ-ପ୍ରଧାନମନ୍ତ୍ରୀ ମୋଦିଙ୍କ ଆଲୋଚନା ବିଷୟରେ। ତେବେ ସେ କହିଥିଲେ ଯେ, ମୋତେ ଏ ବିଷୟରେ ଜଣାନାହିଁ। "କିନ୍ତୁ ଯଦି ସେମାନେ ଏହା କରୁଛନ୍ତି ତେବେ ସେମାନେ ଭାରୀ ଶୁଳ୍କ ଦେବାକୁ ବାଧ୍ୟ ହେବେ। ବୁଧବାର ଦିନ ଓଭାଲ ଅଫିସରେ ଟ୍ରମ୍ପଙ୍କ ଅପ୍ରତ୍ୟାଶିତ ଘୋଷଣା ପରେ ଏହି ବିବୃତ୍ତି ଆସିଛି ଯେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଭାରତ ରୁଷରୁ ତେଲ କିଣିବା ବନ୍ଦ କରିବ।

"ଭାରତର ପ୍ରାୟ ଏକ ତୃତୀୟାଂଶ ତେଲ ରୁଷରୁ ଆସେ," ଟ୍ରମ୍ପ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ତାଙ୍କ ପ୍ରଶାସନ ଏହି କ୍ରୟଗୁଡ଼ିକୁ ୟୁକ୍ରେନ ଯୁଦ୍ଧ ପାଇଁ ମସ୍କୋର ଆର୍ଥିକ ସହାୟତା ଭାବରେ ଦେଖେ। ତଥାପି, ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (MEA) ଟ୍ରମ୍ପଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ, ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି ଯେ ସେ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ କୌଣସି ସମ୍ପ୍ରତିକ ଆଲୋଚନା ବିଷୟରେ ଅଜ୍ଞ। ଜୟସ୍ୱାଲ ଆହୁରି କହିଛନ୍ତି ଯେ ଭାରତ ଓ ଆମେରିକା ମଧ୍ୟରେ ଶକ୍ତି ସହଯୋଗ ଉପରେ ଆଲୋଚନା ଚାଲିଛି। କିନ୍ତୁ ସେ ଟ୍ରମ୍ପଙ୍କ ଦାବିକୁ ନିଶ୍ଚିତ କରିନାହାଁନ୍ତି ଯେ ନୂଆଦିଲ୍ଲୀ ରୁଷ ତେଲ କିଣିବା ବନ୍ଦ କରିବାକୁ ରାଜି ହୋଇଛି। ସେ ଆହୁରି କହିଛନ୍ତି, "ଆମେରିକା ସହିତ ଶକ୍ତି ସମ୍ପର୍କକୁ ଆହୁରି ଘନିଷ୍ଠ କରିବା ପାଇଁ ନିରନ୍ତର ଆଲୋଚନା ଚାଲିଛି।

ଟ୍ରମ୍ପଙ୍କ ଚେତାବନୀ ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତ ଆମେରିକାରୁ ଭାରୀ ଆମଦାନୀ ଶୁଳ୍କର ସମ୍ମୁଖୀନ ହେଉଛି। ଏହି ବର୍ଷ ଆରମ୍ଭରେ, ସେ ବୟନଶିଳ୍ପ ଏବଂ ଔଷଧ ସମେତ ଅନେକ ପ୍ରମୁଖ ରପ୍ତାନି ଉପରେ ଆମଦାନୀ ଶୁଳ୍କକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ରାଷ୍ଟ୍ରପତି କହିଛନ୍ତି ଯେ ଯଦି ଭାରତ ରୁଷୀୟ ଅଶୋଧିତ ତୈଳ ଆମଦାନୀ ଜାରି ରଖେ। ତେବେ ଏହି ଶୁଳ୍କ ବଜାୟ ରହିବ କିମ୍ବା ଆହୁରି ବଢ଼ିପାରେ। ସେ ପୁଣି କହିଛନ୍ତି, "ଯଦି ସେମାନେ ଏପରି ଜାରି ରଖନ୍ତି, ତେବେ ସେମାନଙ୍କୁ ଭାରୀ ଶୁଳ୍କ ଦେବାକୁ ପଡିବ।

## ଆଜିର ସୁନା ଦର



ଦୀପାବଳି ପରେ ବଢ଼ିଲା ସୁନା ଏବଂ କମିଲା ରୁପା ଦର। ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୨,୭୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୧,୭୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୨,୭୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୨୧,୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୨,୭୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୨୧,୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୨,୯୨୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୧,୮୫୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୨,୮୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୧,୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୨,୭୭୦ ଓ ୧,୨୧,୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୭୦,୦୦୦ ଟଙ୍କା ହୋଇଛି।

### ବଢୁଛି ତତ୍କାଳ ଡେଲିଭରି ଚାହିଦା

# ୧୦ ମିନିଟ୍‌ରେ ଜିନିଷ ପହଞ୍ଚାଇବାକୁ ପ୍ରତିଶ୍ରୁତି




ଭୁବନେଶ୍ୱର: ଅନଲାଇନରେ ବରାଦ କରିବାର କିଛି ସମୟ ଭିତରେ ଜିନିଷ ପାଇବାକୁ ଲୋକମାନେ ଚାହୁଛନ୍ତି। ସେମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି କ୍ୱିକ୍ କମର୍ସ କମ୍ପାନିଗୁଡ଼ିକ ଲାଗିପଡ଼ିଛନ୍ତି। ଏହି ପାର୍ବଣ ଋତୁରେ ତତ୍କାଳ ଡେଲିଭରି ସେବାର ଚାହିଦା ବେଶ୍ ବଢ଼ିଛି। ରାଜ୍ୟରେ ବ୍ଲିଙ୍କଇଟ୍, ଜେପ୍‌ଟୋ, ସ୍ୱିଗି ଇନ୍‌ଷ୍ଟାମାର୍ଟ, ଫ୍ଲିକ୍‌କାର୍ଟ ମିନିଟ୍ସ, ଜିଓମାର୍ଟ, ବିଗ୍‌ବାସ୍କେଟ ଓ ଘିନିବା ଭଳି ସଂସ୍ଥା ତତ୍କାଳ ଡେଲିଭରି ସେବା ପ୍ରଦାନ କରୁଛନ୍ତି। ବର୍ତ୍ତମାନ ସମୟରେ ୧୦ ମିନିଟ୍‌ରେ ଡେଲିଭରି ବେଶ୍ ଲୋକପ୍ରିୟତା ହାସଲ କରିଛି। ବିଗ୍‌ବାସ୍କେଟ ପକ୍ଷରୁ ବ୍ରହ୍ମପୁର ଓ ରାଉରକେଲାରେ ୧୦ ମିନିଟ୍ ଡେଲିଭରି ସେବା ଆରମ୍ଭ କରାଯାଇଛି। ଏଥିରୁ ଏହା ଜଣାପଡ଼ୁଛି ଯେ କ୍ୱିକ୍ କମର୍ସ କେବଳ ଭୁବନେଶ୍ୱର ଭଳି ବଡ଼ ସହରରେ ନୁହେଁ, ବରଂ ରାଜ୍ୟର ଛୋଟ ସହରଗୁଡ଼ିକରେ ମଧ ବେଶ୍ ଗ୍ରହଣୀୟ ହୋଇଛି। ଅଧିକାଂଶ କମ୍ପାନି ଗ୍ରାହକଙ୍କ ଧାନ ଆକର୍ଷଣ କରିବା ଲାଗି ୧୦ ମିନିଟ୍ ଡେଲିଭରିର ପ୍ରଚାର କରୁଛନ୍ତି। ବିଗ୍‌ବାସ୍କେଟର ଜାତୀୟ ବ୍ୟବସାୟ ମୁଖ୍ୟ ଶଶି ଶେଖର କହିଛନ୍ତି ଯେ ରାଉରକେଲା ଓ ବ୍ରହ୍ମପୁରରେ ୧୦ ମିନିଟ୍ ଡେଲିଭରି ସେବା ଆରମ୍ଭ କରି ଆମେ ବେଶ୍ ଉତ୍ସାହିତ। ଆମର ଏହି ସେବାରୁ ସହରବାସୀ ଉପକୃତ ହେବେ।

କ୍ୱିକ୍ କମର୍ସକୁ ବ୍ୟବହାର କରି ଗ୍ରାହକମାନେ ଗ୍ରୋସରି ସାମଗ୍ରୀ, ଫଳ, ପନିପରିବା, ସ୍ନାକ୍ସ ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଆଦି ମଗାଉଛନ୍ତି। ଗ୍ରୋସରିରେ ସେମାନେ ପନିପରିବା, ଫଳ, ଦୁଗ୍ଧ, ପାଉଁରୁଟି, ଅଣ୍ଡା ମଗାଉଛନ୍ତି। ସ୍ନାକ୍ସରେ ଚିପ୍‌ସ, ଚକୋଲେଟ୍, ମୃଦୁପାନୀୟ କିଣୁଛନ୍ତି। ଘରକରଣା ସାମଗ୍ରୀ ମଧରେ ଘର ସଫା କରିବା ଜିନିଷ, ପର୍ସନାଲ କେୟାର ଓ ଘରକରଣା ଉତ୍ପାଦ କିଣୁଛନ୍ତି। ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମଧରେ ଗ୍ରାହକମାନେ ଚାର୍ଜର, ବଲ୍ ଓ ଅନ୍ୟାନ୍ୟ ଛୋଟ ଇଲେକ୍ଟ୍ରୋନିକ୍ସ ଜିନିଷ କିଣୁଥିବା ଜଣାପଡ଼ିଛି।

### ଆଇଏମ୍‌ଏଫ୍‌ର ଚେତାବନୀ

# ବିଶ୍ୱ ବ୍ୟାପାରରେ ବଡ଼ ବାଧକ ଟାରିଫ୍



ନୂଆଦିଲ୍ଲୀ,୨୧।୧୦: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍‌କୁ ନେଇ ବଡ଼ ଚେତାବନୀ ଦେଇଛି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)। ଆଇଏମ୍‌ଏଫ୍ ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଭା ଏହାକୁ ବିଶ୍ୱ ବ୍ୟାପାରରେ ବଡ଼ ବାଧକ ବୋଲି ଦର୍ଶାଇଛନ୍ତି। ବିଶ୍ୱ ଅର୍ଥନୀତିର ବିକାଶ ଦିଗରେ ଏହା ସମସ୍ୟା ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଟ୍ରମ୍ପଙ୍କ ଟାରିଫ୍ ବିକାଶମୁଖୀ ବଜାରଗୁଡ଼ିକର ଅଭିବୃଦ୍ଧିକୁ ଧୀମା କରିପାରେ ବୋଲି ଜର୍ଜିଭା କହିଛନ୍ତି। ଏହାସହିତ ସେ ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ଭରସା ଦେଖାଇଛନ୍ତି ଏବଂ କହିଛନ୍ତି ଯେ, ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅର୍ଥବ୍ୟବସ୍ଥା ମଧରେ ଅନ୍ୟତମ। ଏହା ବିଶ୍ୱ ପାଇଁ ଖୋଲା ରହିବା ଅତ୍ୟନ୍ତ ଜରୁରୀ। ଟାରିଫ୍‌ରୁ ସମ୍ଭାବ୍ୟ କ୍ଷତିକୁ ନେଇ ସତର୍କ କରାଇ ଆଇଏମ୍‌ଏଫ୍ ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଭା କହିଛନ୍ତି ଯେ, ସମ୍ପ୍ରତି ବିଶ୍ୱର କିଛି ବଡ଼ ଅର୍ଥବ୍ୟବସ୍ଥାଗୁଡ଼ିକ ସଂରକ୍ଷଣବାଦୀ ଉପାୟ ଆପଣାଉଛନ୍ତି ଏବଂ ଟାରିଫ୍‌କୁ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷରେ, ଅଧିକାଂଶ ଦେଶ ଏବେ ବି ଖୋଲା ଏବଂ ନିରପେକ୍ଷ ବ୍ୟାପାରକୁ ସମର୍ଥନ ଜାରି ରଖିଛନ୍ତି। କାରଣ ସେମାନଙ୍କ ଅନୁସାରେ, ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏହା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ସେ କହିଲେ ଯେ, ଟାରିଫ୍ ଯୋଗୁ ବିଶ୍ୱ ବ୍ୟାପାରକୁ ବଡ଼ ଆକାରରେ କ୍ଷତି ହୋଇପାରେ। ଜର୍ଜିଭା କହିଲେ, ଆଇଏମ୍‌ଏଫ୍‌ର ୧୯୧ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ମାତ୍ର ୩ ଦେଶ ଯଥା ଆମେରିକା, ଚୀନ୍ ଏବଂ କିଛି ମାତ୍ରାରେ କାନାଡା ଟାରିଫ୍ ଲଗାଇବା ଦିଗରେ ଅଧିକ ସକ୍ରିୟ ରହିଛି। ଅନ୍ୟ ୧୮୮ ଦେଶ ଏଥିରୁ ଦୂରେଇ ରହିଛନ୍ତି। ଏ ଦେଶଗୁଡ଼ିକ ବହୁ ଅନୁଗୃହିତ ରାଷ୍ଟ୍ରର ନିୟମ ଅଧୀନରେ ହିଁ ବ୍ୟାପାରକୁ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଜର୍ଜିଭା ପ୍ରମୁଖ ଅର୍ଥବ୍ୟବସ୍ଥାଗୁଡ଼ିକୁ ଅନୁରୋଧ କରିଛନ୍ତି ଯେ, ସେମାନେ ଏକ ଖୋଲା, ନିରପେକ୍ଷ ଏବଂ ନିୟମ-ଆଧାରିତ ବ୍ୟାପାର ପ୍ରଣାଳୀ ଦିଗରେ କାର୍ଯ୍ୟ କରନ୍ତୁ। ଭାରତକୁ ପ୍ରଶଂସା କରି ଜର୍ଜିଭା କହିଛନ୍ତି ଯେ, ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରୁ ଅନ୍ୟତମ। ନିଜର ସୁଧାର ପ୍ରୟାସ କାରଣରୁ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧିରେ ଏହା ବଡ଼ ଯୋଗଦାନ ଦେଉଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ଟ୍ରେଡିଂରେ ନିବେଶକଙ୍କ ଉପରେ ୨.୭୧ ଲକ୍ଷ କୋଟି ବର୍ଷା




ମୁମ୍ବାଇ, ୨୧।୧୦: ସେୟାର ବଜାର ମୁହୂର୍ତ୍ତ ଟ୍ରେଡିଂ ସମୟରେ, ସେନସେକ୍ସ ଏବଂ ନିଫ୍ଟି ଉଭୟ ସବୁଜ ଚିହ୍ନରେ ଦେଖାଯାଉଛି। ସେନସେକ୍ସ ଖୋଲିବା ମାତ୍ରେ ୩୦୦ ପଏଣ୍ଟ ଉପରକୁ ଉଠିଥିଲା। ଅନ୍ୟପକ୍ଷରେ, ନିଫ୍ଟି ପ୍ରାୟ ୯୦ ପଏଣ୍ଟ ବୃଦ୍ଧି ପାଇଛି। ଏହି ସମୟ ମଧରେ, ଇନଫୋସିସ୍, ଟାଟା ମୋଟର୍ସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଟାଟା ଷ୍ଟିଲ୍ ଇତ୍ୟାଦିର ସେୟାରରେ ବୃଦ୍ଧି ଘଟିଛି। ବିଶେଷଜ୍ଞଙ୍କ ମତରେ, ସେୟାର ବଜାରରେ ବୃଦ୍ଧି ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ, ପାର୍ବଣ ଋତୁରେ ରେକର୍ଡ କ୍ରୟ, ଭଲ ତ୍ରୈମାସିକ ଫଳାଫଳ ଯୋଗୁ ହୋଇଛି। ଏସୀୟ ଏବଂ ଆମେରିକୀୟ ବଜାରରେ ମଧ ବୃଦ୍ଧି ଘଟିଛି। ସେୟାର ବଜାରରେ ଏହି ବୃଦ୍ଧି ଯୋଗୁ ସେୟାର ବଜାର ନିବେଶକମାନେ ମାତ୍ର କିଛି ମିନିଟ୍ ମଧରେ ୨.୭୧ ଲକ୍ଷ କୋଟି ଟଙ୍କା ରୋଜଗାର କରିଛନ୍ତି। ମୁହୂର୍ତ୍ତ ବାଣିଜ୍ୟ ସମୟରେ ଷ୍ଟକ୍ ବଜାରରେ ବୃଦ୍ଧି ପରିଲକ୍ଷିତ ହେଉଛି। ତଥ୍ୟ ଅନୁଯାୟୀ, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ପ୍ରମୁଖ ସୂଚକାଙ୍କ ସେନସେକ୍ସ ବାଣିଜ୍ୟ ଅଧିବେଶନରେ ୩୦୨.୦୭ ପଏଣ୍ଟ ବୃଦ୍ଧି ପାଇ ୮୪,୬୬୫,.୪୪ପଏଣ୍ଟରେ ପହଞ୍ଚିଛି। ସେନସେକ୍ସ ୮୪,୪୮୪.୬୭ ପଏଣ୍ଟରେ ଖୋଲିଥିଲା। ଯେତେବେଳେ ପୂର୍ବ ଦିନ ଏହା ୮୪,୩୬୩.୩୭ ପଏଣ୍ଟରେ ବନ୍ଦ ହୋଇଥିଲା। ଏହି ସମୟରେ, ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ପ୍ରମୁଖ ସୂଚକାଙ୍କ ନିଫ୍ଟିରେ ମଧ ବୃଦ୍ଧି ଦେଖାଦେଇଛି। ତଥ୍ୟ ଅନୁଯାୟୀ, ବାଣିଜ୍ୟ ଅଧିବେଶନ ସମୟରେ ନିଫ୍ଟି ମଧ ପ୍ରାୟ ୯୦ ପଏଣ୍ଟ ବୃଦ୍ଧି ପାଇ ୨୫,୯୩୪.୩୫ ପଏଣ୍ଟର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବର୍ତ୍ତମାନ, ନିଫ୍ଟି ୪୯.୪୦ ପଏଣ୍ଟ ବୃଦ୍ଧି ପାଇ ୨୫,୮୯୪.୦୫ ପଏଣ୍ଟରେ କାରବାର କରୁଛି। ନିଫ୍ଟି ୨୫,୯୦୧.୨୦ ପଏଣ୍ଟରେ ଖୋଲିଥିଲା। ଷ୍ଟକ୍ ଦୃଷ୍ଟିରୁ, ଆଇଟି, ବ୍ୟାଙ୍କିଙ୍ଗ୍ ଏବଂ ଅଟୋ ଷ୍ଟକ୍ ବୃଦ୍ଧି ପାଉଛି। ବିଏସଇ ତଥ୍ୟ ଅନୁଯାୟୀ, ଇନଫୋସିସ୍ ଶେୟାର ୧ ପ୍ରତିଶତ ବୃଦ୍ଧି ପାଇଛି। ଟାଟା ମୋଟର୍ସ, ଆକ୍ସିସ୍ ବ୍ୟାଙ୍କ, ଆଦାନୀ ପୋର୍ଟସ୍, ମହିନ୍ଦ୍ରା ଏବଂ ମହିନ୍ଦ୍ରା, ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୦.୫୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛନ୍ତି। ଇଟର୍ନାଲ୍, ଟାଇଟାନ୍, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଏସବିଆଇ ଫ୍ଲାଟ୍ କାରବାର କରୁଛନ୍ତି। ଏହି ସମୟରେ, ମାରୁତି, ଏସିଆନ୍ ପେଣ୍ଟ୍ସ, ଆଇସିଆଇସିଆଇ ବ୍ୟାଙ୍କ, ଭାରତୀ ଏୟାରଟେଲ୍ ଏବଂ କୋଟାକ୍ ବ୍ୟାଙ୍କ ହ୍ରାସ ପାଉଛନ୍ତି। ଷ୍ଟକ୍ ବଜାରର ମୁହୂର୍ତ୍ତ ଟ୍ରେଡିଂ ସମୟରେ ନିବେଶକମାନେ ଯଥେଷ୍ଟ ଲାଭ କରିଛନ୍ତି। ନିବେଶକଙ୍କ ଲାଭ ଏବଂ କ୍ଷତି ବିଏସଇର ବଜାର ପୁଞ୍ଜି ଉପରେ ନିର୍ଭର କରିଥାଏ। ସୋମବାର ଦିନ, ବିଏସଇର ବଜାର ପୁଞ୍ଜି ୪,୬୯,୬୮,୬୯୮.୮୯ କୋଟି ଥିଲା, ଯେତେବେଳେ ମଙ୍ଗଳବାର ବାଣିଜ୍ୟ ଅଧିବେଶନରେ, ବଜାର ପୁଞ୍ଜି ୪,୭୨,୩୯,୭୨୧.୩୫ କୋଟିରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ମଙ୍ଗଳବାର ଦିନ ଷ୍ଟକ୍ ବଜାର ନିବେଶକମାନେ ୨,୭୧,୦୨୨.୪୬ କୋଟି ଲାଭ କରିଛନ୍ତି।

## ଆଜିଠୁ ଲାଗୁହେଲା ଟ୍ରମ୍ପଙ୍କ ନୂଆ ଏଚ୍-୧ବି ଭିସା ନିୟମ

ନୂଆଦିଲ୍ଲୀ,୨୧।୧୦: ଶୁଳ୍କ ଯୁଦ୍ଧ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏକ ବଡ଼ ନିଷ୍ପତ୍ତି ନେଇଥିଲେ। ସେପ୍ଟେମ୍ବର ମାସରେ ସେ ଏଚ୍-୧ବି ଭିସା ପାଇଁ ନିୟମ ପରିବର୍ତ୍ତନ କରିଥିଲେ, ଯାହା ଆଜିଠୁ ଲାଗୁ ହୋଇଛି। ନୂତନ ନିୟମ ଅନୁଯାୟୀ, ଏବେ କିଛି ଏଚ୍-୧ବି ଭିସା ଧାରକ ଆଉ ଅଣ-ପ୍ରବାସୀ ଶ୍ରମିକ ଭାବରେ ସିଧାସଳଖ ଆମେରିକାରେ ପ୍ରବେଶ କରିପାରିବେ ନାହିଁ। ଏଥିପାଇଁ ସେମାନଙ୍କୁ ନୂତନ ଆବେଦନ ସହିତ ୧୦୦,୦୦୦ ଡଲାର କିମ୍ବା ଭାରତୀୟ ଟଙ୍କାରେ ୮୮ଲକ୍ଷ ଟଙ୍କାରୁ ଅଧିକ ଫି' ଦେବାକୁ ପଡିବ। ୮୮ଲକ୍ଷ ଟଙ୍କାର ନୂତନ ଫି' କମ୍ପାନିଗୁଡ଼ିକ ପାଇଁ ଖର୍ଚ୍ଚକୁ ଯଥେଷ୍ଟ ବୃଦ୍ଧି କରିପାରେ। ଏହି ନିଷ୍ପତ୍ତି ବଡ଼ ଟେକ୍ କମ୍ପାନିଗୁଡ଼ିକ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିବ ନାହିଁ। କାରଣ ସେମାନେ ଶୀର୍ଷ ବୃତ୍ତିଗତମାନଙ୍କ ଉପରେ ଅଧିକ ଖର୍ଚ୍ଚ କରିବା ଜାରି ରଖିଛନ୍ତି। ଏହି ନିୟମ ଦ୍ୱାରା ଛୋଟ ଟେକ୍ ଫାର୍ମ ଏବଂ ଷ୍ଟାର୍ଟଅପ୍ ଉପରେ ଚାପ ପଡ଼ିବ ବୋଲି କୁହାଯାଉଛି। ଏଚ୍-୧ବି ଭିସାର ମୂଲ୍ୟ ବୃଦ୍ଧି ଘୋଷଣା କରି ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ କହିଥିଲେ ଯେ, 'କମ୍ପାନିଗୁଡ଼ିକୁ ଏବେ ପ୍ରତ୍ୟେକ ଭିସା ପାଇଁ ବାର୍ଷିକ ୧୦୦,୦୦୦ଡଲାର ଦେବାକୁ ପଡିବ। ସମସ୍ତ ବଡ଼ କମ୍ପାନି ଏଥିପାଇଁ ପ୍ରସ୍ତୁତ।

## ଦୀପାବଳିରେ ଡାଉନ ହେଲା ଆମାଜନ କ୍ଲାଉଡ ସର୍ଭିସ୍




ନୂଆଦିଲ୍ଲୀ, ୨୧।୧୦: ଦୀପାବଳିରେ ଡାଉନ ହେଲା ଆମାଜନ କ୍ଲାଉଡ ସର୍ଭିସ ବା ଏଡବ୍ଲ୍ୟୁଏସ୍ । AWS ଡାଉନ ପରେ ଶତାଧିକ ବିଭିନ୍ନ ସୋସିଆଲ ମିଡିଆ ଆପ୍, ଫାଇନାନସ୍ ଓ ଇ-କମର୍ସ ଆପ୍ ପ୍ଲାଟଫର୍ମ ପ୍ରଭାବିତ ହୋଇଛି । ଏହି ସମସ୍ୟା ଯୋଗୁଁ ଆମାଜନ ସେୟାରରେ ବି ଖସିଛି । ସ୍ନାପଚାଟ, ଆଲେକ୍ସା, ରିଙ୍ଗ ସିକ୍ୟୁରିଟି, ଆମାଜନ ପ୍ରାଇମ ଭିଡିଓ, ପରପ୍ଲେକ୍ସିସିଟି ଏଆଇ, ଏପିକ ଗେମ ଷ୍ଟୋର, ମ୍ୟାକଡୋନାଲ୍ଡ ଆପ୍, ସିଗନାଲ, ରେଡିଟ୍ଟ, ଷ୍ଟିମ ଭଳି ଭଳି ପ୍ରମୁଖ ପ୍ଲାଟଫର୍ମ ପ୍ରଭାବିତ ହୋଇଥିଲା । ୟୁଏସ-ଇଷ୍ଟ ୧ କ୍ଷେତ୍ରରେ ଏହି ସମସ୍ୟା ଦେଖା ଦେଇଦେଇଥିଲା । ସୋମବାର ସକାଳ ୯ଟା ବେଳେ ପ୍ରଥମେ ସେବା ପ୍ରଭାବିତ ହୋଇଥିଲା । ଯଦି ପରବର୍ତ୍ତୀ ସମୟରେ ଏହାକୁ କିଛି ମାତ୍ରାରେ ରିକଭର କରାଯାଇଛି, ମାତ୍ର ପୁରା ରିକଭର ପାଇଁ ସମୟ ଲାଗିବ ବୋଲି AWS ପକ୍ଷରୁ କୁହାଯାଇଛି । ୟୁଏସ୍-ଇଷ୍ଟ ୧ ରିଜନରେ ଡାଇନାମୋ-ଡିବି ଏପିଆଇ ଏଣ୍ଡ ପଏଣ୍ଟର DNS ରିଜୋଲେସନ୍ ଫେଲ୍ୟୁୟର ହିଁ ଏହା ପଛର କାରଣ ବୋଲି AWS କହିଛି । ଏଥି ପାଇଁ ବିଭିନ୍ନ ପ୍ଲାଟଫର୍ମରେ ରିକ୍ୟୁଏଷ୍ଟ ଏରର, ଟାଇମ ଆଉଟ, ସର୍ଭିସ ସ୍ଲୋ ଭଳି ସମସ୍ୟା ଦେଖାଦେଇଥିଲା । ୟୁଏସ ଇଷ୍ଟ-୧ ରୁ ସାରା ଦୁନିଆର ବିଭିନ୍ନ ଆପ ଓ ୱେବସାଇଟର ସର୍ଭର ଚାଲିଥାଏ । ଆମାଜନର ସହାୟକ କମ୍ପାନି AWS ହଜାର ହଜାର ୱେବସାଇଟ୍ ଏବଂ ଆପ୍ସକୁ ସର୍ଭର, ଡାଟାବେସ୍ ଏବଂ ଷ୍ଟୋରେଜ୍ ପ୍ରଦାନ କରେ। ଯେତେବେଳେ ଏହି ସେବା କୌଣସି ସମସ୍ୟାର ସମ୍ମୁଖୀନ ହୁଏ, ଏହା ବିଶ୍ୱର ପ୍ରମୁଖ ଇଣ୍ଟରନେଟ୍ କମ୍ପାନିଗୁଡ଼ିକୁ ପ୍ରଭାବିତ କରିଥାଏ ।

## ଲକ୍ଷ୍ମୀନାରାୟଣ ମଲ୍ଲିକଙ୍କ ମାତୃ ବିୟୋଗ



କଲିକତା, ୨୧।୧୦ (ସଂଚାର ବ୍ୟୁରୋ): ବରିଷ୍ଠ ପ୍ରପ୍ତନ୍ ସେଲ୍ ପ୍ରଶାସକ, ପ୍ରବାସୀ ଓଡ଼ିଆ ସଂଗଠକ ତଥା ନୀଳଚକ୍ର ପଶ୍ଚିମବଙ୍ଗ ଶାଖାର ସଭାପତି ଲକ୍ଷ୍ମୀ ନାରାୟଣ ମଲ୍ଲିକଙ୍କ ମାଆ ସ୍ୱର୍ଗୀୟ ରମା ମଲ୍ଲିକ ବାର୍ଦ୍ଧକ୍ୟଜନିତ ତଥା ଶାରୀରିକ ଅସୁସ୍ଥତା ହେତୁ କଟକ ସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଚାରି ପୁତ୍ର ଓ ପୁତ୍ର ବଧୂଙ୍କ ସହ ପାରିବାରିକ ସମସ୍ତ ସଦସ୍ୟମାନେ ଉପସ୍ଥିତି ଥିଲେ । ୧୯୯୦ ମସିହାରେ ନିଜର ସ୍ୱାମୀଙ୍କୁ ହରାଇ ଅସୀମ ସାହସ ଓ ଧୈର୍ଯ୍ୟ ର ସହ ୪ପୁଅ ଓ ୩ଝିଅ ଙ୍କୁ ଭଲ ମଣିଷ କରି ଗଢ଼ି ତୋଳିଥିଲେ। ସମସ୍ତେ ଆଜି ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ଭଲ ମଣିଷ। ଦୁଇ ପୁଅ, ଜଣେ ଝିଅ ଡାକ୍ତର; ଦୁଇ ପୁଅ, ଦୁଇ ଝିଅ ପ୍ରଶାସକ; ବୋହୂ ଓ ଜ୍ୱାଇଁ ମାନେ ଡାକ୍ତର, ଇଞ୍ଜିନିୟର ଓ ଶିକ୍ଷାବିତ। କେତେ ପୁଣ୍ୟ କରିଥିଲେ କେଜାଣି ୯୦ ବର୍ଷୀୟ ମାଆ ଚାଲିଗଲେ ପବିତ୍ର ଦୀପାବଳି ଅମାବାସ୍ୟା, କାର୍ତ୍ତିକ ସୋମବାର ଦିନ ଗୋଟାଏ ପଚାଶରେ। ଦୀପାବଳୀ ଓ ପୟାଶ୍ରାଦ୍ଧ ସନ୍ଧ୍ୟାରେ ସ୍ୱର୍ଗଦ୍ୱାର ରେ ମାଆ ଜଳୁଥିବା ବେଳେ, ସେପଟେ ଶ୍ରୀମନ୍ଦିର ର ସିଂହଦ୍ୱାର ରେ ଲୋକେ କାଉଁରିଆ ଜାଳି ଡାକୁଥିଲେ -"ହେ ବଡବଡୁଆ ! ଅନ୍ଧାର ରେ ଆସିଥିଲ ଆଲୁଅ ରେ ଯାଅ"। ଆଜି ଲକ୍ଷ୍ମୀନାରାୟଣଙ୍କ ମାଆ ପିଲାମାନଙ୍କ ଉପସ୍ଥିତିରେ ଚାଲିଗଲେ ପିତୃ-ମାତୃଲୋକ। ପ୍ରତିବର୍ଷ ଏହି ଦିନ ରେ ସେ ମନେପଡିବେ, କାରଣ ସେ ଆଲୁଅ ରେ ଗଲେ। ସ୍ୱର୍ଗୀୟ ମଲ୍ଲିକ ବିୟୋଗରେ ପ୍ରବାସୀ ଓଡ଼ିଆ ମହଲ ଶୋକ ସ୍ତବ୍ଧ ହୋଇପଡିଛି । ହେ ମାଆ!! ଆଶୀର୍ବାଦ କରୁଥାଅ।

## ବନ୍ଦ ହେବ କୋଲକାତା ଷ୍ଟକ୍ ଏକ୍ସଚେଞ୍ଜ!

ନୂଆଦିଲ୍ଲୀ, ୨୧।୧୦: ଦେଶର ଅନ୍ୟତମ ସର୍ବପୁରାତନ ତଥା ୧୧୭ ବର୍ଷ ପୁରୁଣା କଲିକତା ଷ୍ଟକ୍ ଏକ୍ସଚେଞ୍ଜ ସବୁଦିନ ପାଇଁ ବନ୍ଦ ହୋଇଯିବ। ଦଶନ୍ଧିରୁ ଅଧିକ ସମୟ ଧରି ଏହା ଆଇନଗତ ଓ ନିୟାମକ ଲଢ଼େଇ ଲଢୁଥିଲା। ଶେଷରେ ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏମିତିରେ ୨୦୧୩ ଏପ୍ରିଲରୁ ଷ୍ଟକ୍ ବଜାରରେ କାରବାର ବନ୍ଦ ହୋଇଯାଇଥିଲା। ତାହାକୁ ପୁନର୍ବାର ଖୋଲିବା ଲାଗି ହୋଇଥିବା ସବୁ ଉଦ୍ୟମ ବିଫଳ ହୋଇଥିଲା। କଲିକତା ଷ୍ଟକ୍ ଏକ୍ସଚେଞ୍ଜର ଅଧକ୍ଷ ଦୀପଙ୍କର ବୋଷ କହିଛନ୍ତି ଯେ ଚଳିତ ବର୍ଷ ଏପ୍ରିଲରେ ହୋଇଥିବା ବୈଠକରେ ଷ୍ଟକ୍ ବଜାର ବନ୍ଦ କରିବା ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାପରେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ସେବି ତରଫରୁ ଷ୍ଟକ୍ ବଜାରର ମୂଲ୍ୟାଙ୍କନ କରିବା ଲାଗି ଏକ ଏଜେନ୍ସି ନିଯୁକ୍ତ କରାଯାଇଥିବା ସେ କହିଛନ୍ତି। ୧୯୦୮ରେ କଲିକତା ଷ୍ଟକ୍ ଏକ୍ସଚେଞ୍ଜ ସ୍ଥାପନ କରାଯାଇଥିଲା। ଏକଦା ଏହାକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବିଚାର କରାଯାଉଥିଲା। ବହୁବର୍ଷ ପର୍ଯ୍ୟନ୍ତ ଆଧିପତ୍ୟ ବଜାୟ ରଖିଥିବା ଏହି ଷ୍ଟକ୍ ଏକ୍ସଚେଞ୍ଜର ପତନ ୧୨୦ କୋଟି ଟଙ୍କାର କେତନ ପାରେଖ ଦୁର୍ନୀତି ପରଠାରୁ ଆରମ୍ଭ ହୋଇଥିଲା।

# ପୂର୍ବଶତ୍ରୁତାକୁ ନେଇ ଦମ୍ପତିଙ୍କୁ ନିସ୍ତୁକ ମାଡ଼



**ବାଲିଆପାଳ,୨୧।୧୦ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଗୁନାପୁର ଛକରେ ରବିବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଏକ ଦମ୍ପତିଙ୍କୁ କିଛି ଲୋକ ଦଉଡ଼ିରେ ବାନ୍ଧି ପିଟାମାରା କରୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। କିଛି ଲୋକ ସେମାନଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ଭିଡ଼ିଓ ଉତ୍ତୋଳନ କରୁଥିବାର ମଧ ଦେଖିବାକୁ ମିଳିଛି। ତେବେ ଉଭୟ ଗୋଷ୍ଠୀ ଗୁନାପୁର ଗ୍ରାମର ଦୁଇ ପରିବାରର ବୋଲି ଜଣାଯାଇଛି। ଉଭୟ ପକ୍ଷରୁ ଏନେଇ ଥାନାରେ ଭିନ୍ନ ଭିନ୍ନ ଦୁଇଟି ଲିଖିତ ଅଭିଯୋଗ ହୋଇଥିବାର ସୂଚନା ମିଳିଛି।

ପୁଷ୍ପାରାଣୀ ଜେନା ଓ ଜୟନ୍ତ ଜେନା ଉଭୟ ସ୍ୱାମୀ ସ୍ତ୍ରୀ ନିଜ ଗାଁ ଗୁନାପୁର ଛକକୁ ମାର୍କେଟିଂ କରିବାକୁ ଆସିଥିବା ବେଳେ ସେହି ଗ୍ରାମର ମିଟୁ ପାତ୍ର, ଦେବା ପାତ୍ର, ପାକୁଆ ପାତ୍ର, ବଷ୍ଟି ପାତ୍ର ଯୋଜନ ଭାବରେ ସେମାନଙ୍କୁ ଆକ୍ରମଣ କରି ଦଉଡ଼ିରେ ବାନ୍ଧି ପକାଇ ପିଟାମାରା କରିବା ସହିତ ପୁଷ୍ପା ରାଣୀଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ପୁଷ୍ପାରାଣୀ ଜେନା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଅନ୍ୟପକ୍ଷରୁ ମଧ ଏନେଇ ଅଭିଯୋଗ ହୋଇଥିବାର ଜଣାଯାଇଛି।

# ସ୍କୁଲ ପାଚେରି ନିର୍ମାଣକୁ ନେଇ ଭିଜିଲାନ୍ସ ତଦନ୍ତ ଦାବି

**ଜଗତସିଂହପୁର,୨୧।୧୦ (ସଂଚାର ବ୍ୟୁରୋ):** ଜିଲ୍ଲାର ପୁରାତନ ବିଦ୍ୟାଳୟ ମଧ୍ୟରେ ଅନ୍ୟତମ ମଣିଚରଣ ଶାରଳା ଏକାଡେମୀ, ବହୁ ପ୍ରତିଭା ସୃଷ୍ଟି କରି ନିଜର ସ୍ୱତନ୍ତ୍ର ପରିଚୟ ପାଇଛି ଏହି ବିଦ୍ୟାଳୟ। ବର୍ତ୍ତମାନ ଏହି ବିଦ୍ୟାଳୟ ସାଜିଛି ଦୁର୍ନୀତିର ଚରାଭୂଇଁ, ଠିକାଦାର ଏବଂ ଯନ୍ତ୍ରୀଙ୍କ ମିଳିତ ସଂଯୋଜନାରେ ହେଉଛି ସରକାରୀ ଅର୍ଥ ଲୁଟ, ସରକାରୀ ଛୁଟି ଦିବସରେ ରାତି ଅନିଦ୍ରା ହୋଇ ର ୦ ରେ କାର୍ଯ୍ୟ ଶେଷ କରିଦେଲେ ଠିକାଦାର। ଠିକାଦାରଙ୍କ ଦୋଷ ଦୁର୍ବଳତା ଘୋଡ଼େଇବା ପାଇଁ ଧାଁ ଧପଡ଼ ହେଉଛନ୍ତି ଯନ୍ତ୍ରୀ ମହାଶୟ। ଏଭଳି ଏକ ଘୋଟାଲା ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ସ୍ଥିତ ମଣି ଚରଣ ଶାରଳା ଏକାଡେମୀରେ ଚାଲିଥିବା ପାଚେରୀ ନିର୍ମାଣ କାର୍ଯ୍ୟରେ।




ସୂଚନା ଅନୁଯାୟୀ ପୂର୍ବରୁ ନିର୍ମାଣ ଥିବା ପାଚେରିର ସୀମିତ ଜାଗାକୁ ସଂକୁଚିତ କରିବା ପାଇଁ ଜୈନିକ ଠିକାଦାର ମୋଟା ଅଙ୍କର ଅର୍ଥ ନେଇ ନୂତନ ପାଚେରୀ ନିର୍ମାଣ କରିଛନ୍ତି। ଏଥି ସହିତ ପୂର୍ବରୁ ଭଙ୍ଗାଯାଇଥିବା ଘର ଓ ପାଚେରୀର କିଛି ଅଂଶବିଶେଷକୁ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିବା ସହିତ ଅନେକ ସାମଗ୍ରୀକୁ ରାତାରାତି ବିକ୍ରି କରିଦେଇଥିବା ଶୁଣିବାକୁ ମିଳୁଛି। ଖାଲି ସେତିକି ନୁହେଁ ଠିକାଦାର ପୂର୍ବ ପାଚେରୀରେ ବ୍ୟବହାର ହୋଇଥିବା ପୁରୁଣା ଭଙ୍ଗା ଦଦରା ପୋଡାଇଟାକୁ ଯୋଡ଼ିବା ସହିତ ପ୍ଲିନ୍ଥର ଢ଼ଳେଇରେ ବଡ଼ ବଡ଼ ପଥରକୁ ଦେଇ ରାତି ଅଧିଆ କାମ ସାରିଦେଇଛନ୍ତି। ଠିକାଦାର ଓ ଯନ୍ତ୍ରୀଙ୍କ ଏହି ମଧୁଚନ୍ଦ୍ରିକା ହରିଲୁଟ କାର୍ଯ୍ୟ ଏବେ ଲୋକଲୋଚନକୁ ଆସିଯାଇଛି। ସିମେଣ୍ଟ ଓ ବାଲିର ଭାଗ ସଠିକ ଦିଆଯାଉନଥିବା ମଧ ଶୁଣିବାକୁ ମିଳୁଛି। ନନ୍ ଗ୍ରେଡ ସିମେଣ୍ଟ ଆଣି ଠିକାଦାର ରାତିର ଅନ୍ଧାରରେ କାମ ସାରି ଦେଇଛନ୍ତି। ହେଲେ ଠିକାଦାର ନିଜର ପାରିବା ପଣିଆ ଦେଖାଇକୁ ଯାଇଁ ଏବେ ହରଡ଼ ଘଣାରେ ପଡିଯାଇଛନ୍ତି।

ଏହି ଦୁର୍ନୀତି କାର୍ଯ୍ୟରେ ଠିକାଦାରଙ୍କୁ ସୁରକ୍ଷା ଦେବା ପାଇଁ କନିଷ୍ଠ ଯନ୍ତ୍ରୀ ବେହେରା ବାବୁ ଧାଁ ଧପଡ଼ ହେଉଥିବା ଶୁଣିବାକୁ ମିଳୁଛି। ଛୁଟି ଦିନରେ ଭଙ୍ଗାଦଦରା ପୋଡା ଇଟାରେ ନିର୍ମାଣ ହୋଇଥିବା ପାଚେରୀକୁ ରାତିଅଧିଆ ପ୍ଲାଷ୍ଟର କରିଦେଇଛନ୍ତି ଠିକାଦାର। ତେବେ ଦୁର୍ନୀତି ନିବାରଣ ବିଭଗ ଦ୍ୱାରା ଏହାର ତଦନ୍ତ ସହିତ ଠିକାଦାର ଏବଂ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବୀ ହେଉଛି।

# ମା' ଶ୍ୟାମାକାଳୀଙ୍କ ପୂଜା ପାଇଁ ଝଲସୁଛି ପୋଡ଼ଶୋଳ

## ଆକର୍ଷଣ ସାଜିଛି ସୀତା ସ୍ୱୟଂମ୍ବର, ଜମଦଣ୍ଡ ଓ ଗଙ୍ଗାମାତାଙ୍କ କୁଞ୍ଜ



**ନୀଳଗିରି,୨୧।୧୦ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ୍ ପୋଡ଼ାଶୁଳ ଠାରେ ଚାଲିଥିବା ମା' ଶ୍ୟାମାକାଳୀଙ୍କ ପୂଜା ୫୭ ବର୍ଷରେ ପଦାର୍ପଣ କରିଛି। ରଙ୍ଗୀନ ଆଲୋକ ମାଳାର ସାଜସଜ୍ଜା ଝଲସୁଛି ପୋଡାଶୁଳ। ଏକତା ଭାବ ଓ ବନ୍ଧୁବର୍ଗ ଙ୍କୁ ମନେ ପକାଇବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ପ୍ରଥମେ ପୂଜାକାର୍ଯ୍ୟ ପ୍ରାରମ୍ଭ କରିଥିଲେ। ପ୍ରଥମ ବର୍ଷ ଏହା ଘଟପୂଜାରୁ ଆରମ୍ଭ ହୋଇଥିଲା। ପରବର୍ଷ ସ୍ଥାନୀୟ ଜନତାଙ୍କ ସାହାଯ୍ୟରେ ମାତ୍ର ୧୦୦ ଟଙ୍କାରେ ପୂଜା କାର୍ଯ୍ୟ ସମାପିତ ହୋଇଥିଲା। ପରେ ଜଗନ୍ନାଥପୁର ଅଞ୍ଚଳର ଅନାଦି ଜେନା ପ୍ରାୟ ୪ ବର୍ଷ ଧରି ମା'ଙ୍କ ମୂର୍ତ୍ତି ତିଆରି କରିଥିଲେ। ତେବେ ସେଦିନ ଶହେ ଟଙ୍କାରୁ ଆରମ୍ଭ ହୋଇଥିବା ପୂଜା ଆଜି ପ୍ରାୟ ୧୨ ଲକ୍ଷ ଟଙ୍କାକୁ ଛୁଇଁଲାଣି। ଘଟପୂଜାରୁ ଆରମ୍ଭ ହେବା ପରେ ତାର ପରବର୍ତ୍ତୀ ଅବସ୍ଥାରେ ମା'ଙ୍କ ମୂର୍ତ୍ତି ନିର୍ମାଣ ହୋଇ ପୂଜା ସମାପନ ପରେ ବିସର୍ଜନ ଦିଆଯାଇ ଆସୁଥିଲା।

ତେବେ ଦୁଇ ବର୍ଷ ହେବ ବର୍ଷ ସ୍ୱତନ୍ତ୍ର ଏକ ମନ୍ଦିରରେ ମା' ଶ୍ୟାମାକାଳୀଙ୍କ ବିଗ୍ରହ ପ୍ରତିଷ୍ଠା ହୋଇ ପୂଜା ଅର୍ଚ୍ଚନା କରାଯାଉଛି। ଚଳିତବର୍ଷ ଏହି ପୂଜାର ମୁଖ୍ୟ ଆକର୍ଷଣ ବଜାର ରାସ୍ତାର ଉଭୟପାର୍ଶ୍ୱରେ ନିର୍ମିତ ହୋଇଥିବା ଏବର୍ଷର ସୀତା ସ୍ୱୟଂମ୍ବର, ଜମଦଣ୍ଡ ଓ ଗଙ୍ଗାମାତା କୁଞ୍ଜଗୁଡ଼ିକ ଦେଖିବାକୁ ଲୋକାରଣ୍ୟ ହୋଇପଡ଼ିଛି ପୋଡ଼ାଶୁଳ ଅଞ୍ଚଳ।

ମେଳା ଦେଖିବାକୁ ବାଲେଶ୍ୱର, ମୟୂରଭଞ୍ଜ ପ୍ରଭୃତି ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଲୋକଙ୍କ ସୁଅ ଛୁଟିଛି। ପୋଡ଼ାଶୁଳ କାଳୀପୂଜାର ଅନ୍ୟତମ ବିଶେଷତ୍ୱ ହେଲା ମିନାବଜାର, ଦୋଳି, କଣ୍ଢେଇ ନାଚ, ଭୁତ କୋଠି ସହିତ ୩୦୦ରୁ ଉର୍ଦ୍ଧ୍ୱ ଛୋଟବଡ଼ ବ୍ୟବସାୟୀମାନେ ବିକ୍ରିବଟା ପାଇଁ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଆସି ୧୨ଦିନ ପାଇଁ ଏଠାରେ ପସରା ମେଲାଇଥାନ୍ତି। ପୋଡ଼ାଶୁଳ କାଳିପୂଜାରେ ଦର୍ଶକଙ୍କ ଭିଡ଼, ଶାନ୍ତିଶୃଙ୍ଖଳା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହାର ସୁପରିଚାଳନା ପାଇଁ ପୋଡ଼ାଶୋଳ ବଜାର କମିଟି ଓ କାଳି ପୂଜା କମିଟି ମିଳିତଭାବେ କାର୍ଯ୍ୟ କରୁଛନ୍ତି।

# ଗ୍ରାମ୍ୟ ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**ବିଞ୍ଝାରପୁର,୨୧।୧୦ (ସଂଚାର ବ୍ୟୁରୋ):** ମୁନଫାଖୋର୍ ମନବୃତ୍ତିରେ କାର୍ଯ୍ୟ କରୁଛନ୍ତି ଠିକାଦାର। ଗ୍ରାମ୍ୟ ନିର୍ମାଣ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ କରି ଉପଖଣ୍ଡ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା।




ଅଭିଯୋଗ ଅନୁଯାୟୀ ଯାଜପୁର ଜିଲ୍ଲା ବିଞ୍ଝାରପୁର ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅନ୍ତର୍ଗତ ଗୁହାଳି ପଞ୍ଚାୟତର ଗୋବିନ୍ଦ ପୁର ଠାରୁ ନାଥ ସାହି ପର୍ଯ୍ୟନ୍ତ ଚାଲିଛି ନୂତନ ରାସ୍ତା ନିର୍ମାଣ ଏବଂ ପ୍ରଶସ୍ତି କରଣ କାର୍ଯ୍ୟ। ପାଖା ପାଖି ୮ କିମି ରାସ୍ତା ଉପରେ ଚାଲିଥିବା ଚାଲିଥିବା ଏହି ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଅଭିଯୋଗ ଅନୁଯାୟୀ କୋଟି କୋଟି ଟଙ୍କାର ରାସ୍ତା ନିର୍ମାଣ କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନଥିବା ବେଳେ ସୂଚନା ଫଳକ ଲଗାଯାଇ ନାହିଁ।ସୂଚନା ଫଳକ ନଲଗାଇ ଲୋକଙ୍କୁ ଅନ୍ଧାରରେ ରଖି ଠିକାଦାର କାମ କରୁଥିବା ଅଭିଯୋଗ ହୋଇଛି। ବ୍ୟବହୃତ ବାଲି, ସିମେଣ୍ଟ ଏବଂ ଗୋଡି ଭାଗ ମାପରେ ତାଳ ମେଳ ରହୁନଥିବା ମଧ ଅଭିଯୋଗ ହୋଇଛି। ବ୍ୟବହୃତ ସିମେଣ୍ଟ ଉଚିତ୍ ଗ୍ରେଡର ହୋଇନଥିବା ଅଭିଯୋଗ ଆଣି ରାସ୍ତାର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି ଗ୍ରାମବାସୀ। ନିର୍ମାଣଧିନ ରାସ୍ତାର ଦୈର୍ଘ୍ୟ ପ୍ରସ୍ଥରେ ମଧ ତାଳ ମେଳ ରହୁନଥିବା ଅଭିଯୋଗ ହୋଇଛି। ଏନେଇ ଠିକାଦାରଙ୍କୁ ପ୍ରଶ୍ନ କଲେ ଠିକାଦାର ବିଭିନ୍ନ ଧମକ ଚମକ୍ ଦେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଠିକାଦାର ଏବଂ ଯନ୍ତ୍ରୀଙ୍କ ଯୌଥ ଉଦ୍ୟୋଗରେ ଏଭଳି ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ତେବେ ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେବା ସହିତ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ସୁବୋଧ ଧଳ ଏବଂ ଅନ୍ୟମାନେ ଦାବି କରିଛନ୍ତି।

# ପି.ଆର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରକ୍ତଦାନ ଶିବିର



**ବୈଶିଙ୍ଗା,୨୧।୧୦ (ସଂଚାର ବ୍ୟୁରୋ):** ବୈଶିଙ୍ଗା ସ୍ଥିତ ପ୍ରୀୟାଂଶୀ ରାଧେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଦିନ ଏଗାରଟା ସମୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମୋଟ୍ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ବିଧାୟକ ସନାତନ ବିଜୁଳି ଓ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ସ୍ଥାନୀୟ ବାସିନ୍ଦା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

# ଜିଲ୍ଲା ପୁଲିସ ପକ୍ଷରୁ ୬୬ତମ ଶହୀଦ ସ୍ମୃତି ଦିବସ ପାଳିତ



**ସୁବର୍ଣ୍ଣପୁର,୨୧।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ରିଜର୍ଭ ପୁଲିସ ପଡିଆ ଠାରେ ୬୬ତମ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏଠାରେ ମୁଖ୍ୟ ଅତିଥି ଭାବରେ ଏସପି ନାରାୟଣ ନାୟକ ଯୋଗ ଦେଇ ଦେଶ ତଥା ବିଦେଶରେ ବିଭିନ୍ନ ଜରୁରୀକାଳୀନ ସମୟରେ ଶହୀଦ୍ ହୋଇଥିବା ଆମ ଜିଲ୍ଲା ତଥା ଦେଶର ପୋଲିସଙ୍କ ସ୍ମୃତି ଚାରଣ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ଯୋଗ ଦେଇ ଏସପିଙ୍କ ସହିତ ଉଭୟେ ଶହୀଦ୍ ପୋଲିସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ୨୦୦୯ ମସିହାରେ ସମ୍ବଲପୁର ଜିଲ୍ଲାରେ ସହିଦ ହୋଇଥିବା ଆମ ଜିଲ୍ଲାର ପୋଲିସ ଅଫିସର ନରସିଂହ ମହାକୁଡଙ୍କ ପତ୍ନୀଙ୍କୁ ଏବଂ କୋରାପୁଟରେ ସହିଦ ହୋଇଥିବା ଆମ ଜିଲ୍ଲା ପୋଲିସ ବିଭୀଷଣ ସାହୁଙ୍କ ପରିବାରକୁ ଆଜି ଏହି ଉତ୍ସବରେ ଜିଲ୍ଲାପାଳ ଓ ଏସପିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଏସପି କଣ୍ଡୋ ଧର ହରିପ୍ରସାଦ, ଡି ଏସ ପି ପି.କେ ରଣା, ଡି ଏସ ପି ରେଣୁକା ସୁନା, ଡି ଏସ ପି ରାଜେଶ୍ୱରୀ ଭୋଇ, ଡି ଏସ ପି ଭୋଜରାଜ ଶାହା, ଏସ ଡି ପି ଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ସୋନପୁର ଥାନା ଅଧିକାରୀ ତାପସ ଭୋଇଙ୍କ ସମେତ ସମସ୍ତ ଭାରପ୍ରାପ୍ତ ଥାନା ଅଧିକାରୀ ଯୋଗ ଦେଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

## ଦିବ୍ୟ ଉର୍ଯ୍ୟା ଯୋଗ ସେବା ସମିତିର ନିଆରା ଦୀପାବଳି ପାଳନ

# ବରିଷ୍ଠ ନାଗରିକଙ୍କ ମୁହଁରେ ହସ ଫୁଟାଇଲେ



**ସୁବର୍ଣ୍ଣପୁର,୨୧।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ବଡ଼ ଝିଙ୍କି ସ୍ଥିତ ମହିମା ବରିଷ୍ଠ ନାଗରିକ ଆଶ୍ରମରେ ଏକ ନିଆରା ଓ ନିରାଡମ୍ବର ଦୀପାବଳି ଉତ୍ସବ ପାଳିତ ହୋଇ ଯାଇଛି। ସଭାପତି ଗୋପାଳ ନେଗିଙ୍କ ପରାମର୍ଶ ତଥା ଉପଦେଷ୍ଟା ପ୍ରସନ୍ନ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଦିବ୍ୟ ଉର୍ଯ୍ୟା ଯୋଗ ସେବା ସମିତି, ମହିଳା ଯୋଗ ସମିତି ର ମିଳିତ ପ୍ରୟାସରେ ମହିମା ବରିଷ୍ଠ ନାଗରିକ (ଜରାଶ୍ରମ)ର ଅନ୍ତେବାସୀ ଙ୍କ ସହ ମିଠା, ଫଳ ଓ ସୁସ୍ୱାଦୁ ଖାଦ୍ୟ ଖାଇବା ସହ ଗୀତ ନାଚ କରି ଖୁବ ମଜା ନେଇଥିଲେ। ଦୀପାବଳି ଆଲୋକର ପର୍ବ ହୋଇ ଥିବାରୁ ଆଶ୍ରମ କ୍ୟାମ୍ପସରେ ପାରମ୍ପରିକ କେବଳ ଝିର୍ ଝିରି, କୁପି ଲଗାଯାଇଥିଲା ଓ ଗୀତିକାର ବିଶିଷ୍ଟ କଣ୍ଠଶିଳ୍ପୀ ପୁରନ୍ଦର ଠେଲାଙ୍କ 'ହାଏ କୃଷ୍ଣ ହାଏ କୃଷ୍ଣ ବୋଲି ଯାଉ ମୋର ଜୀବନ', 'କେରି କେରି ସୁନା ଦୁବ' ନୃତ୍ୟ ଓ ଗୀତର ତାଳେ ତାଳେ ନାଚି ନାଚି ବେଶ ମଜା ନେଇଥିଲେ ବୃଦ୍ଧ ବୃଦ୍ଧା। ଏହି କାର୍ଯ୍ୟକ୍ରମ ରେ ଯୋଗ ଗୁରୁ ମନୋଜ ପଣ୍ଡା, ସଂପାଦକ ଶ୍ରୀବନ୍ତ ମିଶ୍ରଙ୍କ ସହ ମାତା ଯୋଶବନ୍ତି ମିଶ୍ର, କାହ୍ନୁ ସାହୁ, ରୁଦ୍ରାକ୍ଷ୍ୟ ସାହୁ, ଉମାକାନ୍ତ ମେହେର, ଅନିତା ମେହେର, ପିଣ୍ଟୁ ରଥ, ଯୋଗୀ ଦେବ ରଞ୍ଜନ ତ୍ରିପାଠୀ, ଶିବ ଶଙ୍କର ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ୍ ଥିଲେ । ସମାଜ ସେବୀ ରବିନ୍ଦ୍ର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଭିନ୍ନକ୍ଷମ ସାରାବତୀ କହଁରଙ୍କୁ ମିଳୁନି ଭତ୍ତା

**ଫିରିଙ୍ଗିଆ,୨୧।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାହିରାଜୁ ପଞ୍ଚାୟତ ତିଲକାପାଙ୍ଗା ଗ୍ରାମର ଭିନ୍ନକ୍ଷମ ସାରାବତୀ କହଁର ଜନ୍ମରୁ ଭିନ୍ନକ୍ଷମ ହୋଇଥିବାରୁ ପରିବାରର ଏକମାତ୍ର ରୋଜଗାର ଝିଅ । ବର୍ତ୍ତମାନ ଆଠ ଜଣ ସଦସ୍ୟ ଚଳିବା କଷ୍ଟକର ବୋଲି କହିଛନ୍ତି। ଅନ୍ୟପଟେ ସରକାର ଭିନ୍ନକ୍ଷମଙ୍କ ପରିବାରକୁ ଭତ୍ତା ଓ ଷ୍ଟ୍ରାଇ ସାଇକେଲ ଯୋଗାଇ ଦେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି ସାରାତୀ କହଁର।



ଭତ୍ତା ପାଇବା ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି ସାନଭଉଣୀ ଚମ୍ପା କହଁର। ପରିବାର କହିଲେ ଆଠ ଜଣ ସଦସ୍ୟବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। କାମ ଧାମ ନ ମିଳୁଥିବାରୁ ଦୁଃଖରେ ଦିନ କାଟୁଥିବା ବେଳେ ବର୍ତ୍ତମାନ ସାରାବତି କହଁର ଭିନ୍ନକ୍ଷମ ହୋଇଥିବାରୁ ଚାଲି କି ଯିବା କଷ୍ଟକର ହେଉଛି । ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ ସାରାବତି କହଁରଙ୍କୁ ଭିନ୍ନକ୍ଷମ ଭତ୍ତା ସହ ଷ୍ଟ୍ରାଇ ସାଇକେଲ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି ସାନ ଭଉଣୀ ଚମ୍ପା କହଁର।

# ଡ଼. ବିଜୟ କୁମାର ଦେଙ୍କ ଇଂରାଜୀ ପୁସ୍ତକ ଉନ୍ମୋଚିତ

**ବାଲିଆପାଳ,୨୧।୧୦ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ଆୟୋଜିତ ମାସିକ ବୈଠକରେ ପ୍ରାକ୍ତନ ଅଧକ୍ଷ ଡ଼. ବିଜୟ କୁମାର ଦେଙ୍କ ଲିଖିତ ଇଂରାଜୀ ପୁସ୍ତକ ଉନ୍ମୋଚନ ହୋଇଯାଇଛି। ବଡ଼ ସିମୁଳିଆ ସ୍ଥିତ ବରିଷ୍ଠ ନାଗରିକ କାର୍ଯ୍ୟାଳୟ ପରିସରରେ ମଞ୍ଚର ଉପସଭାପତି ପୂର୍ଣ୍ଣ ଚନ୍ଦ୍ର ରାଜଙ୍କ ପୌରହିତ୍ୟରେ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସୁସାହିତ୍ୟକ ବିପିନ ବିହାରୀ ବିଶ୍ୱାଳ ଯୋଗଦେଇ ଥିଲେ। ଶ୍ରୀ ଦେଙ୍କ ଲିଖିତ ପୁସ୍ତକ ବଶିଷ୍ଠ କବି ବ୍ରଜେନ୍ଦ୍ର ନାଥ ଗିରି ଏବଂ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ବେଳେ ଶିକ୍ଷାବିତ ଚିତ୍ତରଞ୍ଜନ ଦାସ ସମିକ୍ଷା



କରିଥିଲେ। ବରିଷ୍ଠ ସାମ୍ବାଦିକ ସନ୍ୟାସୀ ବେହେରା ବେଦପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଡ଼.ବଙ୍କିମ ଚନ୍ଦ୍ର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପାଜୀଖମନ ଗାଁରେ ହାତୀ ଉପଦ୍ରବ

● ଘର ଭାଙ୍ଗି ଧାନ, ଚାଉଳ, ମାଣ୍ଡିଆ ନଷ୍ଟ କଲେ, ଚିନ୍ତାରେ ଅନାଥ ୩ ଶିଶୁ

**ଲାଞ୍ଜିଗଡ଼,୨୧।୧୦ (ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳର ମୂଷାନାଳ ସେକ୍ସନ୍ ବନବିଭାଗ ଅଧୀନରେ ଥିବା କାନକୃଟୁ ପଞ୍ଚାୟତ ଅନ୍ତଗତ ପାଜୀଖମନ ଗାଁରେ ଘର ଭାଙ୍ଗିବା ସହିତ ଘରେ ଥିବା ଧାନ,ଚାଉଳ,ଖାଦ୍ୟ ଶସ୍ୟ ଖାଇବା ସମେତ ସମସ୍ତ ଆସବାବ ପତ୍ର ନଷ୍ଟ କରିବା ସହିତ ଚାଷଜମିରେ ମଧ ଦଳିଚକଟି କରି ଫସଲ ନଷ୍ଟ କରିଦେଇଛନ୍ତି। କାନକୃଟୁ ପଞ୍ଚାୟତ ଅନ୍ତର୍ଗତ ପାଜୀଖମନ ଗାଁରେ ଦୀର୍ଘ ତିନି ବର୍ଷ ହେଲା ବାପା ନାର୍ଣ୍ଣ ମାଝୀ ମୃତ୍ୟୁବରଣ କରିଥିବା ବେଳେ ମା' ଗତ କିଛିମାସ ପୂର୍ବେ ଆରପାରିକୁ ଚାଲିଯାଇଥିଲେ। ବାପା ଚାଲିଗଲା ପରେ ୩ ଶିଶୁ ଘରେ ରହୁଥିଲେ। ବଡ଼ ଝିଅ କ୍ରିଷ୍ଣା ମାଝୀ (୧୫) ସାନ ଝିଅ ରୋମା ମାଝୀ (୭)ଏବଂ ସାନ ପୁଅ କିରନ ମାଝୀ । ତିନିଜଣ ଏକୁଟିଆ ଘରେ ରହୁଥିବା ବେଳେ ବଡ଼ଝିଅ କ୍ରିଷ୍ଣା କୁଲିକରି ଭାଇ ଭଉଣୀ ମାନଙ୍କୁ ପ୍ରତିପୋଷଣ କରୁଛି।



ବିଳମ୍ବିତ ରାତିରେ ୩ ଶିଶୁ ଶୋଇଥିବା ବେଳେ ୫ ଟିକିଆ ହାତୀପଲ ଘର ନିକଟରେ ଆସି ଭୀଷଣ ଗର୍ଜନ କରି ଘର ଭାଙ୍ଗିଥିଲେ। ହାତୀ ଗର୍ଜନ ଶୁଣି ଅନ୍ୟ ଦ୍ୱାରଦେଇ ପ୍ରାଣ ବିକଳରେ କ୍ରିଷ୍ଣା ଭାଇ ଭଉଣୀକୁ ଧରି ପଡୋଶୀ ଘରକୁ ଯିବାରେ ସଫଳ ହୋଇ ଥିଲେ ହେଲେ ସକାଳୁ ଘରକୁ ଆସି ଦେଖିବା ବେଳକୁ ହାତୀ ଘର ଭାଙ୍ଗିବା ସହିତ ଧାନ, ଚାଉଳ ସମେତ ଆସବାପତ୍ର ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥିଲେ। ବର୍ତ୍ତମାନ ତିନି ନାବାଳକ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଖବର ପାଇ ମୂଷାନାଳ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତିର ଆକଳନ କରିଥିବା ସୂଚନା ମିଳିଛି। ତେବେ ତିନି ଶିଶୁଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ସହିତ ଜରୁରୀକାଳୀନ ପରିସ୍ଥିତିରେ ଘର ଖଣ୍ଡେ ଯୋଗାଇ ଦେବାକୁ ସାଧାରଣ ଦାବି ହେଉଛି।

# ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା କଲା ସ୍ୱାମୀ

**କଳିଙ୍ଗନଗର,୨୧।୧୦ (ସଂଚାର ବ୍ୟୁରୋ):** ଯଖପୁରା ଥାନା ଅଞ୍ଚଳ ରାବଣା ଛକ ନିକଟରେ ଥିବା ଯଖପୁରା ଅଞ୍ଚଳର ଜନୈକ ଲୋକର ଏକ ଇଟା ଭାଟିରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ଏକ ଅଭାବନୀୟ ଘଟଣା,ପାରିବାରିକ କଳହରୁ ଅତ୍ୟଧିକ ମଦ୍ୟପାନ କରି ନିଜ ସ୍ତ୍ରୀକୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଛି ସ୍ୱାମୀ। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ



ଜଣାପଡ଼ି ନାହିଁ, ପୁଲିସ ତଦନ୍ତ ପରେ ସବୁକିଛି ଜଣାପଡିବ ବୋଲି ପୁଲିସ କହିଛି।

ପାଖ ଲୋକଙ୍କ କହିବା ଅନୁଯାୟୀ ଗତକାଲି ଦୀପାବଳି ପର୍ବ ଥିଲା, ଝାଡ଼ଖଣ୍ଡ ଅଞ୍ଚଳର ଯୁବକ ସୁନାରାମ ସୋରେନ ନିଜ ସ୍ତ୍ରୀ କର୍ପୁର ସୋରେନ ଓ ଗୋଟିଏ ୭ ବର୍ଷର ଝିଅ ଶୁଭ ସୋରେନକୁ ଧରି ସେଠାରେ ରହି ଇଟା ଭାଟିରେ କାମ କରନ୍ତି ,ଗତକାଲି ଦୀପାବଳି ପର୍ବ ଥିବାରୁ ପରିବାର ଲୋକେ ଓ ପଡ଼ୋଶୀ ଲୋକେ ଭୋଜିଭାତ କରି ଖିଆ ପିଆ କରିଥିଲେ,ଏଥିରେ ସୁନାରାମ ପ୍ରଚୁର ମଦ ପିଇଥିଲା, ପରେ ପରିବାର କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା, ଏଥିରେ ସୁନାରାମ ଉତ୍ୟକ୍ତ ହୋଇ ପାଖରେ ଥିବା ଏକ ଟାଙ୍ଗିଆରେ ସ୍ତ୍ରୀକୁ ହାଣି ପକାଇଥିଲା ଯାହାଫଳରେ ସେହିଠାରେ ତାର ମୃତ୍ୟୁ ଘଟିଥିଲା, ତଥାପି ସୁନାରାମର ରାଗ ଶାନ୍ତ ହୋଇ ନ ଥିଲା ପାଖରେ ସୋଇଥିବା ଝିଅକୁ ମଧ ହାଣି ପକାଇ ଥିଲା ଚିତ୍କାର ଶୁଣି ପାଖ ଲୋକେ ଦୌଡ଼ି ଆସି ପହଁଞ୍ଚି ଯିବାରୁ ସୁନାରାମ ଘଟଣା ସ୍ଥଳରୁ କେଉଁଆଡେ ଫେରାର ହୋଇଯାଇଥିଲା।

# ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ, ଜଣେ ଗିରଫ



**ବେତନଟୀ,୨୧।୧୦ (ସଂଚାର ବ୍ୟୁରୋ):** ବେତନଟୀ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ମାଟି ତଳୁ ବିପୁଳ ପରିମାଣରେ ବିଦେଶୀ ନକଲି ମଦ ଜବତ ସମେତ ଜଣକୁ ଗିରଫ କରିଛି। ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କଅଁରଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ କୁମାର ବେହେରା ଓ ବାରିପଦା ମୋବାଇଲ ୟୁନିଟ ମିଳିତ ଭାବେ ଚଢ଼ାଉ କରି ହାତୀଝୁରି ଅଞ୍ଚଳରେ ଜଣକ ଘରେ ମାଟି ତଳୁ ବିପୁଳ ପରିମାଣରେ ବୋତଲ ସିଲ ଥିବା ବିଦେଶୀ ନକଲି ମଦ ଜବତ କରିବା ସହିତ ଜଣକୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ହାତୀଝୁରି ଅଞ୍ଚଳର ପଦ୍ମଲୋଚନ ସିଂଙ୍କ ପୁଅ ଧନଞ୍ଜୟ ସିଂ। ତାଙ୍କର ଏକ ହୋଟେଲ ମଧ ରହିଛି। ତାଙ୍କ ଘରୁ ଚଢ଼ାଉ ବେଳେ ମାଟି ତଳୁ ୭୫୦ ଏମଏଲ ର ନକଲି ବିଦେଶୀ ମଦ ଥିବା ୫୪ଟି ସିଲ ବୋତଲ ଓ ୨୦୦ ରୁ ଉର୍ଦ୍ଧ ଖାଲି ମଦ ବୋତଲ, ଓ ୬ଲିଟର ସ୍ପିରିଟ ଜବତ କରିଛି। ଏହି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିବା ସହ ଏସବୁ ନକଲି ବିଦେଶୀ ମଦ କେଉଁଠି ପ୍ରସ୍ତୁତି ହେଉଛି ଓ ଏହାର ଚୋରା ଚାଲାଣ ପଛରେ ମୁଖ୍ୟ ଅଭିଯୁକ୍ତ କିଏ ସେ ଦିଗରେ ବେତନଟୀ ଅବକାରୀ ବିଭାଗ ତଦନ୍ତ ଆରମ୍ଭ କରିଛି।

# ଗାଁ ଦିବସ ପାଳିତ



**ଯାଜପୁର,୨୧।୧୦ (ସଂଚାର ବ୍ୟୁରୋ):** ଯାଜପୁର ବ୍ଲକ ଓ ଦଶରଥପୁର ବ୍ଲକରେ ଦୀପାବଳିରେ ଗାଁ ଦିବସ ପାଳନ କରାଯାଇଛି। ଗାଁ ଦିବସର ଯାଜପୁର ଜିଲ୍ଲା ସଂଯୋଜକ ଡ଼କ୍ଟର କୈଳାଶ ବେହେରାଙ୍କ ନେତୃତ୍ୱରେ ଗାଁ ଦିବସ ଯାଜପୁର ବ୍ଲକ ଅନ୍ତର୍ଗତ ଆନ୍ଦୋଳା ସ୍ଥିତ ନାଗେଶ୍ୱର ମନ୍ଦିର ପରିସରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ କଳାକାର, ସାହିତ୍ୟିକ, ବୁଦ୍ଧିଜୀବୀମାନେ ଏକାଠି ହୋଇ ଗାଁ ଦିବସ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଡ଼ଭୋକେଟ ହରିହର ସ୍ୱାଇଁ ଯୋଗଦେଇ ସମସ୍ତଙ୍କୁ ମାନପତ୍ର ପ୍ରଦାନ କରିଛନ୍ତ। ଭାଇଚାରା ବାର୍ତ୍ତା ସହ ଦୀପାବଳିରେ ପ୍ରଥମ ଥର ଓଡ଼ିଶା ପାଳିବ ଗାଁ ଦିବସ -୨୧ରୁ ୨୩ ଅକ୍ଟୋବର ପର୍ଯ୍ୟନ୍ତ ପାଳନ ହେବ।

ଭାଇଚାରାର ବାର୍ତ୍ତା ନେଇ ଦୀପାବଳିରେ ଗାଁ ଦିବସ ପାଳିବାକୁ ଓଡ଼ିଶାର ଗାଁକୁ ଯାଉଛି ରାଜ୍ୟର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ- କଳାକ୍ଷେତ୍ର। ଏନେଇ ଶନିବାର ଅପରାହ୍ନରେ ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗାଁ ଦିବସ ଅଭିଯାନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି କଳାକ୍ଷେତ୍ର ପ୍ରତିଷ୍ଠାତା ତଥା ଆବାହକ ବାସୁଦେବ ମାଳବିଶୋଇ। ଶ୍ରୀ ମାଳବିଶୋଇ କହିଛନ୍ତି, ଆଜି ସମସ୍ତେ ଗାଁ ଛାଡି ସହର ମୁହାଁ କିନ୍ତୁ ମହାତ୍ମାଗାନ୍ଧୀଙ୍କ ଦୃଷ୍ଟିରେ ଆଜି ବି ଭାରତର ଆତ୍ମ ଗାଁରେ ବଂଚିଛି। ସେଥିପାଇଁ ତ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗାଁକୁ ଫୋକସ କରିଛନ୍ତି। ଆଜି ସବୁ କାର୍ଯ୍ୟ ଗାଁରୁ ଆରମ୍ଭ ହେଉଛି। ଏହିଭଳି ସମୟରେ କଳାକ୍ଷେତ୍ର ନିଷ୍ପତ୍ତି ନେଇଛି ଗାଁର ମହକ, ଗାଁର ସୁରକ୍ଷା ତାର ସଂସ୍କୃତି, ଭାଇଚାରା, ଏକତା, ଅଖଣ୍ଡତାକୁ ବଜାଇ ରଖିବା ଏବଂ ପୁଣିଥରେ ସମସ୍ତଙ୍କୁ ଏହି କଥା ମନେପକାଇ ଦେବା ଲାଗି କଳାକ୍ଷେତ୍ରର ଏହି ପ୍ରୟାସ। ୨୦୨୧ ମସିହାରୁ ଗାଁ ଦିବସ ନାଁରେ କଳାକ୍ଷେତ୍ର ଏହି ଅଭିଯାନ ଚଳାଇ ଆସିଥିଲା ବେଳେ ପ୍ରଥମ କରି ଚଳିତ ବର୍ଷ ଦିବସ ପାଳିବାକୁ ନିଷ୍ପତ୍ତି ନେଇଛି। ୨୧ରୁ ୨୩ ଅକ୍ଟୋବର ପର୍ଯ୍ୟନ୍ତ ୩ ଦିନ ଧରି ସାରା ଓଡ଼ିଶାରେ ପାଳନ ହେବ। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିଠୁ ନେଇ ଗ୍ରାମ୍ୟ ଜୀବନ ବିଷୟରେ ଅନେକ କାର୍ଯ୍ୟକ୍ରମ ହେବ। ଯେଉଁଥିରେ ସରକାର, ପ୍ରଶାସନଠୁ ନେଇ ସାଧାରଣ ଲୋକ, କଳାକାର, ସାହିତ୍ୟିକ, ସଂସ୍କୃତି ପ୍ରେମୀ ଯୋଗଦେବେ ବୋଲି ଶ୍ରୀ ମାଳବିଶୋଇ କହିଛନ୍ତି।



## ଆଲୋକର ପର୍ବ ଦୀପାବଳି

**ବାସନ୍ତୀ ଲତା ଜେନା**

ବରଷକେ ଥରେ ଦୀପାବଳି ଆସେ
ଖୁସିର ପସରା ନେଇ
ଆଲୋକର ପର୍ବ ଶୁଭ ଦୀପାବଳି
ଖୁସି ମନାଇବା ଭାଇ ।୧।
ଦାଣ୍ଡ ଦୁଆରରେ ରଙ୍ଗୋଲି କରିବା
ପୂର୍ଣ୍ଣ କୁମ୍ଭ ବସାଇବା
ଆସ କୁନା ମୁନା ରୁନି ଝୁନି ଟୁନି
ଦୀପାଳି ସଜାଇ ଦେବା ।୨।
ଦୀପରେ ସଳିତା ତେଲ ଭରି ଦେବା
ଧାଡି ଧାଡି ଜଳାଇବା
ଲିଚୁମାଳା ଯେତେ ସାଇତି ରଖିଛି
ଯତନରେ ଖଞ୍ଜି ଦେବା ।୩।
ଦୀପାବଳି ଦିନ ବ୍ରାହ୍ମଣ ଡକାଇ
ପିଣ୍ଡଦାନ ଦେଇ ଥାନ୍ତି
କାଉଁରିଆ କାଠି ଦକ୍ଷିଣେ ଜାଳନ୍ତି
ବଡ଼ ବଡୁଆ ଡାକନ୍ତି ।୪।
ତ୍ରେତୟା ଯୁଗରେ ରାବଣକୁ ମାରି
ରାମ ଅଯୋଧା ଫେରିଲେ
ତାଙ୍କରି ସ୍ୱାଗତେ ସାରା ଅଯୋଧାକୁ
ଦୀପରେ ସଜାଇ ଥିଲେ ।୫।
ମାଟିର ଦୀପାଳି ପ୍ରଜ୍ୱଳିତ ହେଲା
ହଟିଲା ତମସା ରାତି
ଆସିଛି ଏ ପର୍ବ ନୂଆ ଆଶା ନେଇ
ଦୂର ହେବ ମନୁ ଭୀତି ।୬।
ପାର୍ବତୀ ଅଂଶରୁ ସୃଷ୍ଟି ହେଲ ମାତା
ମହାକାଳୀ ରୂପ ନେଇ
ଅସୁର ବଦ୍ଧିଣ ଧର୍ମର ସ୍ଥାପନା
ହେଲା ମାତା ତୁମ ପାଇଁ ।୭।
ଆଜିର ଦିନରେ କାଳୀ ପୂଜା ହୁଏ
ମଣ୍ଡପରେ ସାଜସଜା
ମାତା ଭଦ୍ରାକାଳୀ ପୂଜା କରିଥାନ୍ତି
. ଉଡ଼ଇ ବିଜୟ ଧ୍ୱଜା ।୮।
ଅଧର୍ମ ଉପରେ ଧର୍ମର ବିଜୟ
ତୁମ ପାଇଁ ହୋଇ ଥିଲା
ଅନ୍ୟାୟ ଉପରେ ନ୍ୟାୟର ପତାକା
ଯଶ କୀର୍ତ୍ତି ରହି ଗଲା ।୯।
ସନ୍ଧ୍ୟା କାଳେ ମାତା ଲକ୍ଷ୍ମୀଙ୍କୁ ପୁଜନ୍ତି
ପିଠାପଣା କରି ଥାନ୍ତି
ନିଜେ ଖାଇ ଥାନ୍ତି ପଡିଶା ବାଣ୍ଟନ୍ତି
ପରମ୍ପରା ପାଳିଥାନ୍ତି ।୧୦।
ସ୍ନେହ ମୈତ୍ରୀ ପ୍ରୀତି ଏ ପର୍ବ ଅଟଇ
ସହଯୋଗ ସଦ୍ଭାବନା
ମିଳି ମିଶି ସର୍ବେ ପର୍ବ ପାଳି ଥାନ୍ତି
କାହାକୁ ନ ହୁଏ ମନା ।୧୧।

ଗାନ୍ଧିନଗର, ନବରଙ୍ଗପୁର



## ଥରେ ତ ଆସ ଦେବୀ

**ଡ. ଶୁଭେନ୍ଦୁ ମେହେର**

ତୋ' ଆସିବାର ସମୟ ହୋଇଗଲା
ଏଥର ତୁ ଆସ୍ ଦେବୀ !

ସେ' ସହରୀ ଧୂଆଁ ଆଉ ନିଆଁର
ଇଲାକାରେ
କେତେଦିନ ରହିବୁ ଯେ,

ଥରେ ତ ଗାଁ'କୁ ଆ.....!
ତୁ' ଏଠିକୁ ଆସିଲେ....
ପାହାଡ଼ ଡ଼ଙ୍ଗର ଭିତରେ ବୁଲିବୁ
ସାଗୁଆ ମିସ୍‌ମିସ୍ ଗଛଲତା
କେମିତି ନିଜନିଜ ସମ୍ପର୍କରେ
ଛନ୍ଦାଛନ୍ଦି ହୋଇ
ଏକତାର ପରିଚୟ ଦିଅନ୍ତି ଦେଖିବୁ,
ଅଭାବ ଭିତରେ ଭାବ ମାପିବୁ,
ଅନ୍ତତଃ ଥରେ ତ' ଆସ୍ ଦେବୀ ।

ସଭିଏଁ କୁହନ୍ତି
ତୁ' କୁଆଡ଼େ ସୁଖର ଦେବୀ..... ?
ଧନ ଐଶ୍ୱର୍ଯ୍ୟ ମାଗିବିନି
ସତରେ ଦେବୀ
ଅସରନ୍ତି ଛାତିରେ ମୋ'ର
ଆକାଶେ ଦୃଢ଼ତା,
ଏଠି ତ ଡହଡହ ଖରାରେ ବି
ମଧୁରତା ଆଉ ଶୀତଳତା।

ଆମକୁ ଆଉ କ'ଣ ଲୋଡ଼ା ଯେ,
ଆମେ ଗାଉଁଲି ଲୋକ
ଆମ ହୃଦୟ ଖୋଲା
ଆଉ ଦୁଆର ମେଲା,
ମୁଠେ ଖାଇବୁ ଆଉ ଖଣ୍ଡେ ପିନ୍ଧିବୁ
ବାସ ଆଉ କିଛିନାଇଁ !

ଗାଧେଇବାକୁ ଗଲେ ଭୟ କରିବୁନି
ଗଙ୍ଗା କି' ଗୋଦାବରୀ ନଥିଲେ ବି
ପାହାଡ଼ି ଝରଣାର ଝର୍‌ଝର୍ ପାଣିରେ
ଦେହ ପଖାଳିବୁ
ଝରଣାର ଚିକନ୍ ପଥରରେ
ଗୋଡ଼ ଘଷିବୁ।
ଆମ ବାଡ଼ିର ଦେଶୀ ହଳଦୀ
ଦେହରେ ଲଗେଇ
ହଳଦୀ ଜରଜର ଦିଶିବୁ।
ଲାଲ ଗୁଲୁଗୁଲୁ ଝାର୍‌ଫଳ ଖାଇବୁ
ଅନ୍ଧାର ହେଲେ......
ପକ୍ଷୀଙ୍କ କିଚିରି ମିଚିରି ଶୁଣିବୁ
ଆମ ଡ଼ଙ୍ଗରି କୁଡ଼ିଆରେ
ନିଃଶ୍ୱାସ ମାରିବୁ,
ଘରଭିତରୁ......
ରାତିରେ ଜହ୍ନ ଆଉ,
ଦିନରେ ଜହ୍ନିଫୁଲ ଦେଖିବୁ !
କୁକ୍‌ରା ଡାକିଲେ ବିଛଣା ଛାଡ଼ିବୁ
ମାଣ୍ଡିଆଯାଉ, ତୁଳସୀକଣ୍ଠା,
ଢ଼ିଙ୍କି ଚାଉଳର ଭାତ,
ଝଲକା ଚାଉଳର ଲକ୍ଷ୍ମୀଡାଲି ଖାଇବୁ ।

ବେଳ ଡୁବିଲେ
ମୋ' ଦେହର ଧାପେ ରକ୍ତରେ
ଦୀପ ଟିଏ ଜାଳିଦେବି
ତା'ର ମିଞ୍ଜି ମିଞ୍ଜି ଆଲୁଅରେ
ତୋ'ର ହଳଦୀ ଲଗା ମୁହଁ
ଘରବାହୁଡ଼ା ସୂର୍ଯ୍ୟପରି
ଲାଲ ଟହଟହ ଦିଶିବ,
ତୋ'ର ମଥା ସିନ୍ଦୂର
ଆହୁରି ଦିକଦିକ ଜଳିବ।
ଏଥରକ
ତୁ' ଆସିବୁ ତ' ଦେବୀ ।।

ଯଲୋଏ, ସୁବର୍ଣ୍ଣପୁର
ମୋବାଇଲ୍: ୯୯୩୮୪୩୩୬୬୪



## ଚିଠି ମୋର ଟିକି ଉଡନ୍ତା ଚଢ଼େଇ

**ପୁଷ୍ପଲତା ମିଶ୍ର**

ବହୁତ ଆଗରୁ ଚିଠି ଦେଇଥିଲି
ପାଇଲ କି ନାହିଁ କୁହ,
କଥା କହି ତୁମେ ମନ ମୋହୁଥିଲ
ଥରେ ଦିନେ ଆସି ଯାଅ ।।
ଅନେକ କଥାକୁ ମନରେ ରଖିଛି
କହି ମୁହିଁ ପାରୁ ନାହିଁ ,
ବାରମ୍ବାର ଚିଠି ଲେଖି ମୁଁ ଚିରୁଛି
ଲେଖା ମୋର ସରୁ ନାହିଁ ।।
ଚିଠି ପାଇ ତୁମେ ମଉନ ରହୁଛ
ଦେଉ ନାହିଁ କିଛି ବାର୍ତ୍ତା,
ଅପେକ୍ଷା ରେ ବସି ଦିନ ଯାଏ ସରି
ପାଏ ନାହିଁ କିଛି ସର୍ତ୍ତା ।।
ଶୀତ ସକାଳ ର ଘନ କୁହୁଡି ରେ
ଦେଖା ହୁଅ ରାସ୍ତାଘାଟେ,
ଫେରନ୍ତା ଚିଠି କୁ ଚାହିଁ ମୁଁ ରହିଛି
ଉତ୍ତର କି ଦେବ ସତେ ।।
ଚିଠିରେ ଲେଖିଲି ଅନେକ କଥା କୁ
ଚିଠି ଟାକୁ ଚିରି ଦେଲ,
କେମିତି ଜାଣିବି କାହାଠୁ ବୁଝିବି
ପାଉନ କି ମତେ ଭଲ ।।
ଚିଠି ମୋର ଟିକି ଉଡନ୍ତା ଚଢ଼େଇ
ଦେଲି ତାକୁ ମୁଁ ଉଡ଼େଇ,
ଆକାଶ ରାଇଜେ ଚିଠି ଉଡିଗଲା
ରହିଛି ମୁଁ ଚାହିଁ ଚାହିଁ ।।



## ଦୀପଟିଏ ମୋତେ କର ମହାପ୍ରଭୁ

**ଡଃ ତାନଶ୍ରୀ ପାଣିଗ୍ରାହୀ**

ଦୀପଟିଏ ମୋତେ କର ମହାପ୍ରଭୁ
ଜଳୁଥିବି ସବୁଦିନ
ଅଜ୍ଞାନ ଅନ୍ଧାର କରିବି ମୁଁ ଦୂର
ଜୀବନ ହୋଇବ ଧନ୍ୟ...

ତୁମ କୃପା ଥିଲେ ମୋ ଉପରେ ତିଳେ
ସ୍ଥାନ ପାଇବି ମନ୍ଦିରେ
ଭକତଙ୍କ ପାଇଁ ଶୁଭ ମନାସିବି
ଜଳିବି ତୁମ ଦୁଆରେ...

ଭକତିର ଘୃତ ଶ୍ରଦ୍ଧାର ସଳିତା
ଦେଇ ସଦା ଜଳୁଥିବି
ସତ୍ୟ ପଥେ ମୋତେ ନେଇ ଯିବ ସଦା
ତୁମ ନାମ ଗାଉଥିବି...

ଜଳି ଜଳି ସଦା ଦେବି ମୁଁ ଆଲୋକ
ସାଜିବି ମଙ୍ଗଳ ଦୀପ
ଜଗତ କଲ୍ୟାଣ ପାଇଁ ମୋର ଜନ୍ମ
ଧୋଇଯାଉ ସବୁ ପାପ...

ଜଳି ଜଳି ମୁଁ ଯେ ଲିଭି ଯିବି ଦିନେ
ସରିବ ମୋର ଆୟୁଷ
ସଭିଙ୍କ ସେବାରେ ସମର୍ପି ନିଜକୁ
ମେଣ୍ଟିଯିବ ଅବସୋସ ।।

ବାଲେଶ୍ୱର
ମୋ -୯୩୩୭୩୦୪୨୯୫



## ଦୀପାବଳି

**ସ୍ୱାଗତିକା ସାହୁ**

ଦେଖ ଝଲସୁଛି ଉଜ୍ଜ୍ୱଳ ସମିଆନାରେ
ଶୁଭ୍ର ରହସ୍ୟର ଅନନ୍ତିମା....!
ଦୀପର ସୌରଭ ଆଲୋକ ଉତ୍ସବ
ଅଫୁରନ୍ତ,ଅନ୍ତହୀନ ସହସ୍ର ମାଳ ମାଳ ବିଚି ଆଲୋକ
କେତେ ଦିବ୍ୟ ତାର ଆଗମନ....
ସତେ ଧାରାର ଅମୃତ ସ୍ରୋତ...!
ଜୀବନ ଫଲଗୁର ଆଲୋକିତ ପ୍ରାଣବାୟୁ
ନିଆରା ହିନ୍ଦୁ ପରମ୍ପରା ଏ ଦୀପାବଳି ପର୍ବ
କାର୍ତ୍ତିକ ଅମାବାସ୍ୟାର ଯୁଗେ ଯୁଗେ ପାଳିତ
ରଙ୍ଗ ବେରଙ୍ଗର ସନ୍ତର୍ପିତ ଧରା....
ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ
କହେ କିମ୍ବଦନ୍ତି ମିଠା ଇତିହାସ....
ରାବଣଙ୍କୁ ସଂହରି ଅଯୋଧା ପ୍ରତ୍ୟାଗମନ
ଦୀପ ପ୍ରଜ୍ଜ୍ୱଳନେ ଅଯୋଧା ପାଳେ ଆଲୋକର ପର୍ବ

ଦେଖି ମର୍ତ୍ତ୍ୟ ବାସି ବଳୀ ରାଜନଙ୍କୁ
ଆନନ୍ଦେ ପାଳନ୍ତି ମର୍ତ୍ତେ ଦୀପାବଳି
ଶ୍ରୀକୃଷ୍ଣଙ୍କ ନରକାସୁର ବଦ୍ଧ.... ନରକା ଚତୁର୍ଦ୍ଦଶି ନାମ ମଧ ବହେ
ଘନ ଅନ୍ଧକାରେ କାଉଁରିଆ କାଠ ଜାଳି....
ଡାକେ ପୂର୍ବ ପୁରୁଷଙ୍କୁ ଆଲୋକିତ ଅନ୍ଧାରରେ
ଯାତ୍ରା ହେଉ ଶେଷ ଆସ ଚଉଦ ପୁରୁଷ
ଆ-କା-ମା-ବୈ କହି....
ପଣସ ପତ୍ରରେ ଯାବତୀୟ ସଜ...!
ଦେବା,ପୁରୁଷଙ୍କୁ ନାନା ବ୍ୟଞ୍ଜନର ଭୋଗାବଳୀ
ଆବାହନ କରେ ବଡ ବଡୁଆଙ୍କୁ...!

ପୂଜା ପାଆନ୍ତି ଯେ ମାଆ ମହାଲକ୍ଷ୍ମୀ
ଦୂରିତ ନାଶିନୀ ହେ ମହାକାଳୀ...
ସତ୍ୟ ଧର୍ମ ଶାନ୍ତି ପ୍ରେମର ଆଲୋକେ
ସଦଗୁଣ ଫେରାଇ ବଦଗୁଣ ଦିଅ ଦୂରେଇ
ମଣିଷ ପାଣିଆକୁ ଦିଏ ଫେରାଇ ଏ ପାର୍ବଣରେ
ଅନ୍ଧକାରର ଛାତି ଚିରି .....
କାମ,କ୍ରୋଧ,ଲୋଭ,ମୋହ, ଘୃଣା ରୂପୀ
ତମସାଛନ୍ନ କୁ ଦିଅ ଦୂରେଇ....!
ଫୁଟେଇ ଆତସବାଜି ବାଣ
ପରିବେଶକୁ ନ କରି ନଷ୍ଟ ଭରିବା ଉଲ୍ଲାସ
ପ୍ରଦୀପ ର ପୂର୍ଣ୍ଣାହୁତି ରେ ସାଜିବା ପୁଣ୍ୟତୋୟା ।
ଦୈବୀକୃପା ପ୍ରାପ୍ତିର ମଧୁବୋଳା ଛୁଆଁରେ
ଉଜ୍ଜ୍ୱଳମୟ ହେଉ ଲୌକିକ ଜଗତ..!

ଉମରକୋଟ, ନବରଙ୍ଗପୁର



## ବୋଉ ଲେଖିଛି ଚିଠି

**ଜୟଶ୍ରୀ ପଟ୍ଟନାୟକ**

ବୋଉ ଲେଖିଛି ଚିଠି
କେବେ ଫେରିବୁ ଧନ ଗାଁ ଘରକୁ, ଏନ୍ତୁଡ଼ିର ଠିକଣାକୁ
କଟିଥିଲା ସମୟ ଯୋଉଠି ବାଲ୍ୟ ରୁ ଯୌବନ
ଚାଟଶାଳୀ ରୁ ଉଚ୍ଚ ବିଦ୍ୟାଳୟ
ଆଉ ମୋ ହାତ ପରଷା ଛ ତୁଣ ନ ଭଜାରେ।
ଯେଦିନୁ ବାହାରିଲୁ ପଦାକୁ ଜୀବିକା ଚିନ୍ତାରେ
ସେହିଦିନୁ ଭୁଲିଗଲୁ ଗାଁ ଭିଟାମାଟି
କେଇ ବରଷ ବିତିଲାଣି ଛ ଋତୁ
ବାରମାସ, ବର୍ଷ ପରେ ବର୍ଷ
କାଗଜର ପୃଷ୍ଠା ପରି ଲେଉଟିଲା ବୟସ
ହେଲେ କାହିଁ ମନେ ପଡ଼େନାହିଁ ଗାଁ ଭିଟାମାଟି।
ଶିରାଳ ହାତ ପାକୁଆ ପାଟିର କଥା ଶୁଣି
ଆଣିଥିଲୁ ବୋହୂ ଗୋଟିଏ ସିନ୍ଦୂର ପିନ୍ଧାଇ
ବୋହୂ ପରଷା ଖାଇ ମୁଠାଏ ଖୁସିକୁ ସାଉଁଟିଲା ବେଳେ
ଚାଲିଗଲୁ ନେଇ ତୋର କର୍ମ କ୍ଷେତ୍ରକୁ
ନାତିଟିଏ ହୋଇଛି ବୋଲି ଦେଇଥିଲୁ ଖବର
ହେଲେ ଭାଗ୍ୟହୀନା ମୁଁ ଯାଇ ପାରେନା ତୋ ରଙ୍ଗୀନ ସହର।
ବାବୁରେ ଜାଣିବୁ,
ପଲସ୍ତରା ହୋଇନି ଘର କାନ୍ଥ
କାନ୍ଥରୁ ଛାଡଇ ଚୂନ
ପାଣି ଗଳି ଛାତରୁ ସନ୍ତଉଛି ଚଟାଣ
କାଲୁଆ ଦିହକୁ ଘୋଡ଼େଇବାକୁ ନାହିଁ କମ୍ବଳ
ହେତୁ ରହୁନାହିଁ ବୋଲି ଭୁଲିଯାଏ
ଗରମ ପାଣିରେ ପକାଇବାକୁ ଦି ମୁଠା ଚାଉଳ
ଯେଣୁ ବାର୍ଦ୍ଧକ୍ୟ ଦୁଆରେ ଉପଗତ
ତୋ ବିନା ମୋ ସ୍ୱପ୍ନ ଲାଗେ ଅଧୁରା
ପୁନେଇଁ ପରବ ଲାଗୁଥାଏ ଫିକା
ନିତି ଚାହୁଁଚି ଡାକବାଲା ହାତକୁ
ଦେଇଛୁକି ଚିଠି ଖଣ୍ଡେ ଦରଦୀ ହୃଦୟେ
କି ହବିଷ ପାଳିବାକୁ ପଇସା।
ଲେଖିଛୁ କି ଚିଠିରେ ବୋଉ ମୁଁ ଫେରୁଛି ଘରକୁ
ମୋ ସଂସାର ନେଇ, ଏବେ ରହିବି ତୋ ପାଖେ
ତୋ ଧନ ଟିଏ ହୋଇ,
ତୋ ଆଖିର ଲୁହ ବୁନ୍ଦା ପୋଛି ଦେଇ
ତୋ ଖୁସିକୁ ଆଖିରେ ଦେଖିବା ପାଇଁ।

ଗଙ୍ଗନଗର, ଭୁବନେଶ୍ୱର
ମୋବାଇଲ୍: ୭୯୭୮୧୧୦୪୭୪



## ଅଳନ୍ଧୁ

**ଡ.ଚନ୍ଦ୍ରକଳା ନାୟକ**

କାଳୀପୂଜା ଆସିଲେ ମୋ ମାଆ କହେ
ଘରଦ୍ୱାର ସବୁ ସଫା ହେବା ଦରକାର
ସେ ଗୁଡିକ ନବାହାରିଲେ
ମନରେ କାଳେ ଅଳନ୍ଧୁ ଲାଗିଯାଏ ।
ଝଡା ହୋଇ ନଥିବା ବହଳ ବହଳ
ଅଳନ୍ଧୁ ଭିତରୁ, କେତେ କଣ ମିଳେ
କଳଙ୍କି ଲଗା ସେଫ୍ଟିପିନ, ଗହମ ରଙ୍ଗର ବଟକରା
ମୁଣ୍ଡ ବନ୍ଧା ରିବନ, ଜେଜେମା'ର କଳାପାତି
ତା ସହିତ ମୋ ବାପାଙ୍କର ଅତି ପ୍ରୀୟ ରୋଲ ବାଡି ।
ଏଥର ମୋ ଘରର ପାଳି
ସବୁ ସଫା କରି
ଅଳିଆ ଗଦାକୁ ଯିବାବେଳେ
ଆଖିରେ ପଡିଲା ସ୍ମୃତିଗୁଡା
ସେଥିରେ ଜଡସଡ ହେଉଥିଲା
କୋଡିଏ ବର୍ଷ ତଳର, ଅତି ଆପଣାର
କାଠବାକ୍ସଟା ଉପରେ ।
ଭାବିଲି ଝାଡି ଝୁଡି ସଫା କରିଦେବି
ବହଳ ବହଳ ଜମା ହୋଇଥିବା ଧୂଳି
ଆଉ ଅଳନ୍ଧୁକୁ
ସତେ କି ମାନ ଆଉ ଅବସର୍ଣ୍ଣ
ଅଭିମାନରେ ମୁହଁ ଫେଡିନେଲା
ବାପାଙ୍କ ହାତର ଯାଦୁରେ
ଖୁବ ସେ ଚମକୁଥିଲା ।
ଧୀରେ ପୋଛି ଦେଲି ପଣତ କାନିରେ
ଗେହ୍ନା ପଣରେ ବାକ୍ସଟା ଲାଜେଇ ଗଲା
ଆସ୍ତେ କରି ଖୋଲି ଦେଖିଲି
ଗମରା ବନ୍ଧ ଭିତରେ କେତେ କଣ ?
ପୁରୁଣା କମ୍ବଳ, ମା'ର ହାତବୁଣା ସିଉଟର
ଯତ୍ନରେ ଦେଇଥିବା ନାମାବଳୀ
ଆଖି ତରାଟି ଦେଖେତ, ମାଣିଆ ବନ୍ଧ ଓ
ଗାଜି ସିଲିକ୍ ଶାଢୀ ବି ପଡିଛି ।
ଜୀବନର ଅସରନ୍ତି ପ୍ରେମ
ପ୍ରଣୟ ଓ ଆବେଗର ବନ୍ଧନକୁ
କାଠବାକ୍ସଟା ନିଜ ଭିତରେ ଜାବୋଡି ଧରିଛି
ଆଖି କୋଣରୁ ଝରିଗଲା କିଛି,
ଉସୁମ ଓ ପ୍ରୀତିର ଅପାସୋରା ପ୍ରୀତି ।
ଦୁନିଆଟା କେତ କଣ ଦେଖିଛି
ହେଲେ ଏ ବାକ୍ସଟା ଝୁରୁଛି
ଝରାଉଛି ସ୍ମୃତିକୁ ବି ଜଳାଉଛି
ବେଦନାରେ ବନ୍ଧା ପଡିଥିବା ଅତୀତକୁ ।
ଭାବିଲି ଅନ୍ୟତ୍ର ରଖଦେବି ତାକୁ
ଏଠି ରଖି ଲାଭ ବା କଣ ?
ସାଇତା ସ୍ମୃତି କଣ ଭୁଲିହୁଏ
ଏଇଟା ତ ଆଜିର ଟ୍ରଲିବ୍ୟାଗ ପାଖରେ
ନିହାତି ଅପନ୍ତରା ଓ ଅଲୋଡା ।
ହେଲେ ବାକ୍ସଟା ମୋ ଜୀବନ ଧନ
ସ୍ମୃତିର କାଣିଚାଏ ଆଲୋକ
ମୋ ପିତାମାତାଙ୍କ ସ୍ନେହର
ନିବୃତ ମନ କୋଣର ଏକ ଆର୍ଶୀବାଦ
ମୋ ବଂଚିବାର ଏକ ମାର୍ଗ
ଥାଉ ପଛେ ଅଳନ୍ଧୁ ଭିତରେ
ସେ ଅଳନ୍ଧୁ ମୋ ମୁକ୍ତିର ତୀର୍ଥକ୍ଷେତ୍ର ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋବାଇଲ୍: ୯୪୩୭୯୫୭୬୧୭

## କୋଟି ହୃଦୟର ମଣିଷ ଦାସେ ଆପଣେ

**ପ୍ରତାପ କିଶୋର ରାଉତ**

ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ରୂପ
କୋଟି ହୃଦୟର ରାଜାଧୀଶ୍ୱର
ଉତ୍କଳ ମାତାର ବରପୁତ୍ର ତୁମେ
ଧୈର୍ଯ୍ୟ ସାହସର ତୁଙ୍ଗ ଭୂଧର
କାଳ ବକ୍ଷେ ରଚି ଅମର କୃତି
ବିପଦର ବନ୍ଧୁ ଆହେ ଗୋପବନ୍ଧୁ
ତୁମ ପାଇଁ ଗର୍ବ କରେ ଏ ଜାତି ।୧।
ଧୂଳି ଖେଳ ଛାଡି ସତେକି କାଡାକେ
ଡେଇଁ ପଡିଥିଲ ସଂଗ୍ରାମ ଭୂମେ
ମାଟି ମାଆ ସେବା କରିବାର ପଣ
ସତେ ବିଧି ଲେଖା ଥିଲା ଜନମେ
ଦୁଃଖୀ ଦରିଦ୍ରର ସେବାରେ ରହି
ଗୃହ ଗ୍ରାମ ସାଥି ସଖା ସହୋଦର
ତେଜିଲ ପୁତ୍ରକୁ ଦ୍ୱିଧା ନବହି ।୨।
ଫିରିଙ୍ଗି ଶାସନ ବିରୁଦ୍ଧରେ ତୁମେ
କୋଟି ଓଡିଆଙ୍କୁ ଦେଲ ଜଗାଇ
କି ମୋହନ ମନ୍ତ୍ର ଥିଲାସେ ଡାକରେ
ସଂଗ୍ରାମକୁ ସତେ ପଡିଲେ ଡେଇଁ
ଉର୍ଜ୍ଜି ମନ୍ତ୍ରରେ ମନକୁ ମୋହି
ସେଥିପାଇଁ ଆଜି ହେ ଉତ୍କଳମଣି
ତୁମରି ତ୍ୟାଗର ତୁଳନା ନାହିଁ ।୩।
ବନ୍ଦୀଶାଳେ ରହି ଲେଖନୀ ମୁନରେ
ରଚିଲ ଅମର କୃତି ସମ୍ଭାର
କି ଅମୃତ ସତେ ଦେଇଛ ପରଶି
ଭୁଲି ପାରୁ ନାହିଁ ଜାତି ତୁମର
କୋଟି ଓଡିଆର ମନ ମଣିଷ
ଏ ଜାତିକୁ ଦେଲ ସ୍ୱାଧୀନତା ସ୍ୱାଦ
ଭରିଛ ହୃଦୟେ ନବ ଉଚ୍ଛ୍ୱାସ ।୪।
ସାରସ୍ୱତ ଗଡେ ତୁମେ ମହାରାଜ
ଭାଷା ସାହିତ୍ୟର ମଉଡମଣି
ଲେଖନୀରେ ତୁମ ରୂପ ନେଇଅଛି
ଏ ମାଟିର କେତେ ରମ୍ୟ କାହାଣୀ
ପ୍ରକୃତି ଜୀବନ୍ତ ଲାଗଇ ସତେ
ଭକ୍ତି ଭାବନାରେ କରଇ ଆପ୍ଲୁତ
ଚେତନାରେ ମନ ବୁଡଇ ସତେ ।୫।
ଆପଣା ଦେହକୁ ମାଟିରେ ମିଶାଇ
ତାପରେ ଚାଲିବା ଆହ୍ୱାନ ଦେଲ
ସ୍ୱାଧୀନତା ଗାଢେ ଅସ୍ଥି ରକ୍ତ ମାଂସ
ପକାଇ ଦିଅରେ କେତେ କହିଲ
ସେହି ହେବ ଅହୋଭାଗ୍ୟ ମୋହର
ଏମିତି ତ୍ୟାଗର ମଣିଷ କେ ହେବ
ଅନନ୍ୟ ସ୍ୱରୂପ ଇତିହାସର ।୬।
ବନ ବିଦ୍ୟାଳୟ ଝୁରୁଛି ତୁମକୁ
ଦେବତାର ସମ ମଣିଷ ଗଢି
ସମର୍ପି ଦେଇଛି ମାଟି ମା' ସେବାରେ
ଛୁଟାଏ ସୁବାସ ଯେ ଥିଲା କଢ଼ି
'ସମାଜ' ଆଜିବି ଗାଉଛି ଗାଥା
ଉତ୍କଳ ଜନନୀ ଭାଗ୍ୟବତୀ ବୋଲି
ତୁମ ପାଇଁ ଆଜି ଉଚ୍ଚ ତା ମଥା ।୭।
ବନ୍ୟା ଦୁର୍ଭିକ୍ଷରେ ବନ୍ଧୁଟିଏ ହୋଇ
ନିଜ ଜୀବନକୁ କରି ବିପନ୍ନ
କୋଟିଏ ମୁହଁରେ ଦେଇଛ ଆହାର
ଫୁଟାଇଛ ମୁଖେ ହସ ସୁମନ
ବିପତ୍ତି ବେଳାରେ ତୁମରି କଥା
ମନେ ପଡ଼ିଗଲେ ହୃଦୟ ଭିଜଇ
ତୁମ ତ୍ୟାଗ କୃତି ଅମର ଗାଥା ।୮।
ତୁମକୁ 'ମଣିଷ' କହିଲେ ସତେକି
ମହା ଅପରାଧି ନିଜକୁ ମଣେ
ରକ୍ତ ମାଂସର ଦେବତା ତୁମେହେ
ରହିଛ ରହିବ ସବୁରି ପ୍ରାଣେ
ଆଉଥରେ ଆସ ଜନମ ନେଇ
ଦିଗ ହରା ଏଇ ମଣିଷକୁ ଥରେ
ମଣିଷ ପଣିଆ ଦିଅ ଶିଖାଇ ।୯।
କୋଟିଏ ପ୍ରଣାମ ତୁମରି ଚରଣେ
ଘେନିବ ହେ ପୂଜ୍ୟ ଦାସେ ଆପଣେ
ତୁମରି ସ୍ୱପ୍ନର ଉତ୍କଳ ଅଧୁନା
ଅସୁରକ୍ଷିତ ହିଁ ନିଜକୁ ମଣେ
ଅଜଣା ଆତଙ୍କେ ଉଠେ ଶିହରି
ସେନେହ ମମତା ଭାଇଚାରା ଭାବ
ଆଗପରି ଆଉ ନାହିଁ କାହାରି ।୧୦।

ତେନ୍ତୁଳିପଦୀ , ହାଟଡିହି , କେନ୍ଦୁଝର



## ଅବଧିହୀନ ସ୍ୱତନ୍ତ୍ରତାର ଦୀପଶିଖା

**ଋତୁପର୍ଣ୍ଣା ବରାଲ୍**

ଯେଉଁଠାରେ ତୁମ ଆତ୍ମା ଭେଟିବାକୁ ଆତୁର,
ସେମୁଁ, ତୀବ୍ର ବିଷାଦ ମନର ନିର୍ଜନ ସାଗର।
ମୋ ଅଶ୍ରୁ ବହିଗଲା ଦୀର୍ଘଦିନ ପୂର୍ବେ,
ନାଟକୀୟ ହେବା ଶିଖିନି, ସତ୍ୟର ରୂପ।
ମୁଁ ସେଇ ଜଣେ ବିନ୍ଦୁ, ଯାହା ସନ୍ଧ୍ୟାରେ ଜ୍ୱଳିଉଛି,
ଅଧୂରା ସ୍ୱପ୍ନଗୁଡିକୁ ଶାନ୍ତିରେ ଆଲୋକିତ କରୁଛି।
ଯେତେବେଳେ ଅନ୍ଧାର ଭାଗେ, ପ୍ରଭାତ ଆଲୋକ,
ଜାଣିଛି, ତୁମେ ଯିବେ ଦୂରେ, ନିରବ ଆସ୍ତିକ ଶୋକ।
ମୁଁ ଚେଷ୍ଟା କରିଛି, ତୁମ ଜଗତ କୁସଜାଇବାକୁ ସପନର ରଙ୍ଗରେ,
ପ୍ରୟାସ ଥିଲା, ତଥାପି ଶିଖର ରହିଲ ଅପହୃତ ଆଙ୍ଗୁଳିର ସୀମାରେ।
ନରକସମ, ତୁମେ ଆଘାତ ଦେଇପାର, ମୁଁ ତାହାକୁ ଅନୁଭବ କରେ,
ମୋ ଆତ୍ମା ଉପରେ ଆଗରୁ ଅନେକ ମୋହର ଜଳି ରହିଛି ଅନ୍ତରେ।
ତୁମ ଆଖିରେ ପଡ଼ିଲେ ମୋ ଦୃଷ୍ଟିର ଆଲୋକ,
ଅନିଚ୍ଛାରେ ହସେ ଠୋଠ, ନିରବ ହସର ରୋକ।
ଅକଥିତ ସ୍ୱପ୍ନରେ ଆଲୋକିତ ମନ ମୋର,
ଶିଖାର ମେଲୋଡିରେ ବଜେ ସ୍ନେହର ଅମର ଗୋର।
ମୋତେ ଖୋଲି ଦେଖ, ତୁମେ ଜାଣିବ ନିଶ୍ଚିତ,
ମୁଁ ସୀମାହୀନ, ଅନାବୃତ, ଅବିକଳଚିତ୍—
ଅନନ୍ତ ସ୍ୱପ୍ନରେ ଜ୍ୱଳୁଛି ଶାନ୍ତ ଓ ଶୁଭ,
ମୁଁ ମୁକ୍ତଆତ୍ମା, ଅବଧିହୀନ ସ୍ନେହର ସୂର୍ଯ୍ୟର ଅଭୁଭ।

ବେର୍ଲିନ୍, ଜର୍ମାନୀ

## ପୂର୍ବଶତ୍ରୁତାକୁ ନେଇ ଗୁଳିମାଡ଼

● ଯୁବକ ଗିରଫ, ଘଟଣା ସ୍ଥଳରୁ ବନ୍ଧୁକ, କଟୁରି ଜବତ



**ନୀଳଗିରି,୨୧।୧୦ (ସଂଚାର ବ୍ୟୁରୋ):** ନୀଳଗିରି ଥାନା ଇଶ୍ୱରପୁର ଫାଣ୍ଡି ଅଧୀନ ଦ୍ୱାରିକା ଛକ ଠାରେ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ସହ ଗୋଟିଏ ରାଉଣ୍ଡ ଫଲ୍ସ ଫାୟାରିଂ ହୋଇଛି। ଫଲ୍ସ ଫାୟାରିଂ କରୁଥିବା ଯୁବକ ଗିରଫ, ଘଟଣା ସ୍ଥଳରୁ ବନ୍ଧୁକ, କଟୁରି ଜବତ କଲା ପୋଲିସ। ସୂଚନା ଅନୁସାରେ ଗତ ସୋମବାର ସନ୍ଧ୍ୟା ୭ଟା ୩୦ ସମୟରେ ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅସ୍ତିଆ ଛକଠାରେ ଥିବା ଜନୈକ ମଟର ସାଇକେଲ ଗ୍ୟାରେଜରେ ଉକ୍ତ ପଞ୍ଚାୟତ ଦ୍ୱାରିକା ଗ୍ରାମର ବାସିନ୍ଦା ତାପସ ବାରିକ(୩୮) ଗ୍ୟାରେଜ ମାଲିକ ମିଲନ୍ ବାରିକଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଥିବାବେଳେ ଗତ ସନ୍ଧ୍ୟାରେ ତାପସ ନିଜ ଗାଡିରେ ପ୍ରେସର ଦେବା ବିଷୟକୁ ନେଇ ଗ୍ୟାରେଜ ମାଲିକ ମିଲନ୍ ସହ ଯୁକ୍ତି ତର୍କ ଗଣ୍ଡଗୋଳ ସହ ତାପସ ବାରିକ ୱାନ ସଟ୍ ଗନ୍ ରୁ ଫଲ୍ସ ଫାୟାରିଂ କରିଥିଲେ। ପରେ ଗାଁକୁ ଯିବାପରେ ପୁଣି ଗଣ୍ଡଗୋଳ ହୋଇଥିଲା। ଗ୍ୟାରେଜ ମାଲିକ ମିଲନ୍ ଓ ସ୍ଥାନୀୟ ଅଞ୍ଚଳ ଲୋକେ ଛାନିଆ ହୋଇ ନୀଳଗିରି ଥାନାକୁ ଜଣାଇଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ବିକାଶ କୁମାର ଭୋଇ ଘଟଣା ସ୍ଥଳରେ ପହଞ୍ଚି ଗ୍ୟାରେଜ ମାଲିକ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ଏହି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ଦୁର୍ବୃତ୍ତ ତାପସ ବାରିକ ଘଟଣା ସ୍ଥଳରୁ ଦୌଡ଼ି ପଳାଇଥିଲା। ଇଶ୍ୱରପୁର ଫାଣ୍ଡି ଅଧିକାରୀ ସମସ୍ତ ଘଟଣା ଏସ.ଡି.ପି.ଓ ପ୍ରମୋଦ କୁମାର ମଲ୍ଲିକ ଙ୍କୁ ଜଣାଇବା ପରେ ମଲ୍ଲିକଙ୍କ ନିର୍ଦ୍ଦେଶରେ ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ଏକ ସାଧା ପୋଷାକ ଧାରି ଟିମ ଉକ୍ତ ରାତିରେ ତାର ଘରେ ରେଡ କରାଯାଇଥିବା ବେଳେ ଦୁର୍ବୃତ୍ତ ତାପସ ବାରିକଙ୍କୁ ଘରପାଖରୁ କାବୁ କରିବା ସହିତ ଏକ ବନ୍ଧୁକ ଓ କଟୁରୀ କୁ ଜବତ କରିଥିଲା। ତାର ନାମରେ ପୁର୍ବରୁ ଏକାଧିକ ମାମଲା ରହିଥିବାର ସୂଚନା ମିଳିଥିବା ବେଳେ ନୀଳଗିରି ଥାନା ପକ୍ଷରୁ ଏକ ୪୧୮/୨୫ ନଂ ମାମଲା ରୁଜୁ ହେବାସହ ମଙ୍ଗଳବାର ନୀଳଗିରି ପୋଲିସ ଅପରାଧୀ ତାପସ ବାରିକଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

### ଅଧପନ୍ତରିଆ ବାଇପାସ୍ ରାସ୍ତା

## ଅସମ୍ପୂର୍ଣ୍ଣ ରାସ୍ତା ଘଟାଉଛି ଦୁର୍ଘଟଣା



**ରାୟଗଡ଼ା,୨୧।୧୦ (ସଂଚାର ବ୍ୟୁରୋ):** ସହରର ଆୟତନ ବୃଦ୍ଧି ସହ ବଢ଼ିଛି ବ୍ୟବସାୟିକ କାରବାର। ଧୀରେଧୀରେ ଟ୍ରାଫିକ ସମସ୍ୟା ବି ବଢ଼ୁଛି। ଯାହାକୁ ଦୃଷ୍ଟିରେ ରଖି ଆରମ୍ଭ ହୋଇଥିଲା ରାୟଗଡ଼ା ଜିଲ୍ଲା ଗୁଣପୁରରେ ରାସ୍ତା ସମ୍ପ୍ରସାରଣ। ହେଲେ ଠିକା ସଂସ୍ଥାର ବେପାରୁଆ ମନୋଭାବ ଯୋଗୁଁ ଅବଧି ସରିଲେ ବି ସରିପାରୁନି ରାସ୍ତା କାମ। ସହରରେ ବଢ଼ୁଥିବା ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲ୍ଲା ଗୁଣପୁରରେ ଆରମ୍ଭ ହୋଇଥିଲା ବାଇପାସ ରାସ୍ତା ସମ୍ପ୍ରସାରଣ। ୨୦୨୩ରୁ ଆରମ୍ଭ ହୋଇଥିବା ଏହି କାମ ଆଜି ଯାଏଁ ସରିପାରୁନାହିଁ। ଗୁଣପୁରର ବାଇପାସ୍ ଛକ ଠାରୁ ବିକ୍ରମପୁର ଛକ ଯାଏଁ ରାସ୍ତାକୁ ୪ ଥାକିଆ କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଆନ୍ଧ୍ରପ୍ରଦେଶର ଏକ ଠିକା ସଂସ୍ଥା ସହ ୧୧ କୋଟି ୮୧ ଲକ୍ଷ ୯୬ ହଜାର ଟଙ୍କା ବ୍ୟୟରେ ୧୧ ମାସ ସୁଦ୍ଧା କାମ ସାରିବାକୁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ହେଲେ ଠିକାସଂସ୍ଥାର ଖାମଖିଆଲି ମନୋଭାବ ଯୋଗୁଁ ମନ୍ଥର ଗତିରେ କାମ ଚାଲିଥିବା ଅଭିଯୋଗ ଆସିଛି। ଏହି ରାସ୍ତା ଉପରେ ଜିଲ୍ଲା ସଦର ମହକୁମା ଓ ଉପଖଣ୍ଡର ୫ଟି ବ୍ଲକ ସହ ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ହଜାର ହଜାର ଲୋକ ନିର୍ଭର କରନ୍ତି। ହେଲେ କାମ ଅସମ୍ପୂର୍ଣ୍ଣ ହେତୁ ଦୁର୍ଘଟଣା ଘଟିବା ସହ ଧୂଳିକଣାରେ ଯିବା ଆସିବା କରିବା କଷ୍ଟକର ହୋଇପଡୁଥିବା ଅଭିଯୋଗ ଆସୁଛି। ଅନ୍ୟପଟେ ଆସନ୍ତା ୩ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ପ୍ରତିଶ୍ରୁତି ଦେଇଛନ୍ତି ରାୟଗଡ଼ା ଜିଲ୍ଲାପାଳ। ପ୍ରତିଶ୍ରୁତି ପରେ କେବେ ଠିକା ସଂସ୍ଥା ପକ୍ଷରୁ କାମ ସରିବ ତାକୁ ଅପେକ୍ଷା।

## ଯୁବତୀଙ୍କ ନିକଟରୁ ସ୍ମାର୍ଟଫୋନ ଝାମ୍ପିନେଇ ଚମ୍ପଟ

**ବେତନଟୀ,୨୧।୧୦(ସଂଚାର ବ୍ୟୁରୋ):** ବେତନଟୀ-ବଡସାହି ରାସ୍ତାର ମହୁଲିଆ ଛକ ଅନତିଦୂରରେ ଜନୈକା ଯୁବତୀ ସାଇକେଲଯୋଗେ ଘରକୁ ଫେରୁଥିବା ବେଳେ ଦୁଇଜଣ ଯୁବକ ବାଇକଯୋଗେ ପଛପଟୁ ଦୃତଗତିରେ ଆସି ଦୁଇଜଣ ବାଇକ ଆରୋହୀ ଯୁବକ ଆଖିପିଛୁଳାକେ ଯୁବତୀଙ୍କ ନିକଟରୁ ସ୍ମାର୍ଟଫୋନ ଝାମ୍ପିନେଇ ଘଟଣାସ୍ଥଳରୁ ସମ୍ପଟ ମାରିଥିଲେ। ଏତଲାକାରିଣୀ ବଡସାହି ଥାନା ଅଧୀନ ପତରାପଦା ଗ୍ରାମର ବୃନ୍ଦାବନ ବାସଙ୍ଗଙ୍କ ଝିଅ ସଙ୍ଗୀତା ବାସଙ୍ଗଙ୍କ ଅଭିଯୋଗ ମୁତାବକ ସେ ବେତନଟୀରୁ ପାଠପଢା ସାରି ଅପରାହ୍ନ ସାଢେ଼୧୨ଟା ପାଖାପାଖିରେ ଘରକୁ ଫେରୁଥିବା ବେଳେ ମହୁଲିଆଛକ ଅନତି ଦୂରରେ ପଛପଟୁ ଦୁଇଜଣ ଯୁବକ ବାଇକ ଯୋଗେ ଆସି ତାଙ୍କ ହାତରୁ ସ୍ମାର୍ଟଫୋନ ଝାମ୍ପିନେଇ ଆସ୍‌ପିଛୁଳାକେ ଚମ୍ପଟ ମାରିଥିଲେ। ଏନେଇ ସଙ୍ଗୀତାଙ୍କ ଏତଲାମୂଳେ ବେତନଟୀ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ଦାରିଙ୍ଗବାଡ଼ିରେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ



**ଦାରିଙ୍ଗବାଡି,୨୧।୧୦(ସଂଚାର ବ୍ୟୁରୋ):** ପୁଣି ଦାରିଙ୍ଗବାଡିରେ ଲଜ୍ଜା ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଥାନାରେ ଏତଲା ଦେଇଛନ୍ତି ସ୍ଥାନୀୟ ଅଞ୍ଚଳର ମହିଳା ସଂଘ ସ୍ଥାନୀୟ ଥାନା ଅଞ୍ଚଳ ର ଏମିତି ହେଇଛି ଆପଣମାନେ ଶୁଣିଲେ ଘରୁ ବାହାରି ବାକୁ ଭୟ କରିବେ ହଁ ଆଜ୍ଞା ସ୍ଥାନୀୟ ଅଞ୍ଚଳର ବିବାହିତ ଯୁବକ ଜଣେ ନାବାଳିକା ଛାତ୍ରୀଙ୍କୁ ଚପଲ ଦୋକାନୀ କୁ ଜାଇ ଚପଲ କିଣିବା କହିଥିଲେ ସୁଚନା ଅନୁଯାୟୀ ବିବାହିତ ଯୁବକ ନାବାଳିକା ଛାତ୍ରୀଙ୍କ ଘରେ ବାପା ମାଆ ନଥିବାର ସୁଯୋଗ ଦେଖି ନାବାଳିକାଙ୍କୁ ତମ ବାପା ମୋ ବ୍ୟାଙ୍କ୍ ଖାତାରେ ପଇସା ପଠାଇ ଛନ୍ତି କହିଥିଲେ କାରଣ ନାବାଳିକାଙ୍କ ବାପା ମାଆ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିବାରୁ ସେମାନେ ପିଲା ମାନଙ୍କ ପାଇଁ ଘୋରଇ ଖର୍ଚ୍ଚ ପାଇଁ ଟଙ୍କା ଛାଡ଼ିଦେଇଛନ୍ତି ତମ ପାଇଁ ଚପଲ କିଣି ଦେବା ଉଦ୍ଦେଶ୍ୟରେ ତମ ବାପା ବୋଲି କହି ଡାକି ନେଲେ ହେଲେ ତାଙ୍କୁ ଚପଲ ଦୋକାନୀ କୁ ନେବା ବଦଳେ ଗୋଟେ ନିଛାଟିଆ ସ୍ଥାନକୁ ନେଇ ନାବାଳିକାଙ୍କୁ ବଳାତ୍କାର କରି ତାଙ୍କୁ ଏହି କଥା କାହାକୁ ନ କହିବାକୁ ଧମକ ଦେଇଥିଲେ ଯଦି କହିବ ତେବେ ଜୀବନରେ ମାରିବା ପାଇଁ ମଧ୍ୟ ଧମକ ଦେଇଥିଲେ ହେଲେ ନାବାଳିକା ଜଣକ ନିଜ ଘରେ ସାନ ଚାରି ଭାଇଙ୍କୁ ନେଉ ନିଜେ ସାନ ଭାଇ ମାନଙ୍କର ଦାୟିତ୍ୱ ନେଇ ରହୁଥିଲେ ସେହି ପରିପ୍ରେକ୍ଷୀରେ ସୁଯୋଗ ଦେଖି ନର ରାକ୍ଷସ ନାବାଳିକାଙ୍କୁ ଚପଲ କିଣିବା ଲୋଭ ଦେଖାଇ ଦୁଷ୍କର୍ମ କରିଲେ । ନାବାଳିକା ଜଣକ ନର ରାକ୍ଷସ ଦେଇଥିବା ଜୀବନରେ ମୃତ୍ୟୁ ଧମକ ଭୟରେ ଚୁପ୍ ରହିଥିଲେ ହେଲେ ଯେତେବେଳେ ନାବାଳିକା ଜଣକ ପିଡ଼ା ଅନୁଭବ ହେବାରୁ ନିଜ ସାହିର କିଛି ମହିଳା ମାନଙ୍କୁ ନିର୍ଯାତନାର ସମସ୍ତ ଘଟଣା ଜଣାଇଥିଲେ ପରେ ନିଜ ସାହିର ମହିଳାମାନେ ନାବାଳିକାଙ୍କୁ ନେଇ ଦାରିଙ୍ଗବାଡି ଥାନାରେ ଏତଲା ଦେଇଛନ୍ତି। ସେପଟେ ନାରୀ ରାକ୍ଷସ ନାବାଳିକାଙ୍କୁ ବଳାତ୍କାର କରି କୁଆଡ଼େ ଫେରାର୍ ହେଇଛନ୍ତି ତାଙ୍କୁ ଖୋଜା ଖୋଜି କରି ଗୀରଫ୍ କରିବା ସହ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ କନକ ମାଝୀ କହିଛନ୍ତି ।

## ମାତୃଶକ୍ତି ସଂଗମ ଓ ମାତୃ କର୍ମଶାଳା



**ସୁବର୍ଣ୍ଣପୁର,୨୧।୧୦(ସଂଚାର ବ୍ୟୁରୋ):** ସୋନପୁର ସହରର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଭିନ୍ନ ଭିନ୍ନ ଦୁଇଟି ପର୍ଯ୍ୟାୟରେ ମାତୃ କର୍ମଶାଳା ଓ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବାଟିକା ବିଭାଗର ମାତୃ କର୍ମଶାଳାରେ ଉପସ୍ଥିତ ମାଆ ମାନଙ୍କ ସହ ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ମୁଖ୍ୟବକ୍ତା ଭାବରେ ଘନଶ୍ୟାମ ମିଶ୍ର ଶିଶୁ ଗଠନରେ ମାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉପସ୍ଥାପନ କରିଥିଲେ। କୋମଳମତି ଶିଶୁଙ୍କ ମନରେ ପଥ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ କିପରି ସେମାନଙ୍କ ସର୍ବାଙ୍ଗୀନ ବିକାଶ ହୋଇପାରିବ, ସେ ଦିଗରେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ସକାଳ ୧୦ ଟାରେ ଉଦ୍ଘାଟନ ହୋଇ କାର୍ଯ୍ୟକ୍ରମଟି ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଭାଷା ବିକାଶ, ଗଣିତର ପ୍ରୟୋଗ, ବିଜ୍ଞାନ ପ୍ରୟାଗ, ଶାରୀରିକ ବିକାଶ ଆଦି ବିଷୟରେ ଆଲୋଚନା କରଯାଇଥିଲା। ଶିଶୁ ବଟିକା ପ୍ରମୁଖ ପୁଷ୍ପାଞ୍ଜଳି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବାଟିକା ବିଭାଗର ସମସ୍ତ ଗୁରୁଜୀ ଗୁରୁମା ପୂର୍ଣ୍ଣ ସହଯୋଗ କରିଥିଲେ। ସମ୍ପାଦକ ଶାନ୍ତନୁ କୁମାର ଆଚାର୍ଯ୍ୟ ମା'ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ପରେ ଦ୍ୱିତୀୟ ପର୍ଯ୍ୟାୟ ରେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ଯୋଜନା କ୍ରମେ ନାରୀ ଶକ୍ତି ଜାଗରଣ ଆଧାରିତ 'ସପ୍ତଶକ୍ତି ସଂଗମ' କାର୍ଯ୍ୟକ୍ରମ ଅନୁଷ୍ଠାନ କରଯାଇଥିଲା।

## ଗିରିଗୋବର୍ଦ୍ଧନ ପୂଜା ଉପଲକ୍ଷେ କଳସ ଯାତ୍ରା



**କେସିଙ୍ଗା,୨୧।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ଗ୍ରାମ ସ୍ଥିତ ଜୁଗୁଲା ଡଙ୍ଗର ପରିସରରେ ଗିରିଗୋବର୍ଦ୍ଧନ ପୂଜା ଉପଲକ୍ଷେ ଗ୍ରାମ୍ୟ ବିକାଶ କମିଟି ପକ୍ଷରୁ ମଙ୍ଗଳବାର ବିରାଟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବାଲସି ଗ୍ରାମର ଆଡ଼କଟା ଠାରୁ ଗିରିଗୋବର୍ଦ୍ଧନ ପୂଜାମଣ୍ଡପ ଯାଏ ପ୍ରାୟ ଏକ କିଲୋମିଟର କଳସ ଯାତ୍ରାରେ ଗ୍ରାମର ମହିଳା, ଯୁବତୀ ସାମିଲ ହୋଇଥିଲେ। କଳସ ଯାତ୍ରାରେ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଆଜିଠାରୁ ଆସନ୍ତା ୨୬ ତାରିଖ ଯାଏ କାର୍ଯ୍ୟକ୍ରମ ହେବାର ଥିଲା ବେଳେ ଲଘୁଚାପ ଜନିତ ବର୍ଷା ଯୋଗୁ ବିଭିନ୍ନ ସାଂକୃତିକ କାର୍ଯ୍ୟକ୍ରମ ବାତିଲ କରାଯାଇ ଥିବା କମିଟି ପକ୍ଷରୁ ପ୍ରକାଶ କରାଯାଇଛି।

## ମା' ଶ୍ୟାମାକାଳୀ ପୂଜା ପାଇଁ ଅତାମଳା ଗ୍ରାମ ଉତ୍ସବ ମୁଖର



**ଜଗତସିଂହପୁର,୨୧।୧୦ (ସଂଚାର ବ୍ୟୁର):** ଜଗତସିଂହପୁର ସହର ସ୍ଥିତ ଅତାମଳା ଛକରେ ୫ତମ ମା ଶ୍ୟାମା କାଳୀ ପୂଜା ବହୁ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ମା ଶ୍ୟାମା କାଳୀଙ୍କ ରାତ୍ର ୧୨ ଘଟିକାରେ କଳସ ବୁଢା କାର୍ଯ୍ୟକ୍ରମ କାଠପୋଲ ସ୍ଥିତ ସଫେଇରେ ହୋଇଥିଲା। ଏହି ପୂଜାରେ ପୁରୋହିତ ଭାବରେ ନିରଞ୍ଜନ ମହାପାତ୍ର, କର୍ତା ଭାବରେ ମଧୁରୀ ପ୍ରଧାନ ଓ କର୍ତ୍ତୀ ଭାବରେ କଳ୍ପନା ପ୍ରଧାନ ଥିଲେ, ଏହି ପୂଜା କମିଟିର ସଭାପତି କୃଷ୍ଣ ଚନ୍ଦ୍ର ପ୍ରଧାନ, ପ୍ରମୋଦ ମହାପାତ୍ର, ପ୍ରଶାନ୍ତ ମାଝି, ମାନସ ମଲ୍ଲିକ, ସନ୍ତୋଷ ନାୟକ, ଉଲସନ ମହାନ୍ତି, ଭଗବାନ ଭୋଇ, ସୁବ୍ରଜିତ ମହାନ୍ତି, ଲକ୍ଷ୍ମୀଧର ପ୍ରଧାନ, ଅମୁଲ୍ୟ ପ୍ରଧାନ, ରାକେଶ ପ୍ରଧାନ, ବିନୋଦ ବେହେରା, କିସାନ ଭୋଇ ଓ ଆଖ ପାଖ ଅଞ୍ଚଳର ବହୁ ସଂଖ୍ୟାରେ ଭକ୍ତ ଉପସ୍ଥିତ ରହି ମା ଙ୍କ କୃପା ଲାଭ କଲେ।

## ଖୁଣ୍ଟାପୁର ପଡ଼ିଆରେ ରାବଣପୋଡ଼ି ମହୋତ୍ସବ



**ବୈଶିଙ୍ଗା,୨୧।୧୦ (ସଂଚାର ବ୍ୟୁରୋ):** ଆଜି ମୟୁରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ଖୁଣ୍ଟାପୁର ହାଇସ୍କୁଲ ପଡିଆରେ ଖୁବ ଧୂମଧାମରେ ରାବଣପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାର୍ବଜନୀନ ଦୁର୍ଗାପୂଜା କମିଟି, ପଦାପୁରୁଣିଆ ଦ୍ୱାରା ଦୀର୍ଘ ୨୪ ତମ ଉର୍ଦ୍ଧ ହେବ ଆୟୋଜିତ ହୋଇଆସୁଅଛି । ପ୍ରତି ବର୍ଷ ଦୁର୍ଗାପୂଜା ବିଜୟଦଶମୀରେ ଏହା ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ଖରାପ ପାଣିପାଗ ଯୋଗୁଁ ଏହାକୁ କମିଟି ପକ୍ଷରୁ ସ୍ଥଗିତ କରାଯାଇଥିଲା । କାରିଗର ଜୟଦେବ ପ୍ରମାଣିକଙ୍କ ଦ୍ୱାରା ପ୍ରତି ବର୍ଷ ରାବଣ ପ୍ରସ୍ତୁତ କରାଯାଏ । ତେବେ ଏହି ରାବଣପୋଡି କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳର ଏକ ବେଶ ଆଦୃତ ହୋଇଆସୁଅଛି । ଏହି ମହୋତ୍ସବରେ ପ୍ରବଳ ଜନସମାଗନ ଦେଖିବାକୁ ମିଳିଥାଏ । ଏହି କାର୍ଯ୍ୟକ୍ରମରେ ସଭାପତି ଭାବେ ବିଶିଷ୍ଟ ବ୍ୟବସାୟୀ ଶ୍ରୀ ସଞ୍ଜୟ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ହରେକୃଷ୍ଣ ପରିଡା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ସାମ୍ବାଦିକ ସଞ୍ଜୟ ମିଶ୍ର, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ହରିଶ୍ଚନ୍ଦ୍ର ରାଉତ, ବିଶିଷ୍ଟ ବ୍ୟବସାୟୀ ଅକ୍ଷୟ ସାହୁ, ଅବସରପ୍ରାପ୍ତ ସେନାଅଧିକାରୀ ଗୋପୀନାଥ କର, ସାମ୍ବାଦିକ ଚିନ୍ମୟ ମିଶ୍ର ଏବଂ ଆଖପାଖ ଅଞ୍ଚଳର ବହୁ ବରିଷ୍ଠ ଲୋକ ଉପସ୍ଥିତ ଥିଲେ । କମିଟିର ସଦସ୍ୟ ସତ୍ୟରଞ୍ଜନ ରାଉତ, ଶ୍ରୀଧର ଦାସ, ଶଶଧର ଦାସ, ସର୍ବେଶ୍ୱର ସାହୁ, ଅଭିଷେକ ପରିଡା, ଜିତେନ୍ଦ୍ର ନାଥ, ଭାଗବତ ଦାସ, ଶଶୀକାନ୍ତ ଦାସ, ଦେବାଶିଷ ଦାସ, ରତିକାନ୍ତ ଦାସ, ଜୟନ୍ତ ପାତ୍ର, ମଧୁସୂଦନ ନାଥ ଏବଂ କମିଟିର ଅନ୍ୟ ସମସ୍ତ ସଦସ୍ୟ ସକ୍ରିୟ ଦାୟିତ୍ୱ ସମ୍ପାଦନା କରିଥିଲେ ।

## ଉତ୍କଳ ସାମ୍ବାଦିକ ସଂଘ ଶାଖା ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ



**ଦଶରଥପୁର,୨୧।୧୦(ସଂଚାର ବ୍ୟୁରୋ):** ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା କୋରେଇ ବ୍ଲକ ଶାଖା ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ ରଗଡ଼ି ସ୍ଥିତ କଲ୍ୟାଣ ମଣ୍ଡପ ମା କାମୁଡ଼େଇ ପୀଠ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଉଦଘାଟକ ଭାବେ ଯାଜପୁର ସାଂସଦ ଡ଼ ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ସାମ୍ବାଦିକ ମାନେ ସମାଜର ଜାଗ୍ରତ ପ୍ରହରୀ ତେଣୁ ବିଭ୍ରାନ୍ତିକର ଖବର ଠାରୁ ଦୁରେଇ ରହି ସତ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ ସମାଜର ତୃଣମୂଳ ସ୍ତରରେ ଥିବା ସମସ୍ୟା ଗୁଡିକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ କରିବାରେ ସମ୍ବାଦିକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସାମ୍ବାଦିକ ମାନଙ୍କ ସହ ମୁଁ ସବୁବେଳେ ଅଛି ଓ ରହିବି ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କାମରେ ଆସୁନି ମେଗା ଜଳଯୋଗାଣ ପ୍ରକଳ୍ପ



**ଧର୍ମଶାଳା,୨୧।୧୦(ସଂଚାର ବ୍ୟୁରୋ):** ଅବଧିର ୨ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରୁନି ଯାଜପୁର ଜିଲ୍ଲା ଧର୍ମଶାଳାର ମେଗା ପାନୀୟ ଜଳ ପ୍ରକଳ୍ପ । ବଡଚଣାର ୪୩ ଓ ଧର୍ମଶାଳାର ୪୫ ପଞ୍ଚାୟତକୁ ପାଣି ଯୋଗାଇବାକୁ ହୋଇଥିଲା ପ୍ରକଳ୍ପ। ଏପଟେ ସିମେଣ୍ଟ କାରଖାନା ଭୂତଳ ଜଳ ଶୋଷୁଥିବା ନେଇ ଆସିଛି ସାଙ୍ଘାତିକ ଅଭିଯୋଗ । ପାନୀୟ ଜଳ ଯୋଗାଇବା ପାଇଁ ସରକାର ମେଗା ଜଳଯୋଗାଣ ପ୍ରକଳ୍ପ କରିଛନ୍ତି । ଧର୍ମଶାଳା ବ୍ଲକ ଅନ୍ତର୍ଗତ ବାଲିକୁଦିଆଠାରେ ବି ପ୍ରକଳ୍ପ ହୋଇଛି । ୨୦୧୯ରେ ଧର୍ମଶାଳା ଓ ବଡ଼ଚଣା ବ୍ଲକର ଲୋକଙ୍କ ଶୋଷ ମେଣ୍ଟାଇବା ଲକ୍ଷ୍ୟରେ ୨୮୭ କୋଟି ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ୨୦୨୩ରେ ପ୍ରକଳ୍ପ ସାରିବାକୁ ଠିକା ସଂସ୍ଥାକୁ କୁହାଯାଇଥିଲା । ହେଲେ ଏବେ ସୁଦ୍ଧା ୬୦% କାମ କରି ଠିକାଦାର ୮୫% ବିଲ୍ ନେଇସାରିଛି। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ କରାଯାଇଥିଲେ ବି କିଛି ସୁଫଳ ମିଳୁନାହିଁ । ସେପଟେ ସ୍ଥାନୀୟ ଅଞ୍ଚଳର ଏକ ସିମେଣ୍ଟ କମ୍ପାନି ଭୂତଳ ଜଳ ଶୋଷୁଥିବା ସର୍ଙ୍ଗିନ ଅଭିଯୋଗ ଆସିଛି । ଧର୍ମଶାଳା ବ୍ଲକର ଥାନୁଆଳ ପଞ୍ଚାୟତକୁ ଲାଗି ରହିଥିବା ଘରୋଇ ସିମେଣ୍ଟ କାରଖାନା ଡିପ୍ ବୋର ଜରିଆରେ ଭୂତଳ ଜଳ ବ୍ୟବହାର କରୁଛି । ଏହାର ପ୍ରଭାବରେ ଭୂତଳ ଜଳସ୍ତର କମୁଛି । ଫଳରେ ଯୋଗରଡ଼ା, ମୁରାରିପୁର, ଶ୍ରୀବନ୍ତପୁର, ନୂଆଖୁଣ୍ଟା ଗାଁର ଲୋକେ ସମସ୍ୟା ଭୋଗୁଥିବା ଅଭିଯୋଗ କରିଛନ୍ତି। ନଳକୂପରୁ ଆଇରନ ଯୁକ୍ତ ପାଣି ବାହାରୁ ଥିବାରୁ ଅଧିକିଲୋମିଟର ଦୂରରୁ ପାଣି ସଂଗ୍ରହ କରୁଛନ୍ତି ଲୋକେ । ଧର୍ମଶାଳା ଲୋକଙ୍କ ଜଳକଷ୍ଟ ଦୂର କରିବାକୁ ମେଗା ଜଳପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି ।

## ବିଷ୍ଣୁପୁରଠାରେ ଅସହାୟ ଲୋକଙ୍କୁ ରିଲିଫ ବଣ୍ଟନ



**ବାଲିଆପାଳ,୨୧।୧୦(ସଂଚାର ବ୍ୟୁରୋ):** ଦିପାବଳୀ ଅବସରରେ ଓ୍ୱାଏମସିଏ ସ୍ୱେଚ୍ଛାସେବୀ ସଂଗଠନ ଓ ଚନ୍ଦ୍ର ଶେଖର ଆଜାଦ ଫାଉଣ୍ଡେସନର ମିଳିତ ସହଯୋଗରେ ଅସହାୟ ଲୋକଙ୍କୁ ବିଷ୍ଣୁପୁର ପଞ୍ଚାୟତରେ ସମୋବାର ପୂର୍ବାହ୍ନରେ ନୟାବାଲି ଗ୍ରାମର ସମାଜସେବୀ ପରେଶ ଚନ୍ଦ୍ର କରଙ୍କ ବାସଭବନରେ ରିଲିଫ ବଣ୍ଟନ କରାଯାଇଛି। ସୁଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ସୁବର୍ଣ୍ଣ ରେଖା ନଦୀରେ ଚଳିତ ବର୍ଷ ସାତ ଥର ବନ୍ୟା ଆସି ଲୋକଙ୍କ ଧନଜୀବନକୁ ପ୍ରଭାବିତ କରିଛି। ଦିପାବଳୀ ଅବସରରେ ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ଲୋକଙ୍କୁ ମାସକର ରାସନ୍, ଚାଉଳ, ପିଲା ମାନଙ୍କ ଉଦ୍ଦେଶ୍ୟରେ ସ୍କୁଲ ବ୍ୟାଗ୍ ଥିବା ୧୦୦ ରୁ ଉର୍ଦ୍ଧ ପ୍ୟାକେଟ୍ ଦିଆଯାଇଛି। ଅତିଥି ଭାବେ ବସ୍ତା ଏସଡିପିଓ ମାନସ ଦେଓ, ପ୍ରକୃତି ବନ୍ଧୁ ସୁମନ୍ତ ଜେନା, ସଂଗଠନର ଜିଲ୍ଲା ସଭାପତି ସଞ୍ଜୟ କୁମାର ମହାପାତ୍ର, ପ୍ରୋଗ୍ରାମ ଅଫିସର୍ ସାଲେସ ବିକ୍ରମ କୁମାର, କଷାଧକ ବିନୟ ଭୂଷଣ ସିଂ, ବରିଷ୍ଠ ସାମ୍ବାଦିକ ସୁବଳ ଚନ୍ଦ୍ର ଦାସ, ଅରି ପାଷ୍ଟରର ଜେନେରାଲ ମ୍ୟାନେଜର ରାମକୃଷ୍ଣ ପାଢ଼ୀ, ପ୍ରମୁଖ ଯୋଗଦେଇ ଏହି କୁ ରିଲିଫ ବଣ୍ଟନ କରିଥିଲେ।

## କାଳୀ ମନ୍ଦିରରେ କାଳୀପୂଜା ସମ୍ପନ୍ନ

**ବାଲିଆପାଳ,୨୧।୧୦(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ କାଳିପଦା ବଜାର ଠାରେ ଥିବା କାଳି ମନ୍ଦିରେ ମାକାଳୀଙ୍କର ପୂଜା ସମୋବାର ରାତିରେ ବହୁ ଆଡ଼ମ୍ବରେ ସମ୍ପନ୍ନ ହୋଇଛି। ବଜାର କମିଟିର ସଭାପତି ନିତ୍ୟାନନ୍ଦ ଦାସ ପୂଜା ରେ ସଂକଳ୍ପ ହୋଇଥିଲେ। ମୁଖ୍ୟ ପୂଜକ ସନ୍ତୋଷ କୁମାର ପଣ୍ଡାଙ୍କ ଦ୍ୱାରା ରାତି ପ୍ରାୟ ଦଶଟା ସମୟରେ ସୁବର୍ଣ୍ଣ ରେଖା ନଦୀରୁ ଘଟଉତୋଳନ କରି ଶହ ଶହ ଶ୍ରଦ୍ଧାଳୁ ମାନେ ପହଞ୍ଚିଥିଲେ। ମାଙ୍କ ର ସ୍ନାନ ପରେ ମାଙ୍କ ପୂଜା ଅର୍ଚ୍ଚନା ଆରମ୍ଭ କରାଯାଇଥିଲା। ଚଣ୍ଡୀପାଠ, ହୋମ୍ ଯଜ୍ଞ, ଆରତୀ ପରେ ଭୋର ପାଞ୍ଚଟାରେ ମଙ୍ଗଳ ଆଳତି ପରେ ପ୍ରସାଦ ସେବନ କରାଯାଇଥିଲା। ମଙ୍ଗଳବାର ଦିନ ପ୍ରାତଃରୁ ମାଙ୍କର ରାଜେରାଜଶ୍ୱରୀ ରୂପ ଦର୍ଶନ ପାଇଁ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ମନ୍ଦିର କମିଟିର ସଦସ୍ୟ ଓ ବଜାର କମିଟିର ସଦସ୍ୟ ମାନେ ଏହି ପୁଜାକୁ ପରିଚାଳନା କରୁଛନ୍ତି।ସେହିପରି ବାଲିଆପାଳର ଗୋପୀନାଥ ସୂତାକଳ ପରିସରରେ କାଳୀ ମନ୍ଦିରରେ ସମସ୍ତ ନୀତିକାନ୍ତି ସହିତ ପୂଜା ସମ୍ପନ୍ନ ହୋଇଛି।

## ରିଜର୍ଭ ପଡ଼ିଆରେ ୬୬ତମ ପୁଲିସ ଶହୀଦ ଦିବସ

● ଶହୀଦଙ୍କ ବଳିଦାନ ଆମର ଚିର ନମସ୍ୟ ;ଆରକ୍ଷୀ ଅଧିକ୍ଷକ



**ନୟାଗଡ଼,୨୧।୧୦(ସଂଚାର ବ୍ୟୁରୋ):** ନୟାଗଡ଼ ରିଜର୍ଭ ପଡ଼ିଆ ଠାରେ ୬୬ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇ ଶହୀଦ ସ୍ତମ୍ଭରେ ପୁଷ୍ପଗୁଚ୍ଛ ଦେଇ ଶହୀଦ ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତା' ପରେ ଶହୀଦଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ୧୯୫୯ମସିହାରେ ଚିନ୍ ସୈନିକଙ୍କ ଆକ୍ରମଣରେ ଲଦାଖରେ ୧୦ଭାରତୀୟ ଜବାନଙ୍କ ବଳିଦାନକୁ ଶହୀଦ ଦିବସ ଭାବେ ପାଳନ କରାଯାଉଛି। ଦେଶରେ ଏହାଭିତରେ ୩୯୦୦ରୁ ଅଧିକ ଜବାନ ଦେଶ ପାଇଁ ବଳିଦାନ ଦେଇଛନ୍ତି। ସେହିପରି ଭାବେ ନୟାଗଡ଼ରେ ହୋଇଥିବା ମାଓବାଦୀ ହମଲାରେ ଶହୀଦ ହୋଇଥିବା ବୀର ଜବାନଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଯେଉଁମାନେ ନୟାଗଡ଼ ମାଟି ମାଆ ପାଇଁ ବଳିଦାନ ଦେଇ ଶହୀଦ ହୋଇଛନ୍ତି, ସେମାନଙ୍କ ବଳିଦାନ ବ୍ୟର୍ଥ ଜିବନାହିଁ ଏବଂ ଶହୀଦ ବୀର ଜବାନଙ୍କ ଆମ ମାନଙ୍କ ପାଇଁ ଚିର ନମସ୍ୟ ବୋଲି ଉଦ୍ବୋଧନ ରଖିଥିଲେ ଆରକ୍ଷୀ ଅଧିକ୍ଷକ ଆଇପିଏସ୍ ଏସ ସୁଶ୍ରୀ। ଏହି କାର୍ଯ୍ୟକ୍ରମରେ ଡିଏସପି ସୁକାନ୍ତ କୁମାର ପାତ୍ର, ଦମନ ଚରଣ ଟୁଡୁ, ନୟାଗଡ଼ ଏସଡିପିଓ ଜ୍ୟୋତିରଂଜନ ସାମନ୍ତରାୟ, ଆଇଆଇସି ରଶ୍ମିରଂଜନ ପ୍ରଧାନ, ସଦର ଆଇଆଇସି ଶରତ କୁମାର ସେଠୀଙ୍କ ରିଜର୍ଭ ପୋଲିସ ଇନ୍ସପେକ୍ଟର ବିଜୟ କୁମାର ମୁଦୁଲି, ବିରଞ୍ଚ ନାରାୟଣ ସାହୁ ଓ ଧନଞ୍ଜୟ ବେହେରାଙ୍କ ସହ ବହୁ ପୋଲିସ୍ ଅଧିକାରୀ ଯୋଗଦେଇଥିଲେ।

## ନୂତନ ସଂଯୋଗୀକରଣ ରାସ୍ତା ନିର୍ମାଣ ଦାବି

**ଖଡ଼ିଆଳ,୨୧।୧୦(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ୍ ୱେ ସହ ଏନ୍‌ଏଚ୍ ୩୫୩କୁ ତିଖାଲି ପ୍ରକଳ୍ପର ମୁଖ୍ୟ ଫାଟକ ପର୍ଯ୍ୟନ୍ତ ଏକ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବାକୁ ଦାବି ହେଉଛି। ଏହା ହେଲେ ଜିଲାର ୫ ଗୋଟି ବ୍ଲକ୍‌କୁ ଗମନାଗମନ କ୍ଷେତ୍ରରେ ଉନ୍ନତି ଘଟିବ ବୋଲି ମତପ୍ରକାଶ ପାଇଛି। ପୂର୍ବରୁ ତିଖାଲି ଗ୍ରାମ ଦେଇ ଅନେକ ସ୍ଥାନରେ କଂକ୍ରିଟ ସଡ଼କ ନିର୍ମାଣ ହୋଇଛି। ସଂଯୋଗୀକରଣ ରାସ୍ତା ହେଲେ ତାହା ଖଡ଼ିଆଳ ଡାହାଣ କେନାଲ ଦେଇ ହୁଡ଼ା ପାଖରେ ବିଜୁ ଏକ୍ସପ୍ରେସ୍‌କୁ ସଂଯୋଗ କରିବ। ଏହାଦ୍ୱାରା ଉପକାଗଙ୍ଗା, ଝରଣାମାଲ ଏବଂ ସୁନାବେଢ଼ା, ଖୋଲିଭିତର, ନାଗପଡ଼ା, ଭୁଇପାଣି, ଛୁଇଁପାଣି ଗ୍ରାମର ଲୋକେ ଉପକୃତ ହୋଇପାରିବେ। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## 'ମାଓବାଦୀ ଧରାନ୍ତୁ ପୁରସ୍କାର ପାଆନ୍ତୁ' ପୋଷ୍ଟର



**କଲ୍ୟାଣସିଂପୁର,୨୧।୧୦ (ସଂଚାର ବ୍ୟୁରୋ):** ନିୟମଗିରି ପାହାଡ଼ ଅଞ୍ଚଳ ପୁନର୍ବାର ମାଓବାଦୀ ଚଳପ୍ରଚଳରେ ଗରମ ହେବାର ସଙ୍କେତ ମିଳିଛି। ଶେଷ କିଛି ଦିନ ଧରି ଏହି ଅଞ୍ଚଳର ନିୟମଗିରି, ବିଶାମକଟକ, ମୁନିଗୁଡ଼ା, ଓ କାଶିପୁର ବ୍ଲକର ଅନେକ ଗାଁରେ ମାଓବାଦୀ ଧରାନ୍ତୁ ପୁରସ୍କାର ପାଆନ୍ତୁ ଲେଖା ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଏହି ପୋଷ୍ଟରରେ ଚାରି ଜଣ ପ୍ରମୁଖ ମାଓବାଦୀଙ୍କ ଫଟୋ ସହ ତାଙ୍କ ବିରୁଦ୍ଧରେ ସୂଚନା ଦେଲେ ପୁଲିସ ପକ୍ଷରୁ ଆର୍ଥିକ ପୁରସ୍କାର ମିଳିବ ବୋଲି ଉଲ୍ଲେଖ ରହିଛି। ଜିଲ୍ଲା ପୁଲିସ ଅଧିକାରୀଙ୍କ ଅନୁସାରେ, ନିୟମଗିରି ଅଞ୍ଚଳରେ ଗତ କିଛି ବର୍ଷ ଧରି ମାଓବାଦୀ ଚଳପ୍ରଚଳ ବଢ଼ିଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ଜୋରଦାର କରାଯାଇଛି। ମାଓବାଦୀ ଦମନକୁ ଗୁରୁତ୍ୱ ଦେଇ ପୁଲିସ ଏହି ନୂତନ ଅଭିଯାନ ଆରମ୍ଭ କରିଛି। ସାଧାରଣ ନାଗରିକମାନେ ଯଦି ମାଓବାଦୀମାନଙ୍କ ଆଶ୍ରୟ ସ୍ଥଳ ଚଳପ୍ରଚଳ ବା ସଂପର୍କିତ ନିଶ୍ଚିତ ସୂଚନା ପୁଲିସକୁ ଦେଇ ସହଯୋଗ କରନ୍ତି, ତେବେ ସେମାନଙ୍କୁ ଗୋପନୀୟ ଭାବେ ପୁରସ୍କୃତ କରାଯିବ। ପୁଲିସ ଅଧିକାରୀମାନଙ୍କ କହିବା ଅନୁଯାୟୀ, ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ସ୍ଥାପନ କରିବା ସହିତ ଯୁବକ ଗୋଷ୍ଠୀଙ୍କୁ ମାଓବାଦୀ ଚିନ୍ତାଧାରାରୁ ଦୂରେଇ ରଖିବା। ପୁଲିସ ଗାଁ ଲୋକଙ୍କୁ ସଚେତନ ହେବାକୁ, ଅପରିଚିତ ବ୍ୟକ୍ତି ଦେଖିଲେ ତୁରନ୍ତ ସୂଚନା ଦେବାକୁ ଓ ମାଓବାଦୀମାନଙ୍କ ଆକର୍ଷଣରେ ନପଡ଼ିବାକୁ ଅନୁରୋଧ କରିଛି। ସ୍ଥାନୀୟ ଅଞ୍ଚଳରେ ଏହି ପୋଷ୍ଟର ଲାଗିବା ପରେ ଲୋକମାନଙ୍କ ମଧ୍ୟରେ କିଛି ଭୟ ଓ ଉତ୍ସୁକତା ସୃଷ୍ଟି ହୋଇଛି। କିଛି ଗାଁ ଲୋକ କହିଛନ୍ତି ଯେ, ଗତ କିଛି ସପ୍ତାହ ଧରି ଜଙ୍ଗଲ ମାଝିରେ ଅଜଣା ଲୋକ ଗତିବିଧି ଦେଖାଯାଇଛି। ଏହି ପରିସ୍ଥିତିକୁ ନଜରରେ ରଖି ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ସୀମାରେ ସଂଯୁକ୍ତ ପୁଲିସ ଓ ସିଆରପିଏଫ ପାଟ୍ରୋଲିଂ ଆରମ୍ଭ ହୋଇଛି।

## ପ୍ରେସ କ୍ଲବ ପକ୍ଷରୁ ଦିନିକିଆ ମାଗଣା ସ୍ୱାସ୍ଥ୍ୟ ଶିବିର

**ଯାଜପୁର ରୋଡ଼, ୨୧।୧୦(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରରେ ପ୍ରେସକ୍ଲବ ଯାଜପୁର ରୋଡ ଏବଂ ଉତ୍କଳ ହସ୍ପିଟାଲ ମିଳିତ ଆନୁକୁଲ୍ୟରେ ବ୍ୟାସଦେବ ଟାଉନହଲ ଠାରେ ଏକ ଦିନିକିଆ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ଚଳିତ ମାସ ଆସନ୍ତା ୨୩ତାରିଖ ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହି ସ୍ୱାସ୍ଥ୍ୟ ଶିବିରର କ୍ଲବ ତରଫରୁ ଆୟୋଜନ କରାଯାଉଛି। ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ ଶିବିରକୁ ଉଦଘାଟନ କରିବେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଏସପି ଯଶପ୍ରତାପ ଶ୍ରୀମଲ, ସିଡିଏମଓ ବିଜୟ କୁମାର ମିଶ୍ର, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।